# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୨୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 28/2023 Page 16 ₹ 7.00 | DHENKANAL

୪୯ଶ ଭାଗ ୧୮୨ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 49 ISSUE 182 ମୂଲ୍ୟ ₹୭/-




## ସଂକ୍ଷେପରେ

### ଠକେଇ ଅଭିଯୋଗରେ ଯୁବକ ଅଟକ

**ଅନୁଗୋଳ ଅଫିସ, ୨୭ା୫:** ଅନୁଗୋଳ ଥାନା ଅମଲାପଡ଼ାର ଜଣେ ବ୍ୟବସାୟୀଙ୍କୁ ୨ ହଜାର ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଶନିବାର ଅଟକ ରଖିଛି। ସୂଚନା ଅନୁଯାୟୀ, ଅମଲାପଡ଼ା ଠାରେ ଥିବା ଏକ ଦୋକାନରେ ଶୁକ୍ରବାର ଯୁବକ ଜଣକ ପହଞ୍ଚି ବ୍ୟବସାୟୀଙ୍କ ଠାରୁ ୨ ହଜାର ଟଙ୍କା କ୍ୟାଶ ନେବା ସହ ଫୋନ୍ ପେ ଜରିଆରେ ଟଙ୍କା ଦେବାକୁ କହିଥିଲେ। ସମ୍ପୃକ୍ତ ବ୍ୟବସାୟୀ ମଧ ବିଶ୍ୱାସରେ ଟଙ୍କା ଦେଇଦେଇଥିଲେ। ଏହାପରେ ଯୁବକ ଜଣକ ଫୋନ ପେ ଜରିଆରେ ଟଙ୍କା ପଠାଇଥିବା କହି ପଳାଇ ଯାଇଥିଲେ। କିନ୍ତୁ ପରେ ଟଙ୍କା ଆକାଉଣ୍ଟକୁ ଆସି ନ ଥିବା ଜାଣି ବ୍ୟବସାୟୀ ଜଣକ ଯୁବକଙ୍କୁ ଖୋଜାଖୋଜି କରିଥିଲେ। ଶନିବାର ସକାଳେ ସମ୍ପୃକ୍ତ ଯୁବକ ସେଠାରେ ବୁଲୁଥିବା ବେଳେ ବ୍ୟବସାୟୀ ତାଙ୍କୁ ପଚରାଉଚରା କରିବା ସହ ତାଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ।

### କୁକୁର ଭୁକିବାରୁ ଥାନାରେ ଅଭିଯୋଗ

**ଅନୁଗୋଳ ଅଫିସ, ୨୭ା୫:** ଅନୁଗୋଳ ସହର ଶିମିଳିପଡ଼ା ଅଞ୍ଚଳରେ ରହୁଥିବା ଜଣେ ଯୁବକ ଶନିବାର ସନ୍ଧ୍ୟାରେ ଅନୁଗୋଳ ଥାନାରେ ପହଞ୍ଚି ପଡ଼ୋଶୀ ଘରେ ଥିବା ବିଦେଶୀ କୁକୁର ଭୁକିବାରୁ ସେ ଶୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ଲିଖିତ ଭାବେ ଅଭିଯୋଗ କରିବାକୁ କହିବା ପରେ ସେ ଅଭିଯୋଗ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶିମିଳପଡ଼ାରେ ରହୁଥିବା ଏକ ବ୍ୟାଙ୍କର ଆଶିଷ୍ଟାଣ୍ଟ ମ୍ୟାନେଜର ତାଙ୍କ ପଡ଼ୋଶୀଙ୍କ ବିରୋଧରେ ଏପରି ଅଭିଯୋଗ ଆଣିଛନ୍ତି। ପୋଲିସକୁ ସେ କହିଛନ୍ତି, ତାଙ୍କର ହୃଦ୍‌ରୋଗ ରହିଛି। କିନ୍ତୁ ପଡ଼ୋଶୀଙ୍କ ଘରେ ପୂର୍ବରୁ ଏକ କୁକୁର ଥିବାବେଳେ ଏବେ ଆଉ ଏକ ବିଦେଶୀ କୁକୁର ଆଣି ରଖିଛନ୍ତି। ଉକ୍ତ କୁକୁର ଦିନରାତି ଭୁକୁଥିବାରୁ ସେ ଭଲ ଭାବେ ଶୋଇପାରୁନାହାନ୍ତି। ଫଳରେ ଅଧିକ ଅସୁସ୍ଥ ହୋଇପଡୁଛନ୍ତି। ତେଣୁ ସେଠାରୁ ଭଡ଼ାରେ ରହୁଥିବା ପଡ଼ୋଶୀଙ୍କୁ ହଟାଇବାକୁ ବ୍ୟାଙ୍କ ଅଧିକାରୀ ଜଣକ ପୋଲିସକୁ ଅନୁରୋଧ କରିଛନ୍ତି।

### ଔଷଧ ଦୋକାନୀଙ୍କ ବିୟୋଗ



**ଆଠମଲ୍ଲିକ, ୨୭ା୫ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ କୁଟେଶ୍ୱର ଗ୍ରାମର ଔଷଧ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦେହୁରୀ (୪୮)ଙ୍କ ଶନିବାର ଅକାଳ ବିୟୋଗ ହୋଇଯାଇଛି। ସହରସ୍ଥିତ ବସ୍‌ଷ୍ଟାଣ୍ଡ ନିକଟରେ ତାଙ୍କର ଏକ ଔଷଧ ଦୋକାନ ଓ ପାଥୋଲାବ ରହିଛି। ସେ କିଛି ଦିନ ହେଲା ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ତଥା ନଅଗାଁ ସରପଞ୍ଚ ସ୍ୱିଗ୍ଧା ଦେହୁରୀ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ହନୁମାନ ବଜାର ବନ୍ଦ ରଖାଯାଇଥିବା ସୂଚନା ମିଳିଛି।

# ସମ୍ପର୍କରେ ସନ୍ଦେହରୁ ହତ୍ୟା

**ନାବାଳିକାଙ୍କ ତଣ୍ଟି କାଟିଥିବା ଅଭିଯୁକ୍ତ ଗିରଫ**

- ଝାରସୁଗୁଡ଼ାରେ ଅଭିଯୁକ୍ତଙ୍କୁ ମାଡ଼ି ବସିଲା ପୋଲିସ
- ହତ୍ୟାକାଣ୍ଡସ୍ଥଳକୁ ନେଇ କଲା ସିନ୍ ରିକ୍ରିଏଶନ୍
- ଭାଇରାଲ ହେଉଛି ଫେସବୁକ୍ ପୋଷ୍ଟ ଫଟୋ

**ଅନୁଗୋଳ ଅଫିସ, ୨୭ା୫**



ନାବାଳିକାଙ୍କ ଘରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରୁଛି।

ବର୍ଷେ ହେଲା ନାବାଳିକାଙ୍କୁ ଜାଣିଥିଲେ। ଫୋନ ମାଧ୍ୟମରେ ସମ୍ପର୍କ ବଢ଼ାଇଥିଲେ। ମଝିରେ ମଝିରେ ଦେଖା ସାକ୍ଷାତ କରୁଥିଲେ। ହେଲେ ହଠାତ୍ ସବୁକିଛି ଠପ୍ ହୋଇଯାଇଥିଲା। ବାରମ୍ବାର ଉଦ୍ୟମ ସତ୍ତ୍ୱେ ଯୋଗାଯୋଗ ହୋଇପାରୁ ନ ଥିଲା। ଫୋନ, ମେସେଜର କିଛି ଉତ୍ତର ମିଳୁ ନ ଥିଲା। ଦିନ ଯେତିକି ଗଡୁଥିଲା, ସମ୍ପର୍କରେ ସନ୍ଦେହ ସେତିକି ଦୃଢ଼ ହେଉଥିଲା। ତେଣୁ ସେହି ସମ୍ପର୍କର ଶେଷ କରିଦେବାକୁ ଚରମ ନିଷ୍ପତ୍ତି ନେଇ ଘରେ ପଶି ନାବାଳିକାଙ୍କ ତଣ୍ଟି କାଟିଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଝାରସୁଗୁଡ଼ାରୁ ଧରାପଡ଼ିବା ପରେ ବହୁଚର୍ଚ୍ଚିତ କୁଇଓ ନାବାଳିକା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ରଞ୍ଜନ ବେହେରା (୨୫) ଅନୁଗୋଳ ସଦର ପୋଲିସ ସମ୍ମୁଖରେ ଏପରି ଚାଞ୍ଚଲ୍ୟକର ବୟାନ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରଞ୍ଜନଙ୍କ ଏହି ସ୍ୱୀକାରୋକ୍ତି ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଛି। ତେବେ ଧରାପଡ଼ିବା ପୂର୍ବରୁ ରଞ୍ଜନ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ନାବାଳିକାଙ୍କ ସହ ତାଙ୍କର ଏକାଧିକ ଫଟୋ ଅନୁଗୋଳରେ ଭାଇରାଲ ହୋଇଛି।

ସୂଚନା ଅନୁଯାୟୀ, ଗତ ୮ ତାରିଖରେ ଅନୁଗୋଳ ସଦର ଥାନା କୁଇଓ ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ପଶି ତଣ୍ଟି କାଟି ହତ୍ୟା କରାଯାଇଥିଲା। ସମ୍ପୃକ୍ତ ନାବାଳିକାଙ୍କ ପୈତୃକ ଘର ତାଳଚେର ବ୍ଲକ ଡଅଁରା ଅଞ୍ଚଳରେ ହୋଇଥିବା ବେଳେ ମାତ୍ର ଏକମାସ ତଳେ ସେ ପରିବାର ସହ କୁଇଓସ୍ଥିତ ନୂଆ ଘରକୁ ଆସିଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତା ନାବାଳିକାଙ୍କ ସହ ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ଅଭିଯୁକ୍ତ ରଞ୍ଜନଙ୍କ ପରିଚୟ ଥିଲା। ରଞ୍ଜନ ଜଣେ ରାଜନେତାଙ୍କ ଗାଡ଼ି ଚଳାଉଥିଲେ। ବର୍ଷକର ପରିଚୟ ମଧ୍ୟରେ ରଞ୍ଜନ ନିୟମିତ ନାବାଳିକାଙ୍କ ସହ ଫୋନରେ କଥା ହେଉଥିଲେ। ମେସେଜ ଦେଉଥିଲେ। ଥରଟିଏ ନାବାଳିକାଙ୍କ ଘରକୁ ମଧ୍ୟ ବୁଲି ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ନାବାଳିକାଙ୍କ ସହ ଆଉ ଯୋଗାଯୋଗ କରିପାରୁ ନ ଥିଲେ। ଫୋନ କିମ୍ବା ମେସେଜରେ କଥାବର୍ତ୍ତା ହୋଇ ନ ପାରିବାରୁ ସେ ସନ୍ଦେହରେ ପଡ଼ିଥିଲେ। ସବୁ ଚେଷ୍ଟା ବିଫଳ ହେବା ପରେ ସେ ରକ୍ତମୁଖା ହୋଇ ଗତ ୮ ତାରିଖ ପୂର୍ବାହ୍ନ ୮ଟା ୩୦ରେ ଏକ ବାଇକ୍‌ରେ କୁଇଓ ଆସିଥିଲେ। ନାବାଳିକାଙ୍କ ଘର ସମ୍ମୁଖରେ ଗାଡ଼ି ରଖି ଘର ଭିତରକୁ ଧସେଇ ପଶିଥିଲେ। ନାବାଳିକାଙ୍କ ମା' ବିରୋଧ କରିବାରୁ ତାଙ୍କୁ ଧକ୍କା ମାରି କବାଟ ବନ୍ଦ କରିଦେଇଥିଲେ। ଏହାପରେ ଏକ ରୁମ୍ ଭିତରକୁ ପଶି ନାବାଳିକାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ଫେରାର ରଞ୍ଜନଙ୍କୁ ଧରିବାକୁ ସଦର ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଥିଲା। ତେବେ ହତ୍ୟା ଘଟଣାର ୧୮ ଦିନ ପରେ ପୋଲିସ ରଞ୍ଜନଙ୍କୁ ଧରିବାରେ ସଫଳ ହୋଇଛି। ହତ୍ୟାକାଣ୍ଡ ଘଟାଇବା ପରେ ରଞ୍ଜନ ଚପଲ ଓ ଛୁରି ଛାଡ଼ି ମୋଟରସାଇକେଲରେ ଅନୁଗୋଳ ଅଭିମୁଖେ ଯାଇଥିଲେ। ସହର ଭିତର ରାସ୍ତା ଦେଇ ତାମ୍ରିତ୍ କଲୋନୀ ପରେ ଇଣ୍ଡଷ୍ଟ୍ରି ଛକ, ହାଟଛକ ଦେଇ ମହୀଧରପୁରକୁ ଯାଇଥିଲେ। ସେଠାରୁ ବନ୍ତଲା, ବଡ଼କେରା, ଅନ୍ତୁଳିଆ ଓ ପରେ ଠାକୁରଗଡ଼ ଦେଇ ଆଠମଲ୍ଲିକରେ ପହଞ୍ଚି ୨ ରାତି ରହିଥିଲେ। ଏହାପରେ ରେଢ଼ାଖୋଲ ଦେଇ ଝାଡ଼ସୁଗୁଡ଼ା ଚାଲିଯାଇଥିଲେ। ସେଠାରେ ଏକ ମୋବାଇଲ ଦୋକାନକୁ ଯାଇ ଜଣେ ସମ୍ପର୍କୀୟଙ୍କୁ ଫୋନ୍ କରି ଟଙ୍କା ମାଗିଥିଲେ। କିନ୍ତୁ ଟଙ୍କା ମିଳି ନ ଥିଲା। ପରେ ସେ ଟ୍ରେନ୍‌ରେ ଦିଲ୍ଲୀ ଅଭିମୁଖେ ପଳାଇଯାଇଥିଲେ। ସେଠାରେ ଆର୍ଥିକ ସମସ୍ୟା ଦେଖାଦେବାରୁ ଟ୍ରେନ୍ ଯୋଗେ ଝାଡ଼ସୁଗୁଡ଼ା ଫେରି ପୂର୍ବରୁ ଯାଇଥିବା ମୋବାଇଲ ଦୋକାନରେ ପହଞ୍ଚି ଫୋନ ବିକ୍ରି କରିବାକୁ କହୁଥିବା ସମୟରେ ଅନୁଗୋଳ ସଦର ପୋଲିସର ୪ ଜଣିଆ ଟିମ୍ ତାଙ୍କୁ ମାଡ଼ି ବସିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ଅଭିଯୁକ୍ତ ରଞ୍ଜନଙ୍କୁ ଝାରସୁଗୁଡ଼ାରୁ ଧରାଯାଇ ଅନୁଗୋଳ ଅଣାଯିବା ପରେ ଶନିବାର ତାଙ୍କୁ ପଚରାଉଚରା ସହ ଗିରଫ କରାଯାଇଛି। ଅପରାହ୍ନରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ହତ୍ୟାକାଣ୍ଡସ୍ଥଳକୁ ନେଇ ଘଟଣାର ସିନ୍ ରିକ୍ରିଏଶନ୍ କରାଯାଇଛି।

## ଗାଡ଼ି, ମୋବାଇଲ ବିକିବାକୁ ଥିଲା ଯୋଜନା



ଅନୁଗୋଳରୁ ଫେରାର ହୋଇ ୧୧ ତାରିଖରେ ଝାରସୁଗୁଡ଼ାରେ ରଞ୍ଜନ ପହଞ୍ଚିବା ପରେ ସେଠାକାର ମେଡିକାଲ ପରିସରରେ ବାଇକ୍ ରଖି ଟ୍ରେନ୍‌ରେ ଦିଲ୍ଲୀ ପଳାଇ ଯାଇଥିଲେ। ହେଲେ ଦିଲ୍ଲୀରୁ ଫେରିବା ପରେ ଅଧିକ ଟଙ୍କା ପାଖରେ ନ ଥିବାରୁ ମେଡିକାଲରୁ ବାଇକ୍ ଆଣି ବିକ୍ରି କରିଦେବାକୁ ଯୋଜନା କରିଥିଲେ। ଏଥିସହ ମୋବାଇଲ ଫୋନ୍ ମଧ୍ୟ ବିକି ଦେବାକୁ ଚିନ୍ତା କରିଥିଲେ। କିନ୍ତୁ ସେଥିରେ ସଫଳ ହେବା ପୂର୍ବରୁ ପୋଲିସ ତାଙ୍କ ନିକଟରେ ପହଞ୍ଚି ସାରିଥିଲା।

## ଭାଇରାଲ କଲେ ନାବାଳିକାଙ୍କ ସହ ଫଟୋ

ପୋଲିସ ହାତରେ ଧରାପଡ଼ିବା ପୂର୍ବରୁ ଅଭିଯୁକ୍ତ ରଞ୍ଜନ ନାବାଳିକାଙ୍କ ସହ ବିଭିନ୍ନ ସ୍ଥାନରେ ଉଠାଇଥିବା ଫଟୋ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଇଥିଲେ। ଉକ୍ତ ଫଟୋଗୁଡ଼ିକ ମଧ୍ୟରୁ ଏକାଧିକ ଫଟୋ ନାବାଳିକାଙ୍କ ଘରେ ଉଠାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଫଟୋଗୁଡ଼ିକ ଅନୁଗୋଳର ଗୋଟିଏ ପରେ ଗୋଟିଏ ମୋବାଇଲକୁ ଘୂରି ବୁଲୁଥିବା ବେଳେ ଏହା ଘଟଣାକୁ ଅଧିକ ଚର୍ଚ୍ଚିତ କରିଦେଇଛି।




ଅଭିଯୁକ୍ତ ରଞ୍ଜନଙ୍କ ଫେସବୁକ୍ ଆକାଉଣ୍ଟରୁ ପୋଷ୍ଟ କରାଯାଇଥିବା ଫଟୋ।

## ଫୋନ୍ କଲ୍‌ରୁ ମିଳିଲା ଠିକଣା



ସିନ୍ ରିକ୍ରିଏଶନ କରିବାକୁ କୁଇଓ ଗାଁକୁ ପୋଲିସ ଯାଉଛି।

କୁଇଓ ନାବାଳିକା ହତ୍ୟାକାଣ୍ଡ ସଦର ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଥିବାବେଳେ ଇତିମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ବଦଳି ହୋଇଯାଇଥିଲା। ତେଣୁ ନୂତନ ତଦନ୍ତକାରୀ ଅଧିକାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗଠନ କରାଯାଇଥିବା ୩ ଟିମ୍ ମଧ୍ୟରୁ ୨ଟି ଟିମ୍ ଜିଲା ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଡେରା ପକାଇଥିଲା। ଏକ ୪ ଜଣିଆ ଟିମ୍ ଛତିଶଗଡ଼ରେ ଖୋଜାଖୋଜି କରିଥିଲା। କିନ୍ତୁ ସେଠାରୁ ନିରାଶ ହୋଇ ଝାଡ଼ସୁଗୁଡ଼ାକୁ ଫେରିଥିଲା। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଟିମ୍ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ରଞ୍ଜନ ଝାରସୁଗୁଡ଼ାରେ ଥିବା ଫୋନ କଲ୍ ଆସିଥିଲା। ରଞ୍ଜନ ନିଜ ମୋବାଇଲ ବିକ୍ରି କରିବାକୁ ଏକ ଦୋକାନକୁ ଯାଇ କଥା ହେଉଥିବା ଖବର ପୋଲିସ ପାଖରେ ପହଞ୍ଚି ଯାଇଥିଲା। ତୁରନ୍ତ ୪ ଜଣିଆ ଟିମ୍ ସେଠାରେ ପହଞ୍ଚି ରଞ୍ଜନଙ୍କୁ କାବୁ କରି ନେଇଥିଲା।

## ପାଖରେ ଥିଲା ୩ ହଜାର ଟଙ୍କା

କୁଇଓରେ ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ରଞ୍ଜନ ବାଇକ୍‌ରେ ଫେରାର ହୋଇଯାଇଥିଲେ। କୁଇଓରୁ ଅନୁଗୋଳ ସହରକୁ ଆସିବା ପରେ ସେଠାରୁ ଆଠମଲ୍ଲିକ ଯାଇ ୨ ରାତି ଆତ୍ମଗୋପନ କରିଥିଲେ। ଏହାପରେ ରେଢ଼ାଖୋଲ ଦେଇ ସମ୍ବଲପୁର ଓ ୧୧ ତାରିଖରେ ଝାଡ଼ସୁଗୁଡ଼ାରେ ପହଞ୍ଚିଥିଲେ। ପାଖରେ ୩ ହଜାର ଟଙ୍କା ଥିବାରୁ ଜଣଙ୍କୁ ଫୋନ୍ କରି ଆଉ କିଛି ଟଙ୍କା ମାଗିଥିଲେ। କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅଧିକ ଟଙ୍କା ପାଖରେ ନ ଥିଲେ ମଧ୍ୟ ସେ ୧୨ ତାରିଖରେ ଟ୍ରେନ୍ ଧରି ଦିଲ୍ଲୀ ଅଭିମୁଖେ ଚାଲିଯାଇଥିଲେ। କିନ୍ତୁ ଟଙ୍କା ସରିଆସୁଥିବାରୁ ସେଠାରୁ ବାଧ ହୋଇ ଟ୍ରେନ୍ ଯୋଗେ ଝାଡ଼ସୁଗୁଡ଼ା ଫେରି ଆସିଥିଲେ। ସେତେବେଳକୁ ପାଖରେ ଆଉ ମାତ୍ର ୫ଶହ ଟଙ୍କା ଥିଲା। ତେଣୁ ମୋବାଇଲ ବିକିବାକୁ ଉଦ୍ୟମ କରିବା ବେଳେ ପୋଲିସ ହାତରେ ଅଭିଯୁକ୍ତ ଧରାପଡ଼ି ଯାଇଥିଲେ।

## ରଞ୍ଜନଙ୍କୁ ଦେଖିବାକୁ ଗାଁ ଲୋକଙ୍କ ଗହଳି

ଅନୁଗୋଳ ସଦର ଥାନା ପୋଲିସ ଶନିବାର ଅପରାହ୍ନ ୪ଟାରେ ଅଭିଯୁକ୍ତ ରଞ୍ଜନଙ୍କୁ ଧରି କୁଇଓରେ ସିନ୍ ରିକ୍ରିଏଶନ ପାଇଁ ପହଞ୍ଚିଥିଲା। ଏହାପୂର୍ବରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ସେଠାରେ ୧୦ ପୋଲିସ ଅଧିକାରୀଙ୍କ ସହ ଗୋଟିଏ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ତେବେ ରଞ୍ଜନଙ୍କୁ ନେଇ ପୋଲିସ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ଦେଖିବାକୁ ଗାଁ ଲୋକେ ଭିଡ଼ ଜମାଇଥିଲେ। ପୋଲିସ ଉକ୍ତ ଅଞ୍ଚଳକୁ ନିଜ କବ୍‌ଜାକୁ ନେବା ପରେ ଅନୁଗୋଳ ଏସ୍‌ଡିପିଓ ରଞ୍ଜନ ମହାଳିକ ଓ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ରଞ୍ଜନଙ୍କୁ ନାବାଳିକାଙ୍କ ଘରକୁ ନେଇ ସିନ୍ ରିକ୍ରିଏଶନ ଆରମ୍ଭ କରିଥିଲେ। ବାଇକ୍‌ରେ ଆସିଥିବା ରଞ୍ଜନ କିପରି ଘର ମଧ୍ୟକୁ ଧସେଇ ପଶିଲେ, ମା'ଙ୍କୁ ଧକ୍କା ମାରି ନାବାଳିକାଙ୍କୁ ନେଇ ରୁମ୍ ଭିତରକୁ ଗଲେ ଓ ସେଠାରେ ଖଟରେ ପକାଇ ତାଙ୍କ ତଣ୍ଟି କାଟିଦେବା ସହ ଛାତରୁ ଡେଇଁ ଫେରାର ମାରିଲେ ତାହାର ଡେମୋ ଗୋଟି ଗୋଟି କରି ଦେଖାଇଥିଲେ। ଏହି ସିନ୍ ରିକ୍ରିଏଶନ ସମୟରେ ନାବାଳିକାଙ୍କ ପରିବାର ସ୍ତବ୍ଧ ହୋଇଯାଇଥିଲେ।



ଅଭିଯୁକ୍ତ ରଞ୍ଜନଙ୍କୁ ଦେଖିବାକୁ ଆସିଥିବା କୁଇଓ ଅଞ୍ଚଳବାସୀଙ୍କୁ ପୋଲିସ ଅଟକାଇ ରଖିଛି।



ସିନ୍ ରିକ୍ରିଏଶନ ବେଳେ କୁଇଓ ପୋଲିସ ଛାଉଣୀରେ ପରିଣତ ହୋଇଛି।

# ବଦଳିଲେ ବସଲା ଜେଇ

**ଅନୁଗୋଳ ଅଫିସ, ୨୭ା୫**

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମହେଶ୍ୱତା ଦାସଙ୍କୁ ବସଲା ପଞ୍ଚାୟତରୁ ଅପସରଣ କରାଯାଇଛି। ତାଙ୍କୁ ବନ୍ତଲା, ଖଲାରୀ, ଇଙ୍କରବନ୍ଧ, ବେଢ଼ାଶାସନ ଓ କୁମୁରିସିଂହା ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ବେହେରାଙ୍କୁ ବସଲା ଜେଇ ଭାବେ ଦାୟିତ୍ୱ ଦିଆଯାଇଛି। ବସଲା ପଞ୍ଚାୟତ ସହିତ ସେ ବଲାସିଂହା ଓ ମୁଖ୍ୟାଳୟ ଦାୟିତ୍ୱରେ ରହିବେ ବୋଲି ଚିଠି ନଂ ୨୧୩୧/୨୬.୫.୨୦୨୩ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପଞ୍ଚାୟତ ଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ଅଧିକ ସହଜ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କ ଦାୟିତ୍ୱ ଅଦଳବଦଳ କରାଯାଇଛି। କନିଷ୍ଠ ଯନ୍ତ୍ରୀ ଛାୟାକାନ୍ତ ଦେହୁରୀଙ୍କୁ ବଲଙ୍ଗ, ଅନ୍ତୁଳିଆ, ଟାଇଁସି, କୋଠଭୂଇଁ, ଅଙ୍ଗାରବନ୍ଧ, କାଙ୍ଗୁଲା, ବେନ୍ତପୁର ଦାୟିତ୍ୱ ପ୍ରଦାନ କରାଯାଇଛି। ମାନସ ରଞ୍ଜନ ସାହୁଙ୍କୁ ଟିକରପଡ଼ା, ଜଗନ୍ନାଥପୁର, ପୁରୁଣାକୋଟ, ବାଲୁଅକଟା, ଧୋକୁଟା, ପୋକତୁଙ୍ଗା ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଣତୀ ମାଝିଙ୍କୁ ଖିଣ୍ଡା, ଗଡ଼ତରାସ, ଶଙ୍ଖପୁର, ଛେଳିଆପଡ଼ା ଓ ନନ୍ଦପୁର ଦାୟିତ୍ୱ ପ୍ରଦାନ କରାଯାଇଛି। କୁମୁଦୁନୀ ବେହେରାଙ୍କୁ ମାଟିଆସାହି, ବଡ଼କେରା, ମାଣିକଯୋଡ଼ି, ଶରଧାପୁର ଓ ଶୁଶୁଡ଼ା ଦାୟିତ୍ୱ ଦିଆଯାଇଥିବାବେଳେ ନିବେଦିତା ପ୍ରଧାନଙ୍କୁ ରନ୍ତଲେଇ, ନୂଆମୌଜା, ତଳଗଡ଼, ବାରଗୌଣିଆ ଓ ବଡ଼କନ୍ତକୂଳ ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, କନିଷ୍ଠଯନ୍ତ୍ରୀ ମହେଶ୍ୱତା ଦାସ ଉନ୍ନୟନ କାର୍ଯ୍ୟରେ ସହଯୋଗ କରୁ ନ ଥିବା ନେଇ ଜିଲାପାଳଙ୍କ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ବସଲା ସରପଞ୍ଚ ଚନ୍ଦନ ସାହୁ ଅଭିଯୋଗ କରିଥିଲେ। ସେହିପରି ବନ୍ତଲା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ମଧ୍ୟ ସାମାନ ଅଭିଯୋଗ ଆଣିଥିଲେ।

# ଜଙ୍ଗଲରୁ ଗାଡ଼ି, ଭଡ଼ାଘରୁ ମଦ ଜବତ

**ଅନୁଗୋଳ ଅଫିସ, ୨୭ା୫**

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ସରକାରୀ ମଦ ଡିପୋରୁ ମଦ ନେଇ ଢେଙ୍କାନାଳ ଭାପୁର ଯାଉଥିବା ଏକ ପିକ୍ ଅପ୍ ଭ୍ୟାନକୁ ଗୁରୁବାର ଅପହରଣ କରି ନିଆଯାଇଥିବା ବେଳେ ଶନିବାର ବନ୍ତଲା ପୋଲିସ ତାହାକୁ ଜବତ କରିଛି। ପୋଲିସ କହିଛି, ମଦ ବୋଝେଇ ଉକ୍ତ ଗାଡ଼ିକୁ କେତେଜଣ ଲୋକ ଅପହରଣ କରିନେଇଥିଲେ। ଚାଳକ ଓ ହେଲପରଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏହି ଘଟଣା ବଡ଼କେରା ଅଞ୍ଚଳରେ ଘଟିଥିବାବେଳେ ଗାଡ଼ିକୁ ନିଶା ଥାନା ଅଞ୍ଚଳରେ ଥିବା ଜଙ୍ଗଲକୁ ନିଆଯାଇଥିଲା। ଖବରପାଇ ବନ୍ତଲା ପୋଲିସ ଜଙ୍ଗଲରେ ଚଢ଼ାଉ କରି ୫ରୁ ଅଧିକ ଲୋକଙ୍କୁ ଅଟକ ରଖିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ପିଙ୍କୁ ଓରଫ ଆଶିଷ ନାଏକଙ୍କୁ ପୋଲିସ ଅଟକ ରଖିଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ପେଟି ମଦ ଏକ ଭଡ଼ା ଘରୁ ଜବତ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲୁଥିବା ଥାନା ଅଧିକାରୀ ସୁମିତ୍ରା ପାତ୍ର ସୂଚନା ଦେଇଛନ୍ତି।

# ସାମୂହିକ ଔଷଧ ସେବନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୨୭ା୫**

ଫାଇଲେରିଆ ରୋଗର ନିରାକରଣ ପାଇଁ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ୮୦ ଜଣ ପ୍ରଶିକ୍ଷକଙ୍କୁ ନେଇ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଅଗଷ୍ଟ ୧୦ ତାରିଖରୁ ଅନୁଗୋଳରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଅଣୁଯୋଜନା, ଗୋଷ୍ଠୀ ସଚେତନତା ଏବଂ ପ୍ରଚଳନ ହୋଇଥିବା ନୂତନ ଔଷଧ ସେବନ ପ୍ରଣାଳୀ ଉପରେ ଗୋଷ୍ଠୀସ୍ତରୀୟସ୍ୱାସ୍ଥ୍ୟ ପ୍ରତିନିଧିଙ୍କୁ ନେଇ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ତାଲିମ କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶଦାତା ଡା. ବିଶ୍ୱପ୍ରକାଶ ଦତ୍ତ, ପିସିଆଇ ରାଜ୍ୟ ପରିଚାଳକ ଡା. ଅଜିତ ବସନ୍ତରାୟ, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା.ଦିଲୀପ ପଟ୍ଟନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ଡା.ପୂର୍ଣ୍ଣିମା ଉଦ୍‌ଗାତା ଯୋଗଦେଇ ଏହି ରୋଗର ପ୍ରମୁଖ କାରଣ ଓ ନିରାକରଣ, ତୃଣମୂଳ ସ୍ତରରେ ସଚେତନତା ବୃଦ୍ଧି କରିବା ପାଇଁ ନେବାକୁ ଥିବା ପଦକ୍ଷେପ ଓ ଗୋଷ୍ଠୀ ସହଭାଗୀତା ସାମିଲର କୌଶଳ ଉପରେ ଅବଗତ କରିବା ସହ ଗୋଷ୍ଠୀସ୍ତରୀୟ ପ୍ରାକ୍ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବିନୋଦକୁମାର ସାହୁ, ଡା.ମାନସ ରଞ୍ଜନ ବିଶ୍ୱାଳ, ଡା. ବିଶ୍ୱ ବିଚିତ୍ରା ଜେନା, ଡା.ଶୁଭ୍ରା ଜେନା, ଡିପିଏମ ଦୀପକ ମହାନ୍ତି, ଜିଲା ପରାମର୍ଶଦାତା ନିରୂପମା ଦାସଙ୍କ ସମେତ ନାଲ୍‌କୋ, ଜିନ୍ଦଲର ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ’ ୨୮/୨୦୨୩ | Bhubaneswar, Sunday, May 28/2023





# ଆଜି ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ

**ନୂଆଦିଲ୍ଲୀ, ୨୭।୫(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଉପସ୍ଥିତ ରହିବେ। ସଂସଦର ଉଭୟ ସଦନର ସଦସ୍ୟମାନଙ୍କ ସମେତ ସମସ୍ତ ରାଜନୈତିକ ଦଳଙ୍କୁ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଛି। ଏନ୍‌ଡିଏର ୧୮ ☞ପୃଷ୍ଠା-୨

## ଆଜି ଆଇପିଏଲ୍ ଫାଇନାଲ

ଅହମ୍ମଦାବାଦ, ୨୭।୫: ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫାଇନାଲ ମ୍ୟାଚ୍ ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ୧୬ତମ ସଂସ୍କରଣର ଏହି ଟାଇଟଲ ମୁକାବିଲାରେ ପରସ୍ପରକୁ ଭେଟିବେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସ। ଚେନ୍ନାଇ ଧୋନୀଙ୍କ ନେତୃତ୍ୱରେ ୪ ଥର ଟାଇଟଲ ବିଜୟୀ ହୋଇଥିବାବେଳେ ଗୁଜରାଟ ଥରେ ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଉଭୟ ଦଳ ସମୁଦାୟ ୪ ଥର ପରସ୍ପର ବିପକ୍ଷରେ ଉପନୀତ ହୋଇଥିବା ବେଳେ ଗୁଜରାଟ ୩ ଥର ବାଜି ମାରିନେଇଛି। (ସବିଶେଷ ବିବରଣୀ ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

ପରିବର୍ତ୍ତନକୁ ବିରୋଧ




# ନୀତି ଆୟୋଗ ବୈଠକକୁ ଗଲେନି ୧୧ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୭।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ଗଭର୍ନିଂ କାଉନ୍‌ସିଲର ଅଷ୍ଟମ ବୈଠକକୁ ଗଲେନାହିଁ ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ। ସେମାନେ ହେଲେ ନବୀନ ପଟ୍ଟନାୟକ (ଓଡ଼ିଶା), ଅରବିନ୍ଦ କେଜ୍‌ରିୱାଲ (ଦିଲ୍ଲୀ), ଭଗୱନ୍ତ ମାନ୍ (ପଞ୍ଜାବ), ମମତା ବାନାର୍ଜୀ (ପଶ୍ଚିମବଙ୍ଗ), ଅଶୋକ ଗେହଲଟ (ରାଜସ୍ଥାନ), କେ. ଚନ୍ଦ୍ରଶେଖର ରାଓ (ତେଲଙ୍ଗାନା), ପିନାରାୟୀ ବିଜୟନ(କେରଳ), ଏମ୍.କେ. ଷ୍ଟାଲିନ୍ (ତାମିଲନାଡୁ), ସିଦ୍ଧାରାମାୟା (କର୍ନାଟକ) ଏବଂ ନୀତୀଶ କୁମାର (ବିହାର)। ସେହିପରି ଏନ୍‌ଡିଏ ଶାସିତ ରାଜ୍ୟ ☞ପୃଷ୍ଠା-୨

## ନବୀନ ବି ଯୋଗଦେଲେ ନାହିଁ

**ଭୁବନେଶ୍ୱର, ୨୭।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇନାହାନ୍ତି। ନବୀନ ଏବଂ ଅନ୍ୟ ୯ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ରହିବାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି। ଅନ୍ୟ ଦଳଗୁଡ଼ିକ ନିଜର ରାଜନୈତିକ କାରଣ ପାଇଁ ଅନୁପସ୍ଥିତ ରହିଥିବାବେଳେ କେନ୍ଦ୍ରର ଭାଜପା ☞ପୃଷ୍ଠା-୨









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଷୁରି କି କାହିଁ ପାଚିଲା କଦଳୀ**
**ଅନ୍ଧ ହସ୍ତେ ରତ୍ନ ମୁଦି,**
**ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରି**
**କୋରଡ ସୁମରି କାନ୍ଦି ।**

ଯେମିତି ଘୁଷୁରିକି ପାଚିଲା କଦଳୀ ରୁଚି ନ ଥାଏ ସେମିତି ଅନ୍ଧ ବ୍ୟକ୍ତିକୁ ରତ୍ନ ମୁଦି ଓ ପେଚାକୁ ସୁନା ପଞ୍ଜୁରି ଦେବା ନିରର୍ଥକ ବୋଲି ଜଣାଯାଇଥାଏ । ତେଣୁ ପ୍ରକୃତ ପଦାର୍ଥର ମୂଲ୍ୟ ବୁଝିବାକୁ ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲେ ମଧ ସେମାନେ ଏସବୁକୁ ବୁଝିବାରେ ଅସମର୍ଥ ହୁଅନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ଘଇତା ପଛକେ ମରୁ,**
**ସଉତୁଣୀ ରାଣ୍ଡ ହେଉ ।**

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର । ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖ କଷ୍ଟ ପାଉ । ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଇପିଏଲ୍ ଫାଇନାଲ ୨୦୨୩




# କୁଆଖାଇରେ ବୁଡି ୨ ଇଞ୍ଜିନିୟରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ନିକଟ କୁଆଖାଇ ନଦୀରେ ଶନିବାର ଗାଧୋଇବାବେଳେ ବୁଡ଼ିଯାଇ ଦୁଇ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ଭୁବନେଶ୍ୱର ଗାଡ଼କଣର ସ୍ମୃତି ସୌରଭ ପ୍ରଧାନ ଓ ଅନୁଗୋଳ ଜିଲା ରେଙ୍ଗାଲିର ସତ୍ୟଜିତ ଦାସ । ଉଭୟ ଘରୋଇ କମ୍ପାନୀରେ ଚାକିରି କରିବା ସହ ୱାର୍କ ଫ୍ରମ୍ ହୋମ୍‌ରେ କାମ କରୁଥିଲେ । ସୂଚନାନୁସାରେ, ସ୍ମୃତି ଓ ସତ୍ୟଜିତ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ କୁଆଖାଇ ନଦୀପଠାକୁ ବୁଲାବୁଲି କରିବାକୁ ଯାଇଥିଲେ । ମଜାମସ୍ତି କରିବା ପରେ ସନ୍ଧ୍ୟାରେ ସ୍ମୃତି ଓ ସତ୍ୟଜିତ ନଦୀ ଗର୍ଭକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ । ଆଖି ଆଗରେ ଦୁଇ ସାଙ୍ଗ ବୁଡିଯାଇଥିବା ଦେଖି ଉପରେ ଥିବା ଅନ୍ୟସାଙ୍ଗମାନେ ଚିତ୍କାର କରିଥିଲେ । ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବା ସହ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ପ୍ରଥମେ ସ୍ମୃତିଙ୍କୁ ପାଣିରୁ ଚେତାଶୂନ୍ୟ ଭାବେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ଏହାର ଘଣ୍ଟାଏ ପରେ ସତ୍ୟଜିତଙ୍କୁ ଉଦ୍ଧାର କରାଯାଇଥିଲା । ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

# ଆମ୍ବତୋଟାରେ ଧଳା ନାଗ

ନୟାଗଡ଼ ଅଫିସ,୨୭।୫

ନୟାଗଡ଼ ଜିଲା ରଣପୁର ବ୍ଲକ ଲାଖପଡ଼ା ଆମ୍ବତୋଟାରୁ ଶନିବାର ଏକ ବିରଳ ପ୍ରଜାତିର ଧଳା ନାଗ ସାପ ଉଦ୍ଧାର କରାଯାଇଛି । ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁର ଗାଁର ସାପଧରାଳି ଅଜୟ ଦାସ ୩ ଫୁଟ ଲମ୍ବର ଧଳା ସାପଟିକୁ ଧରି ପୁଣି ଛାଡି ଦେଇଥିଲେ । ଲାଖପଡ଼ା ଅଞ୍ଚଳରେ ଧଳାସାପ ଉଦ୍ଧାର ପରେ ସେଠାରେ ଏହି ପ୍ରଜାତିର ଅନ୍ୟ ସାପ ଥିବା ସନ୍ଦେହ କରାଯାଉଛି । ଲାଖପଡ଼ା



ଆମ୍ବତୋଟାରେ ସାପଟିକୁ ଏକାଧିକ କାଉ ଖୁମ୍ପୁଥିଲେ । ସେହି ସମୟରେ ସାପଧରାଳି ଅଜୟ ଦାସ ବ୍ୟକ୍ତିଗତ କାମରେ ସେହିବାଟ ଦେଇ ଯାଉଥିଲେ । ତାଙ୍କ ନଜର ସାପ ଉପରେ ପଡିଥିଲା । ତୁରନ୍ତ ସାପଟିକୁ ଉଦ୍ଧାର କରିଥିଲେ । ଏ କଥା ପ୍ରଚାରିତ ହେବା ପରେ ସାପକୁ ଦେଖିବାକୁ ଭିଡ଼ ଜମିଥିଲା । ପରେ ସାପକୁ ଲାଖପଡ଼ା ଜଙ୍ଗଲନିକଟସ୍ଥ ଜଳାଶୟ ପାଖରେ ଅଜୟ ଛାଡି ଦେଇଥିଲେ ।

# କୋଟିଆ ଡାକଘରୁ ଦେଶକୁ ଗଲା ଚିଠି

- **ଚିଠିରେ ଉଲ୍ଲେଖ ରହିଛି 'ଓଡ଼ିଶାରେ କୋଟିଆ'**
- **ଡାକ ବିଭାଗ ଦେଇଛି ଓଡ଼ିଶା ପିନ୍‌କୋଡ୍**

କୋରାପୁଟ,୨୭।୫(ସ୍ୱ.ପ୍ର.)

କୋରାପୁଟ ଜିଲାର କୋଟିଆ ହେଉଛି ଓଡ଼ିଶାର । ଏ ନେଇ କେନ୍ଦ୍ର ସରକାରଙ୍କ ଡାକ ବିଭାଗ ସ୍ୱୀକୃତି ଦେଇଥିବାରୁ ଓଡ଼ିଶା ଡାକ ବିଭାଗ ପକ୍ଷରୁ ଜାରି ହୋଇଛି କୋଟିଆର ପୋଷ୍ଟାଲ ଇଣ୍ଡେକ୍ସ କୋଡ୍ ୭୬୪୦୩୯ । ଶନିବାର ଏକ ଟିମ୍ କୋଟିଆ ଯାଇ ସେଠାରେ ଥିବା ଡାକଘରୁ କୋଟିଆର ଚିତ୍ର ଓ ପିନ୍‌କୋଡ୍ ଥିବା ଏକ ଲଫାଫାକୁ ଉନ୍ମୋଚନ କରିଛି । ଏଥିସହ ସେଠାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ, ଉଭୟ ରାଜ୍ୟର ସମସ୍ତ ବିଧାୟକଙ୍କ ସମେତ ଦେଶର ଅନେକଙ୍କୁ ସେଠାରୁ ଚିଠି ପଠାଯାଇଛି । ଉକ୍ତ ଚିଠିରେ ଓଡ଼ିଶାରେ କୋଟିଆ ବୋଲି ଉଲ୍ଲେଖ କରାଯାଇଛି । ଶନିବାର ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିକ ଆସୋସିଏଶନ, ଇପିଏର ବରିଷ୍ଠ ସଦସ୍ୟ ବିଶ୍ୱଜିତ ମହାନ୍ତି ଓ କର୍ମକର୍ତ୍ତା, ଇନ୍‌ଟାକ୍‌ର ଅନିଲ ଧୀରଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ପୂର୍ବତନ ଜିଲାପାଳ ସଞ୍ଜୀବ ହୋତା କୋଟିଆ ପୋଷ୍ଟ ଅଫିସ ଯାଇ ସ୍ୱତନ୍ତ୍ର କୋଟିଆ ନାମରେ ମୁଦ୍ରିତ ଲଫାଫା ଉନ୍ମୋଚନ କରିଛନ୍ତି । କୋଟିଆ ପୋଷ୍ଟାଲ ଇଣ୍ଡେକ୍ସ କୋଡ୍ ୭୬୪୦୩୯ ଓଡ଼ିଶା ପୋଷ୍ଟାଲ ଡିଭିଜନ ଅଧିକୃତ ହୋଇଛି । କେନ୍ଦ୍ର ସରକାର ଏହି ନମ୍ବର ମାଧ୍ୟମରେ କୋଟିଆ ଓଡ଼ିଶାର ବୋଲି ସ୍ୱୀକୃତି ପ୍ରଦାନ କରିଥିବା ଇନ୍‌ଟାକ୍‌ର ଅନିଲ ଧୀର କହିଛନ୍ତି । ସୁପ୍ରିମକୋର୍ଟରେ କୋଟିଆକୁ ନିଜର ବୋଲି ଦାବି କରି ଓଡ଼ିଶା ସରକାର ବିଭିନ୍ନ ଦଲିଲ ଉପସ୍ଥାପନ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଡାକ ବିଭାଗ କୋଟିଆକୁ ଓଡ଼ିଶାର ପିନକୋଡ୍ ପ୍ରଦାନ କରିବା ତଥ୍ୟ ଓଡ଼ିଶାର ପକ୍ଷକୁ ଆହୁରି ଅଧିକ ମଜଭୁତ କରିବ ବୋଲି ଇପିଏ ସଦସ୍ୟ ବିଶ୍ୱଜିତ୍ ମହାନ୍ତି କହିଛନ୍ତି । କୋଟିଆ ଯେ ଓଡ଼ିଶାର, ତାହା ସମସ୍ତଙ୍କୁ ଜଣାଇବା ପାଇଁ ଶନିବାର କୋଟିଆର ସ୍ୱତନ୍ତ୍ର ଲଫାଫାରେ ଚିଠି ପ୍ରେରଣ ଅଭିଯାନ ଆରମ୍ଭ କରାଯାଇଥିବା ପୂର୍ବତନ କୋରାପୁଟ ଜିଲାପାଳ ସଞ୍ଜୀବ ହୋତା କହିଛନ୍ତି । ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ୧୯୪୫ରେ ପାଟନାରେ ପ୍ରସ୍ତୁତ କରାଯାଇଥିବା ମାନଚିତ୍ରରେ କୋଟିଆ ପଞ୍ଚାୟତ ପଟ୍ଟାଙ୍ଗୀ-ତାଡିବାଲସା ହେରିଟେଜ୍ ରୋଡ୍ ଓଡ଼ିଶାର ବୋଲି ସ୍ପଷ୍ଟ ହେବା ଉଲ୍ଲେଖ ଅଛି । ଏଥିରୁ ସମଗ୍ର କୋଟିଆ ଅଞ୍ଚଳ ଓଡ଼ିଶା ସୀମା ମଧ୍ୟରେ ରହିଥିବା ସ୍ପଷ୍ଟ ହୋଇଛି । କୋଟିଆ ପଞ୍ଚାୟତର ନେରେଡିବାଲସା, ତାଡିବାଲସା, ଏଲାଙ୍ଗାବାଲସା ଭଳି ଗ୍ରାମଗୁଡିକରେ ଜୟପୁର ଜମିଦାରିରେ ଖଜଣା ବାନ୍ଧିଥିବା କାଗଜପତ୍ର, ଛୋଟବଡ଼ ମାନଚିତ୍ର ଭଳି ପ୍ରମାଣ ଓଡ଼ିଶା ସପକ୍ଷରେ ରହିଛି ।




କୋଟିଆର ଚିତ୍ର ଓ ପିନ୍‌କୋଡ୍ ଥିବା ଏକ ଲଫାପାକୁ ଉନ୍ମୋଚନ କରାଯାଉଛି ।

## ପ୍ରଥମ ପୃଷ୍ଠାରୁ...

### ଆଜି ନୂଆ ପାର୍ଲାମେଣ୍ଟ ...

ସହଯୋଗୀ ଦଳ ସମେତ ଅଣ ଏନ୍‌ଡିଏ ୭ ଦଳ କାର୍ଯ୍ୟକ୍ରମରେ ଯୋଗଦେବା ଆଶା କରାଯାଉଛି । ଯୋଗଦେବାକୁ ଥିବା ଅଣଏନ୍‌ଡିଏ ଦଳଗୁଡ଼ିକ ମଧ୍ୟରେ ଅଛନ୍ତି ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍), ଶିରୋମଣି ଅକାଳୀ ଦଳ, ବିଏସ୍‌ପି, ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ବିଜେଡି, ଟିଡିପି ଏବଂ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି । ଏହା ବ୍ୟତୀତ ୬୦ ଧର୍ମୀୟ ମୁଖ୍ୟଙ୍କୁ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି ।

ରବିବାର ସକାଳେ ପୂଜା ଓ ହୋମ ସହ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଉତ୍ସବ ଆରମ୍ଭ ହେବ । ଏହା ପରେ ଲୋକ ସଭା ସଦନରେ ସେନ୍‌ଗୋଲ ସ୍ଥାପନ କରାଯିବ । ପାର୍ଲାମେଣ୍ଟ ଲବିରେ ସର୍ବଧର୍ମ ପ୍ରାର୍ଥନା ସଭା କରାଯିବ । ପାର୍ଲାମେଣ୍ଟ ଉପରେ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା ପରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ବୋଧନ ଦେବେ । ଶେଷରେ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ୭୫ ଟଙ୍କିଆ କଏନ୍ ଏବଂ ଷ୍ଟାମ୍ପ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରମୁଖ୍ୟ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂତନ ବିଲ୍ଡିଂର ଉଦ୍‌ଘାଟନ କରନ୍ତୁ ବୋଲି ଦାବି କରୁଥିବା କେତେକ ବିରୋଧୀ ଦଳ ରବିବାରର ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ପାର୍ଲାମେଣ୍ଟ ଭବନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଶୁକ୍ରବାର କହିବା ସହ ନୂଆ କମ୍ପ୍ଲେକ୍ସର ଭିଡିଓ ଶେୟାର କରିଛନ୍ତି । ନୂଆ ପାର୍ଲାମେଣ୍ଟ ପାଇଁ ଉତ୍ତରପ୍ରଦେଶର ମିର୍ଜାପୁରର କାର୍ପେଟ ଅଣାଯାଇଥିବାବେଳେ ତ୍ରିପୁରାରୁ ବାମ୍ବୋ ଫ୍ଲୋରିଂ ଏବଂ ରାଜସ୍ଥାନର ପଥର ଖୋଦେଇ କାମ ଭାରତର ସାଂସ୍କୃତିକ ବିବିଧତାର ପ୍ରତିଫଳନ କରିବ । ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ଶନିବାର ତାମିଲନାଡୁରୁ ଆସିଥିବା ଆଧିନମ୍‌ମାନଙ୍କୁ ତାଙ୍କ ବାସଭବନରେ ଭେଟି ଆଶୀର୍ବାଦ ନେଇଛନ୍ତି । ସେମାନେ ମନ୍ତ୍ରୋଚ୍ଚାରଣ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଉପହାର ସ୍ୱରୂପ ସେନ୍‌ଗୋଲ୍ ପ୍ରଦାନ କରିଛନ୍ତି । କଂଗ୍ରେସ, ଟିଏମ୍‌ସି, ବାମଦଳ, ଏଏପି ଏବଂ ଏସ୍‌ପି ସମେତ ୧୯ ବିରୋଧୀ ଦଳ ଉଦ୍‌ଘାଟନ ଉତ୍ସବକୁ ବର୍ଜନ କରୁଥିବାବେଳେ ସେନ୍‌ଗୋଲକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି । ବ୍ରିଟେନ୍‌ଠାରୁ ଭାରତକୁ କ୍ଷମତା ହସ୍ତାନ୍ତରର ପ୍ରତୀକ ସ୍ୱରୂପ ସେନ୍‌ଗୋଲ ସମ୍ପର୍କରେ ଲର୍ଡ ମାଉଣ୍ଟବାଟେନ୍, ସି. ରାଜଗୋପାଳାଚାରୀ ଏବଂ ଜବାହରଲାଲ୍ ନେହେରୁ ବର୍ଣ୍ଣନା କରିଥିବାର କୌଣସି ଦସ୍ତାବିଜ୍ ପ୍ରମାଣ ନାହିଁ ବୋଲି ଶୁକ୍ରବାର କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରୁ ବିରୋଧୀ ଦଳଗୁଡ଼ିକ ଦୂରେଇ ରହୁଥିବାରୁ ସରକାର ବିରୋଧୀ ଏମ୍‌ପିମାନଙ୍କୁ ବିଶ୍ୱାସକୁ ନେଇ ନ ଥିବା ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଶନିବାର କହିଛନ୍ତି । ଅନ୍ୟପକ୍ଷରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର କୌଣସି ଆବଶ୍ୟକତା ନ ଥିଲା ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି । ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରତି ଆଦୌ ଅବଦାନ ନ ଥିବା ଲୋକଙ୍କ ଦ୍ୱାରା ନୂଆ ଇତିହାସ ଲେଖିବା ପାଇଁ ନୂତନ ପାର୍ଲାମେଣ୍ଟ ଭବନ ଏକ ପ୍ରୟାସ ବୋଲି ସେ କହିଛନ୍ତି ।

### ନୀତି ଆୟୋଗ ...

ମଣିପୁରର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂହ ମଧ୍ୟ ଅନୁପସ୍ଥିତ ଥିଲେ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ବିପକ୍ଷରେ ବିରୋଧୀ ଦଳଗୁଡ଼ିକ ମେଳି ବାନ୍ଧୁଥିବାବେଳେ ନୀତି ଆୟୋଗ ବୈଠକରେ ଏହି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ଅନୁପସ୍ଥିତି କେନ୍ଦ୍ରର ଦୁର୍ବଳତାକୁ ପଦାରେ ପକାଇଛି । ଅନ୍ୟପକ୍ଷେ ୧୦ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଭାଜପା ଜନବିରୋଧୀ ଓ ଦାୟିତ୍ୱହୀନ କହି ସମାଲୋଚନା କରିଛି । ମୋଦିଙ୍କୁ ବିରୋଧକରି ସେମାନେ କେତେ ଦୂର ଯାଇପାରୁଛନ୍ତି ଦେଖାଯାଉ କହି ଶାସକ ଦଳ ଏକପ୍ରକାର ଚ୍ୟାଲେଞ୍ଜ କରିଛି ।

ନରେନ୍ଦ୍ର ମୋଦି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ୨୦୧୫ ଜାନୁୟାରୀ ୧ରେ ଯୋଜନା କମିଶନକୁ ଭଙ୍ଗ କରି ରାଜ୍ୟଗୁଡ଼ିକର ଆର୍ଥିକ ବିକାଶ ଏବଂ କୋ-ଅପରେଟିଭ୍ ଫେଡେରାଲିଜମ୍ ବା ସଂଘୀୟ ସହଯୋଗିତାକୁ ମଜଭୁତ କରିବା ପାଇଁ ନୀତି ଆୟୋଗ ଗଠନ କରିଥିଲେ । ସେବେଠୁ ପ୍ରାୟ ସାଢ଼େ ୮ ବର୍ଷ ମଧ୍ୟରେ ସରକାରଙ୍କ ଜନ ନୀତି ନିର୍ଦ୍ଧାରଣକାରୀ ଏହି ଥିଙ୍କଟ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଆସିଛି । ନୀତି ଆୟୋଗ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ତୈଳ ଉପରୁ ଟିକସ ହ୍ରାସ ଏବଂ କୋଭିଡ୍-୧୯ ମୁକାବିଲା ଭଳି ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଏହି ବୈଠକକୁ ଏକ ମଞ୍ଚ ଭାବେ ବ୍ୟବହାର କରିଛନ୍ତି । ଚଳିତ ବର୍ଷ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିବାବେଳେ ରବିବାର ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନର ନୂଆ କନ୍‌ଭେନଶନ ସେଣ୍ଟରରେ 'ବିକଶିତ ଭାରତ@ ୨୦୪୭: ଟିମ୍ ଇଣ୍ଡିଆର ଭୂମିକା' ବିଷୟ ଉପରେ ଆଲୋଚନା ପାଇଁ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ଏଥିରେ ଅଧ୍ୟକ୍ଷତା କରି ୨୦୨୪ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ଭିତ୍ତିଭୂମି ବିକାଶ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ । କଂଗ୍ରେସ ଶାସିତ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଅଧିକାରଗୁଡ଼ିକୁ ସମ୍ମାନ ଦେବା ଉଚିତ । ଏଥିସହ ରାଜ୍ୟଗୁଡ଼ିକୁ ସସମ୍ମାନେ ସେମାନଙ୍କ ଅଂଶଧନ ହସ୍ତାନ୍ତର ପାଇଁ ମଜଭୁତ ବ୍ୟବସ୍ଥା ନିର୍ମାଣ କରିବା ଆବଶ୍ୟକ । ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନୀତି ଆୟୋଗ ବୈଠକକୁ ଖୋଲାଖୋଲି ବର୍ଜନ କରିଥିବାବେଳେ ଅନ୍ୟ ରାଜ୍ୟର ୮ ଜଣ ମୁଖ୍ୟମନ୍ତ୍ରୀ ବିଭିନ୍ନ କାରଣ ଦର୍ଶାଇ ଏଥିରେ ଯୋଗଦେଇ ନାହାନ୍ତି । କେଜ୍‌ରିୱାଲ କହିଛନ୍ତି, କେନ୍ଦ୍ର ସଂଘୀୟ ସହଯୋଗିତାକୁ ଖୋଲାଖୋଲି ଉପହାସ କରୁଥିବାବେଳେ ଏହି ବୈଠକରେ ସାମିଲ ହେବାର କିଛି ଯଥାର୍ଥତା ନାହିଁ । ଭାରତ ପାଇଁ ଏକ ଦୂରଦୃଷ୍ଟି ପ୍ରସ୍ତୁତ ସହ କୋ-ଅପରେଟିଭ୍ ଫେଡେରାଲିଜମ୍‌କୁ ପ୍ରୋତ୍ସାହନ ଦେବା ନୀତି ଆୟୋଗର ଲକ୍ଷ୍ୟ । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଗଣତନ୍ତ୍ରକୁ ଯେପରି ଭାବେ ଆକ୍ରମଣ କରାଯାଇଛି ଏବଂ ଅଣଭାଜପା ସରକାରଗୁଡ଼ିକର ଯେଭଳି ପତନ ଘଟାଯାଇଛି, ତାହା ଆମ ଦେଶର ଦୂରଦୃଷ୍ଟି କିମ୍ବା ସଂଘୀୟ ସହଯୋଗିତା ନୁହେଁ ବୋଲି କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି । ସେହିପରି ପଞ୍ଜାବକୁ ଗ୍ରାମାଞ୍ଚଳ ବିକାଶ ଫି (ଆର୍‌ଡିଏଫ୍) ବାବଦକୁ କେନ୍ଦ୍ର ୩,୬୦୦ କୋଟି ଟଙ୍କା ଦେଇ ନ ଥିବାରୁ ଏହାର ପ୍ରତିବାଦରେ ଭଗୱନ୍ତ ମାନ୍ ଉକ୍ତ ବୈଠକରେ ସାମିଲ ହୋଇ ନ ଥିବା ଦର୍ଶାଇଛନ୍ତି । କେଜ୍‌ରିୱାଲ ଓ ମାନ୍ ହାଇଦ୍ରାବାଦ ଯାଇ କେନ୍ଦ୍ରର ଦିଲ୍ଲୀ ସରକାର ବିରୋଧୀ ଅଧ୍ୟାଦେଶ ଉପରେ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ସମର୍ଥନ ଲୋଡ଼ିଛନ୍ତି । ବିଆର୍‌ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ସାମିଲ ନ ହୋଇ ଦୁଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ନିଜ ନିଜ ରାଜ୍ୟର ଅନ୍ୟ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା ଦର୍ଶାଇ ନୀତି ଆୟୋଗ ବୈଠକରେ ସାମିଲ ହୋଇ ନ ଥିବା କହିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିରେ ଯୋଗଦେବେ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରିଥିଲେ । ଇତିମଧ୍ୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ମୁଖ୍ୟମନ୍ତ୍ରୀଙ୍କ ପରିବର୍ତ୍ତେ ଅର୍ଥମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଉକ୍ତ ବୈଠକକୁ ପଠାଇବା ପାଇଁ କେନ୍ଦ୍ରର ଅନୁମତି ଲୋଡ଼ିଥିଲେ । କେନ୍ଦ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ମମତା ହିଁ ଯୋଗଦେବା ଉଚିତ ବୋଲି କହିଥିଲା । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସ୍ୱାସ୍ଥ୍ୟଗତ କାରଣରୁ ଦିଲ୍ଲୀ ଗସ୍ତ ବାତିଲ କରିଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ବିହାର ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବାର ଯଥାର୍ଥତା ନ ଥିବା ପ୍ରକାଶ କରିଛନ୍ତି । ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ବୈଠକ ବର୍ଜନକାରୀ ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଉକ୍ତ ବୈଠକରେ ୧୦୦ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ସ୍ଥିର କରାଯାଇଥିଲା । ଯେଉଁ ମୁଖ୍ୟମନ୍ତ୍ରୀମାନେ ଏଥିରେ ଯୋଗଦେଇ ନାହାନ୍ତି, ସେମାନେ ନିଜ ରାଜ୍ୟବାସୀଙ୍କ ସ୍ୱର ଏଠାରେ ପହଞ୍ଚାଇ ନାହାନ୍ତି । ମୋଦିଙ୍କ ବିରୋଧରେ ଆପଣମାନେ କେତେ ବାଟ ଯିବେ ? ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ୍ କହିଛନ୍ତି, ଅଣଭାଜପା ମୁଖ୍ୟମନ୍ତ୍ରୀମାନେ ବୈଠକ ବର୍ଜନ କରିବା ପଛର କାରଣ ହେଉଛି କେନ୍ଦ୍ର ସେମାନଙ୍କୁ ଉପଯୁକ୍ତ ବ୍ୟବହାର ଦେଖାଉନାହିଁ । ଯିଏ କେନ୍ଦ୍ରକୁ ଅବଜ୍ଞା କରୁଛନ୍ତି, ତାଙ୍କ ଦାବିକୁ ନୀତି ଆୟୋଗ ଆଦୌ ଶୁଣୁନାହିଁ ।

### ନବୀନ ବି ଯୋଗଦେଲେ ...

ପରିଚାଳିତ ଏନ୍‌ଡିଏ ସରକାରଙ୍କୁ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାହିଁକି ନୀତି ଆୟୋଗ ବୈଠକରୁ ଦୂରେଇ ରହିଲେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଗତ ମେ' ୧୦ରେ ନବୀନ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ସହ ତୃତୀୟ ସାମ୍ମୁଖ୍ୟରେ ସାମିଲ ନ ହେବା ପାଇଁ ଘୋଷଣା କରିଥିଲେ । ସେହିପରି ରବିବାର(ମେ' ୨୮)ରେ ହେବାକୁ ଥିବା ନୂଆ ସଂସଦ ଭବନ ଉଦ୍‌ଘାଟନୀ ଉତ୍ସବରେ ବିଜେଡି ସାମିଲ ହେବା ପାଇଁ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା । କିନ୍ତୁ ଏହାର ଦିନକ ପୂର୍ବରୁ ଶନିବାର ନୀତି ଆୟୋଗ ବୈଠକରେ ନବୀନ ଯୋଗଦେଲେନାହିଁ । ୨୦୨୪ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ନବୀନ ତାଙ୍କର ସମଦୂରତ୍ୱ ଆଭିମୁଖ୍ୟକୁ ବଜାୟ ରଖିବା ପାଇଁ ନୀତି ଆୟୋଗ ବୈଠକରୁ ଦୂରେଇ ରହିଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଦେଶର ବିକାଶର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଥିବା ଏହି ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ବୈଠକକୁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଓଡ଼ିଶା ମୁଖ୍ୟମନ୍ତ୍ରୀ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପାଇଁ ବୈଠକରେ ସାମିଲ ହୋଇ ନ ଥିବା କୁହାଯାଉଛି । ତେବେ ନବୀନ କାହିଁକି ଏହି ବୈଠକକୁ ବର୍ଜନ କଲେ ସେ ନେଇ ସରକାରୀ ଭାବେ କିଛି କୁହାଯାଇ ନ ଥିଲେ ମଧ ନିର୍ବାଚନୀ ବର୍ଷରେ ନିଜର ସମଦୂରତ୍ୱ ନୀତିକୁ ନେଇ ହେଉଥିବା ସମାଲୋଚନାରୁ ବର୍ତ୍ତିବା ପାଇଁ ଏଭଳି କରିଥାଇପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ପ୍ରତି କ୍ଷେତ୍ରରେ ନିଜକୁ ଆଡ୍‌ଜଷ୍ଟ କରି ଚଳାଇ ନେବାରେ ସମର୍ଥ ହେବେ । ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି ଅସୁସ୍ଥତା ଅନୁଭବ କରିପାରନ୍ତି । ସାମାଜିକ କ୍ଷେତ୍ରରେ ଅଟକିଥିବା କାମ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ ।

**ବୃଷ** - କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରିବା ସାଙ୍ଗକୁ ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ଅଫିସ୍ କାମର ଚାପ ପ୍ରଭାବରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ । ପରିବାର କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହେବ । ତଥାପି ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ।

**ମିଥୁନ** - ଆଜି ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ । ଯେଉଁ କାମଟିକୁ ଆଜିଯାଏଁ ଆପଣ କରି ପାରୁନଥିଲେ, ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ । ମାତ୍ର ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ । ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ ।

**କର୍କଟ** - ଆଜି ଆପଣ ପରିସ୍ଥିତି ସହ ଲଢ଼େଇ କରି କାମ ହାସଲ କରିପାରିବେ । ଗତକାଲିଠାରୁ ଆଜି ଯେଉଁ କାମରେ ହାତଦେବେ, ସେଥିରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ । କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ । କିନ୍ତୁ କାର୍ଯ୍ୟବ୍ୟସ୍ତତାରୁ ଘରର କଥା ବୁଝିବାକୁ ସମୟ ମଧ୍ୟ ପାଇ ପାରିବେ ନାହିଁ ।

**ସିଂହ** - ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଙ୍ଗଠନ, ପ୍ରଶାସନ, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ । କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ କ୍ରୋଧରୁ ହଇରାଣ ହୋଇପାରନ୍ତି । ଆଗନ୍ତୁକ ବନ୍ଧୁଙ୍କ ଆଚରଣରେ କିଛିଟା ପରିବର୍ତ୍ତନ ଆସିପାରେ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିବ ।

**କନ୍ୟା** - ଆଜି ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ । ଦୀର୍ଘଦିନ ହେଲା ଯେଉଁ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା ଅକ୍ଳେଶରେ ହୋଇଯିବ । ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବା ଆଶା କରାଯାଇପାରେ । ଆକସ୍ମିକ ଭାବେ ଭ୍ରମଣ ସୁଯୋଗ ଜୁଟିବ ଓ ଆଜିର ଯାତ୍ରା ସଫଳ ହେବ ।

**ତୁଳା** - ଆଜି ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ । କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ । ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ ।

**ବିଛା** - ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ । ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ । ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ ।

**ଧନୁ** - ପାରିବାରିକ ଅଶାନ୍ତି ରହିଥିଲେ ମଧ ପରିସ୍ଥିତିକୁ ଦେଖି କାମ କଲେ କୌଣସି ଅସୁବିଧା ହେବ ନାହିଁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ଅଫିସରଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ । ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ।

**ମକର** - ଗତକାଲି ରାତିରୁ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ । ନିଜ ସହ ଆଦୌ ପଡୁନଥିବା ଲୋକମାନେ ଗୁଣଗାନ କରିବା ବଦଳରେ ନିନ୍ଦା ରଟନା କରିବେ । ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ । ନିଜଠାରୁ ସାନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି ।

**କୁମ୍ଭ** - ମାନ୍ଦା ବେପାର ଏବଂ ପୁଅ ଝିଅଙ୍କ ବାହାଘର ସମସ୍ୟା ସକାଶେ ମନ ଭାରାକ୍ରାନ୍ତ ରହିବ । ତଥାପି ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବ ବନ୍ଧୁ କିଛି ଖବର ନେଇ ଆସିବେ । ଆକସ୍ମିକ ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ । ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ ।

**ମୀନ** - କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିଲେ ହେଁ ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ । ଆଜି ଦିନଟି ଆର୍ଥିକ ଦୃଷ୍ଟିକୋଣରୁ ମନ୍ଦ ନୁହେଁ । ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ । କୌଣସି ନୀଚ ଜାତି ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ । କଚେରି ମାମଲା ଅନୁକୂଳ ଯୋଗ ।

ଆଜି ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀଯୁକ୍ତ ନବମୀ ରବିବାର, ମଇ ୨୮ ତାରିଖ, ବିନାୟକ ଦାମୋଦର ସାବରକର ଜୟନ୍ତୀ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୫୬ ଗତେ ଘ. ୦୯।୩୩ ମଧ୍ୟେ, ଘ,୦୧।୨୨ ଗତେ ଘ. ୦୨।୪୭ ମଧ୍ୟେ ଶୁଦ୍ଧ ଶୁଦ୍ଧବେଳା । ଅପରାହ୍ଣ ଘ.୦୪।୩୮ ଗତେ ଘ.୦୬।୧୬ ମଧ୍ୟେ ରାହୁକାଳ ।।

## ଧରିତ୍ରୀ-ଇଏଫ୍ଆଇ ମିଳିତ ପ୍ରୟାସ



ଧରିତ୍ରୀ ଏବଂ ଇଏଫ୍ଆଇ ମିଳିତ ସହଯୋଗରେ ଶନିବାର ଆୟୋଜିତ ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ପଞ୍ଚାୟତ ଅଧୀନ ହରିଡ଼ାମଡ଼ା ପୋଖରୀ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ପୋଖରୀରୁ ମାଟି ଖୋଳା ଚାଲିଛି।

# ଜଳାଶୟ ପୁନରୁଦ୍ଧାର କାର୍ଯ୍ୟାରମ୍ଭ

**ଖୋର୍ଦ୍ଧା ଅଫିସ,୨୭।୫**

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଲୋକଙ୍କ ମଧ୍ୟରେ ଏସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଧରିତ୍ରୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ଜଳାଶ୍ରୟ ପୁନରୁଦ୍ଧାର କାର୍ଯ୍ୟ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ(ଇଏଫ୍ଆଇ) ସହଯୋଗରେ ଆରମ୍ଭ ହୋଇଛି। ଶନିବାର ଖୋର୍ଦ୍ଧା ଜିଲା ଅନ୍ତର୍ଗତ ମେଣ୍ଢାଶାଳ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମ ପୋଖରୀରୁ ପୁନରୁଦ୍ଧାର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏଥିରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ପରିଷଦ-୨୮ ସଦସ୍ୟ ପ୍ରଭାତ ପରିଡ଼ା, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ବଳିଆରସିଂହ, ସମିତି ସଭ୍ୟ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ଜଳାଶୟ ପୁନରୁଦ୍ଧାର କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, ଇଏଫ୍ଆଇ ମୁଖ୍ୟ ଅରୁଣ କ୍ରିଷ୍ଣମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ଏହି ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଜଟଣୀ ବିଧାୟକ ରାଉତରାୟ କହିଛନ୍ତି, ଏହି ଅଞ୍ଚଳ ଏକ ଆଦିବାସୀ ବହୁଳ। ଦୀର୍ଘଦିନ ଧରି ଏହି ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲା। ଧରିତ୍ରୀର ସହଯୋଗରୁ ଏହାର ପୁନରୁଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧରିତ୍ରୀ ଓ ଇଏଫ୍ଆଇର ଏଭଳି ଅଭିନବ ପ୍ରୟାସକୁ ରାଉତରାୟ ଭୂୟସି ପ୍ରଶଂସା କରିଥିଲେ। ସରପଞ୍ଚ ବଳିଆରସିଂ କହିଛନ୍ତି ଆମେ ଆଜି ବହୁତ ଖୁସି। ପୋଖରୀର ପୁନରୁଦ୍ଧାର ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ବିଶେଷଭାବେ ଉପକୃତ ହୋଇପାରିବେ। ତେଣୁ ଧରିତ୍ରୀର ଏଭଳି ପ୍ରୟାସକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି। ଜିଲାପାଳ ଚକ୍ରବର୍ତ୍ତୀ ଧରିତ୍ରୀ ଓ ଇଏଫ୍ଆଇର ମିଳିତ ଆନୁକୂଲ୍ୟରେ ଏହି ଜଳାଶୟର ପୁନରୁଦ୍ଧାର ଆରମ୍ଭ କାର୍ଯ୍ୟକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଗ୍ରାମବାସୀଙ୍କ ଦାବି ମୁତାବକ ଏହି ଜଳାଶୟର ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବ। ଧରିତ୍ରୀ ସମ୍ପାଦକ ସତପଥୀ କହିଛନ୍ତି ଓଡ଼ିଶାରେ ଜଳାଶୟଗୁଡ଼ିକର ଜଳସ୍ତର କମିବାରେ ଲାଗିଛି। ଗ୍ରାମାଞ୍ଚଳର ବହୁ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ପୋତି ହୋଇ ସତ୍ତା ହରାଉଛି। ଏହାର ପୁନରୁଦ୍ଧାର ସହ ପୁଣି ଥରେ ଲୋକଙ୍କ ଉପଯୋଗୀ କରିବା ଉଦ୍ଦେଶ୍ୟରେ ଇଏଫ୍ଆଇ ସହ ଧରିତ୍ରୀର ଏହା ମିଳିତ ପ୍ରୟାସ। ଆଗକୁ ଏଭଳି ଅଭିଯାନ ଜାରି ରହିବ। ଇଏଫ୍ଆଇର କ୍ରିଷ୍ଣମୂର୍ତ୍ତି କହିଥିଲେ ଯେ, ଏହି ଅଞ୍ଚଳରେ ବହୁ ଗୃହପାଳିତ ପ୍ରାଣୀ, ଜୀବଜନ୍ତୁ ରହୁଛନ୍ତି। ଗ୍ରାମବାସୀ ଜଳାଶୟ ଉପରେ ନିର୍ଭରଶୀଳ। ତେଣୁ ପୋତି ହୋଇଯାଉଥିବା ଜଳାଶୟ ପୁନରୁଦ୍ଧାର ପାଇଁ ଏହା ହେଉଛି ଏକ ଛୋଟିଆ ପ୍ରୟାସ। ଏହା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଉପକୃତ ହେବା ସହ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଫଳପ୍ରଦୀ ହେବ। ଜେଏସ୍‌ଡବ୍ଲ୍ୟୁର ପ୍ରଶାନ୍ତ ବିଶ୍ୱାଳ କହିଥିଲେ ଯେ, ଜଳାଶୟଗୁଡ଼ିକ ପୋତି ହୋଇଯିବା କାରଣରୁ ଲୋକେ କୌଣସି ସୁବିଧା ପାଇପାରନ୍ତି ନାହିଁ। ଅନେକ ପୋଖରୀ ଏଭଳି ଅବସ୍ଥାରେ ରହିଛି। ଏହି ପ୍ରୟାସ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପଶୁପକ୍ଷୀ, ଗ୍ରାମବାସୀ ସମସ୍ତଙ୍କୁ ଜଳର ଆବଶ୍ୟକତା ରହିଛି। ଜିଲା ପରିଷଦ ସଭ୍ୟ ପରିଡ଼ା କହିଥିଲେ ଆମ ଗ୍ରାମର ଏହି ଜଳାଶୟ ଦୀର୍ଘ ଦିନ ହେବ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏ ସମ୍ପର୍କରେ ଜାଣିବା ପରେ ଧରିତ୍ରୀ ସହଯୋଗର ହାତ ବଢାଇଥିଲା। ଏହାର ପୁନରୁଦ୍ଧାର ଲାଗି ପ୍ରତିଶ୍ରୁତି ଦେଇ ଆନୁଷ୍ଠାନିକ ଭାବେ କାମ ଆରମ୍ଭ ହୋଇଛି। ଏଭଳି ପ୍ରୟାସକୁ ଗ୍ରାମବାସୀଙ୍କ ପକ୍ଷରୁ ଅଶେଷ ଧନ୍ୟବାଦ ଜଣାଉଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା, ପୁରୁଷ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

## ୨୩୩ କଲେଜ ଅଧ୍ୟକ୍ଷ, ମୁଖ୍ୟ କିରାଣିଙ୍କ ଦରମା ବନ୍ଦ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ୨୩୩ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ କଡ଼ା ପଦକ୍ଷେପ ନେଇଛି। ସେମାନଙ୍କ ମେ' ମାସ ଦରମା ବନ୍ଦ ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ସଂପୃକ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହାସହ ସମ୍ପୃକ୍ତ କଲେଜଗୁଡ଼ିକର ମୁଖ୍ୟ କିରାଣିଙ୍କ ପାଇଁ ମଧ୍ୟ ସମାନ ନିଷ୍ପତ୍ତି ନିଆଯାଇଛି। ବିଭାଗ ପକ୍ଷରୁ ମଧ୍ୟ ସେମାନଙ୍କ ଦରମା ବନ୍ଦ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ବାରମ୍ବାର ଚିଠି ଦେଉଥିଲେ ମଧ୍ୟ ୨୨୩ କଲେଜ ଅଧ୍ୟକ୍ଷ କିମ୍ବା ମୁଖ୍ୟ କିରାଣିମାନେ ଆବଶ୍ୟକ ସୂଚନା ପ୍ରଦାନ କରିବାରେ ବିଫଳ ହୋଇଥିଲେ। ବିଭାଗୀୟ ଚିଠିର ଉତ୍ତର ନ ଦେବାର ଅର୍ଥ ସରକାରୀ କାର୍ଯ୍ୟ ନିର୍ବାହରେ ବଡ଼ ଅବହେଳା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନର ବିଫଳତା ବୋଲି ଚିଠିରେ ଉଲ୍ଲେଖ ରହିଛି। ସହକାରୀ ନିର୍ଦ୍ଦେଶକଙ୍କ ଅଭିଯୋଗ ଆଧାରରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ ତାଙ୍କଠାରୁ କ୍ଲିଅରାନ୍ସ ମିଳିବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

# ଶ୍ରୀମନ୍ଦିର ସିଂହଦ୍ୱାର ହେବ ରୁପା ଛାଉଣି

**ପୁରୀ ଅଫିସ,୨୭।୫**



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟ ଅଧିକାରୀମାନେ।

- **ରତ୍ନ ପଲଙ୍କ ମରାମତି ହେବ**
- **ରଥଯାତ୍ରା ବେଳେ କାର୍ଯ୍ୟ ହୋଇ ବାହୁଡ଼ା ମଧ୍ୟରେ ସରିବ**

ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ହେବାକୁ ଯାଉଛି। ଏଥିସହ ମହାପ୍ରଭୁଙ୍କ ଗଜଦନ୍ତ ପଲଙ୍କ ବା ରତ୍ନ ପଲଙ୍କର ମରାମତି ସହ ନୂତନ ପଲଙ୍କ ନିର୍ମାଣ କରାଯିବ। ଏ ନେଇ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଶ୍ରୀମନ୍ଦିର କୋର କମିଟି ସଦସ୍ୟ ଏନ୍.ସି.ପାଲ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ତେବେ ରଥଯାତ୍ରା ସମୟରେ କାର୍ଯ୍ୟ କରାଯାଇ ବାହୁଡ଼ା ପୂର୍ବରୁ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ରୁପା ଛାଉଣି ଦାତା ଦେଇଥିବା ରୁପାରେ କରାଯିବ। ଅପରପକ୍ଷେ ମହାପ୍ରଭୁଙ୍କ ରତ୍ନପଲଙ୍କ ବା ଗଜଦନ୍ତ ପଲଙ୍କ ଭାଙ୍ଗିଯାଇଥିବା ନେଇ ଅଭିଯୋଗ ହେଇଆସୁଥିଲା। ତେଣୁ ପଲଙ୍କର ନିର୍ମାଣ ସହ ମରାମତି କରାଯିବ। ଆଲୋଚନା ପରେ କମିଟି, ସଦସ୍ୟମାନେ ଶ୍ରୀମନ୍ଦିର ଯାଇ ସିଂହଦ୍ୱାରର ସ୍ଥିତି ଅନୁଧ୍ୟାନ କରିଥିଲେ।


ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପ୍ରଥମତଃ ମହାପ୍ରଭୁଙ୍କ ରତ୍ନ ପଲଙ୍କର ମରାମତି କରାଯିବ। ପୁରୁଣା ପଲଙ୍କର ସ୍ଥିତି ଦେଖି କାର୍ଯ୍ୟ କରିବା ସହ ନୂତନ ପଲଙ୍କ ନିର୍ମାଣ କରାଯିବ। ଦ୍ୱିତୀୟରେ ଶ୍ରୀମନ୍ଦିର ସିଂହଦ୍ୱାର କବାଟ ରୁପା ଛାଉଣି ନେଇ ଆଲୋଚନା କରାଯାଇଛି। ରୁପା ଛାଉଣି ପାଇଁ ଏଏସ୍ଆଇଠାରୁ ଅନୁମତି ପାଇଁ ପଦକ୍ଷେପ ନିଆଯିବ। ପରମ୍ପରା ଓ କବାଟରେ ଯାହା ସବୁ ଚିତ୍ର ରହିଛି, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ। ଏହି କାର୍ଯ୍ୟ ରଥଯାତ୍ରା ସମୟରେ ହେବାକୁ ଥିବାବେଳେ ସମସ୍ତଙ୍କ ସମନ୍ୱୟରେ କରାଯିବ। ବର୍ତ୍ତମାନ ପ୍ରଥମେ ସିଂହଦ୍ୱାରକୁ ରୁପା ଛାଉଣି କରାଯିବ। ପରେ ଅନ୍ୟ ଦୁଆର ବିଷୟରେ ଚିନ୍ତା କରାଯିବ। ଏହାପୂର୍ବରୁ ଏକ ଡମି କବାଟ ନିର୍ମାଣ କରାଯିବ। ତେବେ ରୁପା ଛାଉଣି ପାଇଁ କେତେଜଣ ଦାତା ରୁପା ଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟ ସମୟରେ ଯେପରି ନୀତିରେ କୌଣସି ବିଭ୍ରାଟ ହେବ ନାହିଁ। ଏପରିକି କାମ ସମୟରେ ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଯିବ। ଏ ନେଇ ଏସ୍‌ପିଙ୍କୁ ସୂଚନା ଦିଆଯିବ। ପୋଲିସ ସହ ସିସିଟିଭି ଲାଗିବ। ଭକ୍ତଙ୍କ ପ୍ରବେଶ ପାଇଁ ଅନ୍ୟ ଦ୍ୱାର ବ୍ୟବସ୍ଥା କରାଯିବ। ସେହିପରି ଗଜଦନ୍ତ ପଲଙ୍କ ଗୋଟିଏ ସେଟ୍ ନିର୍ମାଣ ହେବ ଓ ଗୋଟିଏ ସେଟ୍‌ର ମରାମତି କରାଯିବ ବୋଲି ଦାସ କହିଛନ୍ତି।

# ଏଫ୍‌ବିଆଇ ସହାୟତା ପାଇଁ କେନ୍ଦ୍ରକୁ ଚିଠି ଯାଇଥିଲା: କ୍ରାଇମବ୍ରାଞ୍ଚ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

**କଟକ ଅଫିସ,୨୭।୫**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାମମ୍ବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିବା ପରେ ତଦନ୍ତର ସ୍ୱଚ୍ଛତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ଏଭଳିସ୍ଥିତିରେ ଶନିବାର କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାର ଜାରି କରାଯାଇ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଦ୍ୱାରା ତଦନ୍ତ କରାଯିବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଚିଠି ଦିଆଯାଇଥିଲା ବୋଲି କୁହାଯାଇଛି। ଗତ ଫେବୃୟାରୀ ୨୨ରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଉକ୍ତ ଚିଠି କରାଯାଇଥିଲା ବୋଲି ଏଥିରେ ଉଲ୍ଲେଖ ରହିଛି। କ୍ରାଇମବ୍ରାଞ୍ଚ ସୂଚନା ଅନୁସାରେ, ନବ ଦାସ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସ ମାନସିକ ଅସୁସ୍ଥ ଓ ସେଥିପାଇଁ ମେଡିସିନ୍ ଖାଉଛନ୍ତି ବୋଲି ତାଙ୍କ ପରିବାର ଲୋକେ ଦାବି କରିଥିଲେ। ତେଣୁ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଗୋପାଳ ମାନସିକ ଭାବେ ସୁସ୍ଥ ଥିବା ଜାଣିବାକୁ ପାଇବା ସହ ଅଧିକ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ମାମଲାର ଗୁରୁତ୍ୱ ଓ ସମ୍ବେଦନଶୀଳତା କାରଣରୁ ସବୁଠୁ ଭଲ ବିଶେଷଜ୍ଞ ଓ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ନୂଆଦିଲ୍ଲୀର ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବୋରାଟୋରୀ, ଗୁଜୁରାଟର ରାଜ୍ୟ ଫୋରେନ୍‌ସିକ ଲାବୋରାଟୋରି, କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ବିଶେଷଜ୍ଞଙ୍କ ଦ୍ୱାରା ଗୋପାଳଙ୍କ ମାନସିକ ଅବସ୍ଥା ଯାଞ୍ଚ କରାଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବାଙ୍ଗାଲୋରସ୍ଥିତ ନିମ୍‌ହାନ୍ସର ବିଶେଷଜ୍ଞ ଦଳକୁ ଓଡ଼ିଶା ପଠାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ଅନୁରୋଧ କରିଥିବାବେଳେ ସେମାନେ ଏ ଦିଗରେ ଅକ୍ଷମତା ପ୍ରକାଶ କରିଥିଲେ। ତେବେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ଥିବା ସ୍ପଷ୍ଟ ପ୍ରମାଣ କରିବାକୁ ଏଫ୍‌ବିଆଇ ଦ୍ୱାରା ଯାଞ୍ଚ କରାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ସ୍ଥିର କରିଥିଲା। ଏଫ୍‌ବିଆଇର ସବୁଠାରୁ ଭଲ ବିଶେଷଜ୍ଞ ଓ ଯନ୍ତ୍ରପାତି ରହିଥିବା କାରଣରୁ ସୁଫଳ ମିଳିବାର ଆଶା ଥିଲା। ହେଲେ ନିୟମାନୁସାରେ କୌଣସି ରାଜ୍ୟ ସରକାର ସିଧାସଳଖ ଏଫ୍‌ବିଆଇକୁ ସହାୟତା ମାଗି ପାରିବେ ନାହିଁ। କେବଳ କେନ୍ଦ୍ର ସରକାରଙ୍କ ଗୃହ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ଆବେଦନ କରାଯିବାର ନିୟମ ରହିଛି। ମୁମ୍ବାଇ ବୋମା ବିସ୍ଫୋରଣ ମାମଲା ଓ ଭଓଁରୀ ଦେବୀ ହତ୍ୟାକାଣ୍ଡ ମାମଲାରେ ସିବିଆଇ ଏଫ୍‌ବିଆଇର ସହାୟତା ନେଇଥିଲା। ଅନୁରୂପ ଭାବେ ଏହି ମାମଲାର ତଦନ୍ତରେ ସହାୟକ ପାଇଁ କ୍ରାଇମବ୍ରାଞ୍ଚର ଅନୁରୋଧ କ୍ରମେ ଓଡ଼ିଶା ସରକାରଙ୍କ ଗୃହ ବିଭାଗର ଚିଠି ନଂ. ୧୮୭/୨୨।୨।୨୦୨୩ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।



ସଙ୍ଗୀତ, ସାହିତ୍ୟ ଓ କଳା ହେଲେ ଆତ୍ମା ନିମିତ୍ତ ଏକ ପୂର୍ଣ୍ଣ ଶିକ୍ଷା ଏ ସବୁ ଆତ୍ମାର ଗତିବୃତ୍ତିକୁ ବିଶୁଦ୍ଧ, ନିୟନ୍ତ୍ରିତ, ଗଭୀର ଓ ସଂହତ କରନ୍ତି। ସେଥିପାଇଁ ମାନବ ସମାଜର ଅଗ୍ରଗତି ପଥରେ ଏ ସମସ୍ତ ଅବହେଳିତ ହେବା ଉଚିତ ନୁହେଁ। କିମ୍ବା କେବଳ ଇନ୍ଦ୍ରିୟଗତ ଆମୋଦ-ଯାହା ଚରିତ୍ରକୁ ଗଠନ ନ କରି ବିନଷ୍ଟ କରେ ତାହା ଦ୍ୱାରା କଳୁଷିତ ହେବା ଉଚିତ ନୁହେଁ। – ଶ୍ରୀଅରବିନ୍ଦ

# ପରିବର୍ତ୍ତନକୁ ବିରୋଧ



ଆକାର ପଟେଲ

ଭାରତର ସଂସଦରେ ଉତ୍ତମ ମାନର ବିତର୍କ ଦେଖିବାକୁ ମିଳେନାହିଁ। ଏଠାରେ ଗୁରୁତ୍ୱପୂର୍ଣ୍ଣ ଆଇନ ସମ୍ପର୍କିତ ଆଲୋଚନାରେ ସମୟ ଅଭାବ ରହୁଛି ଓ ବକ୍ତବ୍ୟର ଅଧିକାଂଶ ଭାଗରେ କୌଣସି ଅର୍ଥ ରହୁନାହିଁ। ଏହାବ୍ୟତୀତ ଅରାଜକତା ଓ ଅବ୍ୟବସ୍ଥା, ଘୋଡ଼ା ବେପାର ଏବଂ ବିରୋଧୀ ଓ ସଂଖ୍ୟାଲଘୁଙ୍କ ମତକୁ ଅଣଦେଖା କରିବା ଭଳି ସମସ୍ୟା ସଂସଦରେ ଦେଖିବାକୁ ମିଳୁଛି। ଏବେ ନୂତନ ଭାବେ ନିର୍ମିତ ସଂସଦ ଭବନ ଏହିସବୁ ସମସ୍ୟାର ସମାଧାନ କରିପାରିବ ନାହିଁ। ଏହା ଆଶା କରିବା ବି ବୃଥା। ବନ୍ଦେ ଭାରତ ଟ୍ରେନ୍ ଯେଉଁ ସବୁ ସମସ୍ୟା ସମାଧାନ କରିବ ବୋଲି ଯେଉଁଭଳି କୁହାଯାଉଛି ବାସ୍ତବରେ ସେସବୁ ସମସ୍ୟା ନାହିଁ। କୁହାଯାଇପାରେ ଯେ, ଏକ ନୂଆ ପରମ୍ପରା ଆରମ୍ଭ କରିବା ପଛରେ ରହିଛି ସ୍ୱଚ୍ଛତା କିମ୍ବା ଲକ୍ଷ୍ୟର ଅଭାବ ଏବଂ ନିଜକୁ ପରମ୍ପରାବାଦ (ପରିବର୍ତ୍ତନ ବିରୋଧୀ) ରୂପେ ପ୍ରସ୍ତୁତ କରିବା। ଆସନ୍ତୁ ଦେଖିବା ପରିବର୍ତ୍ତନ କିମ୍ବା ନୂତନତ୍ୱକୁ ବିରୋଧ କରିବା ସହ ପରମ୍ପରାଗତ ମୂଲ୍ୟ ଓ ସିଦ୍ଧାନ୍ତଗୁଡ଼ିକ ପ୍ରତି କାହିଁକି ରୂଢ଼ିବାଦ ପ୍ରତିବଦ୍ଧ ବୋଲି କୁହାଯାଏ। ପରମ୍ପରାବାଦ ମୂଲ୍ୟ ସବୁ କ'ଣ ? ଯେଉଁମାନେ ରୂଢ଼ିବାଦୀ ସେମାନେ ଦୀର୍ଘଦିନରୁ ପ୍ରତିଷ୍ଠିତ ଓ ରୂଢ଼ିଗତ। ବ୍ରିଟେନ୍‌ର ସଂସଦ ୯୦୦ ବର୍ଷର ପୁରୁଣା। ହେନେରି ତୃତୀୟଙ୍କ ଶାସନ କାଳରେ ୧୨୬୩ରେ ଅଗ୍ନିକାଣ୍ଡରେ ଏହି ବିଲ୍ଡିଂର ଅନେକ ଭାଗ ନଷ୍ଟ ହୋଇଯାଇଥିଲା। ଏହା ବ୍ୟତୀତ ୧୨୯୮, ୧୫୧୨ ଏବଂ ୧୮୩୪ରେ ବି ପୁନର୍ବାର ଅଗ୍ନିକାଣ୍ଡ ଘଟିଥିଲା। ପ୍ରତ୍ୟେକ ଥର ବିଲ୍ଡିଂର ଯେତିକି ଅଂଶ ନଷ୍ଟ ହୋଇଥିଲା ତାହାକୁ ମରାମତି କରାଯାଇଥିଲା। ଏହା ହିଁ ହେଉଛି ପରମ୍ପରାବାଦ ଏବଂ ରୂଢ଼ିବାଦ। ଆପଣ ଯଦି ବ୍ରିଟେନ୍‌ର ସଂସଦୀୟ ବିତର୍କକୁ ଲକ୍ଷ୍ୟ କରିବେ ତେବେ ସେଠାରେ ଦୃଢ଼ ଔପଚାରିକତା ଏବଂ ପ୍ରୋଟୋକଲ ଉପରେ ଜୋର୍ ଦିଆଯାଉଥିବା ଦେଖିବାକୁ ପାଇବେ। ଏସବୁ ପାଳନ କରିବା ସଦସ୍ୟମାନଙ୍କର ଶୃଙ୍ଖଳା ଯୋଗୁ ସମ୍ଭବ। ଉଭୟ ଦଳ ଏସବୁ ବିଷୟରେ ପରମ୍ପରାବାଦକୁ ଗ୍ରହଣ କରିଥିବାରୁ ଏହା ହୋଇପାରୁଛି। ଭାରତର ସଂସଦ ଭବନ ୧୯୨୭ରେ ଖୋଲାଯାଇଥିଲେ ବି କିଛି ନୂଆ ବିଷୟ ଗ୍ରହଣ କରିନାହିଁ। କିନ୍ତୁ କାହିଁକି ନୂଆ ବିଲ୍ଡିଂର ଆବଶ୍ୟକତା ପଡ଼ିଲା ତାହା ଜଣାପଡୁନାହିଁ। ଏହାର ଶୁଭାରମ୍ଭ ଧର୍ମୀୟ କର୍ମକାଣ୍ଡରେ ହେବାକୁ ଯାଉଛି। ଏହା ପରମ୍ପରାଗତ ବିଶ୍ୱାସର ଏକ ସଙ୍କେତ। କିନ୍ତୁ ପୂର୍ବରୁ ନିର୍ମିତ ବିଲ୍ଡିଂରେ ଅଧିକ ପରମ୍ପରାବାଦ ସିଦ୍ଧାନ୍ତର ସ୍ଥାନ ନ ଥିଲା।

ସିଦ୍ଧାନ୍ତଗୁଡ଼ିକରେ ବିଚାରଧାରା ନିହିତ ହେବା ଦରକାର। ରୂଢ଼ିବାଦ ଉପରେ ଗୁରୁତ୍ୱ ହିଁ ତା'କାର୍ଯ୍ୟ ସ୍ତରରୁ ଜଣାପଡ଼େ। ଏହା ତତ୍କାଳୀକ ଲାଭର ଉର୍ଦ୍ଧ୍ୱରେ ପରମ୍ପରା ଓ ମୂଲ୍ୟବୋଧଗୁଡ଼ିକୁ ରଖେ। ପରମ୍ପରାବାଦ ଶାସକର ସଂଯମ ହସ୍ତ ଭାବେ କାର୍ଯ୍ୟ କରେ। ଏହା କହେ ଧୀରେ ଚାଲ, ଯାହା କାର୍ଯ୍ୟ କରୁଛ ସେଥିରେ ବିଭ୍ରାଟ କର ନାହିଁ, ଯାହା ପୂର୍ବରୁ ଉତ୍ତରାଧୀକାର ସୂତ୍ରରେ ପାଇଛ ତାହାକୁ ସମ୍ମାନ କର ଏବଂ କାହିଁକି ଏହି କାର୍ଯ୍ୟ କରୁଛ ତାହା ବୁଝିବାକୁ ଚେଷ୍ଟା କର। ପରମ୍ପରାବାଦ କହେ, ସବୁଥିରେ ସୀମା ଅଛି ଏବଂ ସ୍ୱୟଂ ଏହି ସବୁ ସୀମାକୁ ପାଳନ କରିବା ସହ ସେସବୁକୁ ସମ୍ମାନ କର। ବହୁ ସମୟରେ ପରମ୍ପରାବାଦୀମାନେ ନୂତନତ୍ୱ କିମ୍ବା ଆବିଷ୍କାର ପରିବର୍ତ୍ତେ ସମ୍ମେଳନ ଓ ଦୃଷ୍ଟାନ୍ତ ଦ୍ୱାରା ସଂସ୍ଥାଗୁଡ଼ିକର ବ୍ୟବସ୍ଥାରେ ଥିବା ଅଲିଖିତ ନିୟମଗୁଡ଼ିକ ପାଳନ କରନ୍ତି। ଏଠାରେ ଏହା ଦୋହରାଇବା ଆବଶ୍ୟକ ଯେ, ବିଶେଷକରି ଯେଉଁଠି ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଉତ୍ତେଜନା ଥାଏ ସେଠାରେ ଏଭଳି ସ୍ଥିତି ଦେଖାଯାଏ। ଉଗ୍ର ସୁଧାରବାଦୀମାନେ ଏସବୁ ଜାଣନ୍ତି ଏବଂ ସେମାନେ ପରମ୍ପରାବାଦ ଓ ରୂଢ଼ିବାଦକୁ ଖାତିର କରନ୍ତି ନାହିଁ। ଏବେ ଭାରତୀୟ ମୁଦ୍ରାରେ ଦେଖାଯାଇଥିବା ଅନିଶ୍ଚିତତା ରୂଢ଼ିବାଦ ଓ ପରମ୍ପରାବାଦର କାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଉଗ୍ର ସୁଧାରବାଦ। ଏଭଳି କାର୍ଯ୍ୟରୁ ଗୋଟିଏ ବିମୁଦ୍ରୀକରଣ ୨୦୧୬ରେ କରାଯାଇଥିଲା। ଏହି ପ୍ରକାର କାର୍ଯ୍ୟର ପରୀକ୍ଷଣ ବ୍ରିଟେନ୍ କିମ୍ବା ଆମେରିକା ଭଳି ପାରମ୍ପରିକ ସରକାରରେ ଦେଖିବାକୁ ମିଳେନାହିଁ। ଏହି ଦେଶଗୁଡ଼ିକରେ ଉଚ୍ଚମୂଲ୍ୟ ବର୍ଗର ବିଲ୍ ରଖୁଥିବା ଲୋକଙ୍କର ଆତ୍ମବିଶ୍ୱାସ ରହିଛି ଯେ ସେମାନଙ୍କ ଅର୍ଥ ଆଜି, ଆସନ୍ତା କାଲି ଏବଂ ଭବିଷ୍ୟତରେ ବି ଗ୍ରହଣୀୟ ହେବ। ଆମେରିକାରେ ଡଲାରକୁ କିମ୍ବା ବ୍ରିଟେନ୍‌ରେ ପାଉଣ୍ଡକୁ ଦୋକାନୀ ମନା କରିପାରିବେ ନାହିଁ।

ପରମ୍ପରାବାଦକୁ ସମ୍ବିଧାନ ଓ ଏହାର ମୂଲ୍ୟ ଯାଏ ବିସ୍ତାରିତ କରିବାକୁ ହେବ। ଯଦି ଏହା ବହୁଳବାଦ ଓ ସ୍ୱାଧୀନତାକୁ ସମର୍ଥନ କରେ ତେବେ ପରମ୍ପରାବାଦୀମାନେ ଏହା ଉପରେ ଗୁରୁତ୍ୱ ଦେବା ଦରକାର। ଯଦି ଏହା ମୌଳିକ ଅଧିକାରଗୁଡ଼ିକୁ ଧରି ରଖେ ତେବେ ଏହାର ମୂଲ୍ୟକୁ ବାରମ୍ବାର ଦୋହରାଇବା ଆବଶ୍ୟକ। ସାମ୍ବିଧାନିକ ଗଣତନ୍ତ୍ରଗୁଡ଼ିକରେ ବିରୋଧୀ ଦଳ ବୈଧ ହେବା ସହ ବିଧାନମଣ୍ଡଳର ଅଂଶ। ସେମାନଙ୍କୁ ଶତ୍ରୁଭାବେ ଦେଖିବା ଏବଂ ସେମାନଙ୍କୁ ଦୋଷ ଦେଇ ଓ ବାହାର କରି ନିଜେ ରକ୍ଷାପାଇବାକୁ ଚେଷ୍ଟା କରିବା ଜଣେ ପରମ୍ପରାବାଦୀଙ୍କ କାମ ନୁହେଁ। କାରଣ ଏହା ଗଣତାନ୍ତ୍ରିକ ନୁହେଁ। ପରମ୍ପରାବାଦୀ ଆଇନ ଅନୁଯାୟୀ ସତର୍କତାର ସହ ଚାଲିବା ଦରକାର ଯାହା ପରିବର୍ତ୍ତନ ଆଣିବ। ଅନ୍ୟପକ୍ଷରେ ଲୋକପ୍ରିୟତା କିମ୍ବା ଜାତୀୟତାବାଦ କାରଣ ପାଇଁ ସମ୍ବିଧାନକୁ ଶେଷ କରିଦେବା ହେଉଛି ଉଗ୍ର ସୁଧାରବାଦ। ବିଚାର କରନ୍ତୁ, ଜମ୍ମୁ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଓ ବିଭାଜନର ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ତାହା କେଉଁଠି ଅଛି। ଏହା ଅନିଶ୍ଚିତତାର ସ୍ଥାନ ହୋଇଯାଇଛି, କାରଣ ସରକାର ନେଇଥିବା ପଦକ୍ଷେପ ରୂଢ଼ିବାଦୀ କିମ୍ବା ପରମ୍ପରାବାଦୀ ନ ଥିଲା, ଥିଲା ଉଗ୍ର ସୁଧାରବାଦ। ଯେତେବେଳେ ଏହା କୁହାଯାଏ ଯେ, ଭାରତକୁ ଶାସନ କରୁଥିବା ଦଳ ଦକ୍ଷିଣପନ୍ଥୀ ତାହା ସୂଚିତ କରେ ଯେ, ଏହା ପରମ୍ପରାବାଦୀ ଏବଂ ରୂଢ଼ିବାଦୀ, କାରଣ ଏହା ସାମାଜିକ ପରିବର୍ତ୍ତନକୁ ବିରୋଧ କରେ। ଏହା ସ୍ୱାଧୀନତାକୁ ବିରୋଧ କରେ। ଏହା ସମୟର ଭାବନାକୁ ଆଧାର କରି ଆଇନଗୁଡ଼ିକର ବ୍ୟାଖ୍ୟା କରେ, କିଛି ମୌଳିକ ସିଦ୍ଧାନ୍ତ ଉପରେ ବିଚାର କରେ ନାହିଁ। କିନ୍ତୁ ଏହି ପରମ୍ପରାବାଦ ଭାଷାରେ କିମ୍ବା ଆଚରଣରେ ପ୍ରକାଶ ପାଏ ନାହିଁ। ଏହା ଭୁଲ୍ ବିଷୟଗୁଡ଼ିକ ପଛରେ ଧାଏଁ।

Email:aakar.patel@gmail.com

# ଗଞ୍ଜିନା ନ ପାଉ ଗଞ୍ଜେଇ



ଡ. ଗୌରୀଶଙ୍କର ସାହୁ

ଭଗବାନ୍ ବୁଦ୍ଧଙ୍କ ଚିକିତ୍ସକ ବୈଦ୍ୟରାଜ ଜୀବକ ପ୍ରାଚୀନ ଗୁରୁକୁଳ ତକ୍ଷଶିଳାରେ ସାତବର୍ଷ ଧରି ଆୟୁର୍ବେଦ ଶିକ୍ଷାଲାଭ କରିବା ପରେ ଗୁରୁ ତାଙ୍କୁ ଓ ତାଙ୍କ ସହପାଠୀଙ୍କୁ ଅନ୍ତିମ ଜ୍ଞାନପରୀକ୍ଷା ମୁହୂର୍ତ୍ତରେ ନିର୍ଦ୍ଦେଶ ଦେଲେ, ''ଯାଅ, ଯେଉଁ ଉଦ୍ଭିଦର କୌଣସି ଔଷଧୀୟ ଗୁଣ ନ ଥିବ, ତାହା ମୋତେ ଆଣି ସମର୍ପଣ କର।'' ଜଣେ ଜଣେ କରି ସହପାଠୀ କିଛି କିଛି ଗୁଳ୍ମ, ଗଛ ନେଇ ଆସିଲେ ଓ ଗୁରୁଙ୍କୁ ଦେଲେ। ବହୁଦିନ ପରେ ଶେଷରେ ଫେରିଲେ ଜୀବକ। କହିଲେ, '' ଗୁରୁଦେବ, ମୁଁ କ୍ଷମା ପ୍ରାର୍ଥୀ। ମୁଁ ସତତ ପ୍ରୟାସ ସତ୍ତ୍ୱେ ଏପରି ଏକ ଉଦ୍ଭିଦ ପାଇଲି ନାହିଁ, ଯାହାର କୌଣସି ଔଷଧୀୟ ଗୁଣ ନାହିଁ। ଗୁରୁ ଉତ୍ତରଦେଲେ, ''ବତ୍ସ ତୁମର ଶିକ୍ଷା ସମାପ୍ତ ହୋଇଛି। ତୁମେ ଯଶସ୍ୱୀ ହୁଅ।''

କହିବା ବାହୁଲ୍ୟ, ସଂସାରରେ ଏମିତି କୌଣସି ଗୁଳ୍ମ, ଲତା ବା ଗଛ ନାହିଁ, ଯାହାର କୌଣସି ଗୋଟିଏ ଅଂଶ ସେ ପତ୍ର ହେଉ କି ଫୁଲ ହେଉ, କି ଚେର କିମ୍ବା ବକଳ; ଯାହାର ଔଷଧୀୟ ଗୁଣ ନାହିଁ। ଅଜ୍ଞାନ ଅମୃତକୁ ବି ଅଦରକାରୀ ସଜାଇଦିଏ। ଏବେ ଯେମିତି ଗଞ୍ଜେଇକୁ ନେଇ ବିବାଦ। ହିମାଳୟ ଅଞ୍ଚଳରେ ଉଚ୍ଚମାନର ଗଞ୍ଜେଇ ଗଛ ମନକୁ ମନ ବଢ଼ିଥାଏ। ରେଢ଼ାଖୋଲର ପାହାଡ଼ୀ ଜଙ୍ଗଲରେ ମୁଁ ଦେଖିଛି କନକନିଆ ଗଞ୍ଜେଇ ବୁଦା। ତେବେ ଗଞ୍ଜେଇ ଭାରତକୁ ପ୍ରକୃତିର ଆଶୀର୍ବାଦ ନା ଅଭିଶାପ ଆଜିର ଆଲୋଚ୍ୟ ପ୍ରସଙ୍ଗ।

ଗଞ୍ଜେଇ ମଞ୍ଜିର ପ୍ରାୟ ୨୫ ପ୍ରତିଶତ ଉଚ୍ଚ ପୋଷକଯୁକ୍ତ ପୁଷ୍ଟିସାର, ପ୍ରାୟ ୩୫ ପ୍ରତିଶତ ଶ୍ୱେତସାର, ୩୫ ପ୍ରତିଶତ ସ୍ନେହସାର ଜାତୀୟ ତୈଳ ଓ ବାକି ମହାର୍ଘ୍ୟ ଜୀବସାର ଓ ଖଣିଜ ଲବଣରେ ପୁଷ୍ଟ। ଗଞ୍ଜେଇରୁ ଟା ଓ ତେଲ ପ୍ରସ୍ତୁତ ହୁଏ, ଯାହା ଆମ ଖାଦ୍ୟ ଅଭ୍ୟାସର ଅଂଶବିଶେଷ। ମହାଦେବଙ୍କ ପାଖରେ ଗଞ୍ଜେଇ ଲାଗି ହୁଏ। ପଣା ସଂକ୍ରାନ୍ତିରେ ବଟା ଭାଙ୍ଗ, ପଣାରେ ଗୋଳାଇ ପିଇବା ଆମ ସଂସ୍କୃତି। କିନ୍ତୁ ଏକ ଅଭିଯୋଗ ଆଳରେ ରାଜ୍ୟ ସରକାର ଶୈବପୀଠରେ ଗଞ୍ଜେଇ ଲାଗିକୁ ନିଷିଦ୍ଧ କରିଛନ୍ତି। ଏହାକୁ ନେଇ ସ୍ତବ୍ଧ ଓ ନିଃଶବ୍ଦ ଓଡ଼ିଆ ଜନଗଣ !

ଓଡ଼ିଶାରେ ଗଞ୍ଜେଇ ଚାଷ ନିଷେଧ ଓ ବେଆଇନ। ଯଦିଓ ପରମ୍ପରାକୁ ପାଥେୟ କରି ଫ୍ରାନ୍ସ, ନେଦରଲାଣ୍ଡ, ଜର୍ମାନୀ, ସ୍ପେନ, ପୋଲାଣ୍ଡ, ଇଟାଲୀ, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା, ମଧ୍ୟପ୍ରାଚ୍ୟର ଅନେକ ଦେଶ ବ୍ୟବସାୟିକ ଗଞ୍ଜେଇ ଚାଷକୁ ଆଇନଗତ ସ୍ୱୀକୃତି ଦେଇଛନ୍ତି ! ଯଦି ଆମେ ବିଶ୍ୱର ସମ୍ଭ୍ରାନ୍ତ ଜର୍ନାଲ୍ 'ଫୁଡ୍'ରେ ୨୦୨୨ ସାଲ୍‌ର ଦ୍ୱାଦଶ ଅଙ୍ଗରେ ପ୍ରକାଶିତ ମେହବୁବା ଇସ୍‌ଲାମ୍ ଓ ସାଥୀମାନଙ୍କ ଗବେଷଣା ନିବନ୍ଧକୁ ବିଚାରକୁ ନେବା, ୟୁରୋପୀୟ ଦେଶଗୁଡ଼ିକରେ ବ୍ୟବସାୟିକ ଗଞ୍ଜେଇ ଚାଷକୁ ସ୍ୱୀକୃତି ମିଳିବା ପରେ ୟୁରୋପୀୟ ଦେଶଗୁଡ଼ିକରେ ଗଞ୍ଜେଇ ଉତ୍ପାଦନ ହାରାହାରି ୬୧୪ ପ୍ରତିଶତ ବୃଦ୍ଧି ପାଇଛି।



ସମଗ୍ର ୟୁରୋପରେ ପ୍ରାୟ ୫୦,୦୮୧ ହେକ୍ଟର ଜମିରେ ଗଞ୍ଜେଇ ଚାଷ ହେଉଛି ଓ ୟୁରୋପୀୟ ସଂଘ ଗଞ୍ଜେଇ ଚାଷପାଇଁ ସବ୍‌ସିଡି ମଧ୍ୟ ଦେଉଛି। ପୋଲାଣ୍ଡରେ ୨୦୧୭ ରେ ସର୍ବାଧିକ ୭୦୦୦ ହେକ୍ଟର ଜମିରେ ଗଞ୍ଜେଇ ଚାଷ ହେଉଥିଲା। ହେଲେ ଆମର ଏଠି ପ୍ରାକୃତିକ ଉପାୟରେ କଅଁଳୁଥିବା ଗଞ୍ଜେଇକୁ ଜାଳିପୋଡ଼ି ପାଉଁଶ କରିଦେବା ପାଇଁ ପୋଲିସ ଓ ମାଜିଷ୍ଟ୍ରେଟ୍‌ମାନଙ୍କୁ କାମରେ ଲଗାଇ ଦେଇଛନ୍ତି ସରକାର।

୨୦୨୨ରେ ପ୍ରକାଶିତ 'ଫୁଡ୍' ଜର୍ନାଲର ଏକାଦଶ ଅଙ୍କରେ ସ୍ପେନୀୟ ଗବେଷକ କାରମେନ୍ କ୍ଲାରୋ-କାଲାଙ୍କ ନିବନ୍ଧ ମୁତାବକ ଗଞ୍ଜେଇ ମଞ୍ଜିରୁ ପ୍ରସ୍ତୁତ ତେଲ ଏକ ବିଶେଷ ଏକକୋଷୀୟ ରକ୍ତକଣିକାଜନିତ ସ୍ନାୟବିକ ପ୍ରଦାହ ନିରୋଧ ପୂର୍ବକ ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ଇଟାଲୀସ୍ଥିତ ମେସିନା ବିଶ୍ୱବିଦ୍ୟାଳୟର ଗବେଷକ ଆଣ୍ଟୋନେଲା ସ୍ମେରିଗ୍ଲିଓ ଓ ସାଥୀମାନଙ୍କ 'ଫିଟୋଟେରାପିଆ' ଜର୍ନାଲର ୧୨୭ତମ ଅଙ୍କ ୨୦୧୮ରେ ପ୍ରକାଶିତ ନିବନ୍ଧରେ କର୍କଟ, ମଧୁମେହ ଓ ଶରୀର ଜଳାପୋଡ଼ା ହେବା ରୋଗର ଗଞ୍ଜେଇରୁ ପ୍ରସ୍ତୁତ ଔଷଧ ଅପ୍ରତ୍ୟାଶିତ ଫଳ ପ୍ରଦାନ କରିଥିବାର ପ୍ରମାଣ ଉପଲବ୍ଧ। ପୋଲାଣ୍ଡସ୍ଥିତ ରୋକ୍ଲୋ ପରିବେଶ ଓ ପ୍ରାଣୀ ବିଶ୍ୱବିଦ୍ୟାଳୟର ଗବେଷକ ସେପିଦେହ ଫାଲାହି ଓ ସାଥୀମାନଙ୍କ ଗବେଷଣାତ୍ମକ ନିବନ୍ଧ, ଯାହା ବିଶ୍ୱର ସମ୍ଭ୍ରାନ୍ତ ଜର୍ନାଲ୍ 'ଆନିମଲ୍‌ସ'ର ଦ୍ୱାଦଶ ଅଙ୍କ ୨୦୨୨ରେ ପ୍ରକାଶିତ ହୋଇଛି, ତାହା ପ୍ରମାଣିତ କରୁଛି କିପରି ଗଞ୍ଜେଇ ତେଲର ଉତ୍ପାଦ ଅପସ୍ମାର, ଅରୁଚି, ବମନ, ଆତୁରତା, ଅନିଦ୍ରା ରୋଗପାଇଁ ମହୌଷଧ ଭାବେ କାମ କରୁଛି। ବିଶ୍ୱର ଅନ୍ୟତମ ସମ୍ଭ୍ରାନ୍ତ ଜର୍ନାଲ୍ 'ମୋଲେକ୍ୟୁଲ୍‌ସ'ର ୨୫ତମ ଅଙ୍କରେ ୨୦୨୦ରେ ବସନ୍ତ ରୂପସିଂଘେ ଓ ସାଥୀମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧ ମୁତାବକ 'ଟୋକୋଫେରୋଲ୍‌ସ'ର ଉପସ୍ଥିତି ଯୋଗୁ ଗଞ୍ଜେଇ ମଞ୍ଜିରୁ ପ୍ରସ୍ତୁତ ବିଶେଷ ତେଲ ବିଇଞ୍ଚି ଆଦି ଅନେକ ଚର୍ମରୋଗର ନିଦାନ ଭାବେ ବ୍ୟବହୃତ ହୁଏ। ପଶୁପକ୍ଷୀମାନେ ମଧ୍ୟ ଗଞ୍ଜେଇ ଓ ଏହାର ଉତ୍ପାଦ ଯୋଗୁ ବିଶେଷ ଭାବେ ଲାଭବାନ୍ ହୋଇଥା'ନ୍ତି। ସ୍ପେନୀୟ ଗବେଷକ କାଷ୍ଟିଲୋ ୨୦୧୦ରେ ପ୍ରମାଣିତ କରିଛନ୍ତି କିପରି ଗଞ୍ଜେଇର ଉତ୍ପାଦ ମୂଷାମାନଙ୍କ ମସ୍ତିଷ୍କ କ୍ଷତ ନିଦାନ ପାଇଁ ସଫଳ ମହୌଷଧି। କାର୍ଲସନ୍ ପ୍ରମାଣିତ କରିଛନ୍ତି, କିପରି ଗୋଖାଦ୍ୟରେ ଦୈନିକ ୧୪୩ଗ୍ରା./କେଜି ଗଞ୍ଜେଇ ମଞ୍ଜି ପିଠା ଦେବାଦ୍ୱାରା ଗୋବଂଶ ଅଧିକ ଦୁଗ୍ଧ ପ୍ରଦାନ କରିଛନ୍ତି। ଗବେଷକ କଜମାଙ୍କ ଗବେଷଣା ପ୍ରମାଣିତ କରେ ଯେ, ଗଞ୍ଜେଇ ମଞ୍ଜି ପିଠା ଛେଳିକୁ ଖାଦ୍ୟ ସହିତ ଦେଲେ ଯଦିଓ ଏହାର କ୍ଷୀରଦେବା କ୍ଷମତା ବଢ଼ି ନ ଥାଏ, କିନ୍ତୁ କ୍ଷୀରରେ ସ୍ନେହସାର ମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥାଏ। ଅଗଷ୍ଟ ୨୦୨୦ରେ ରୂପସିଂଘେଙ୍କ 'ମୋଲେକ୍ୟୁଲ୍‌ସ'ରେ ପ୍ରକାଶିତ ନିବନ୍ଧ ମୁତାବକ ଗଞ୍ଜେଇ ଗଛର ବିଭିନ୍ନ ଅଂଶରୁ ପ୍ରାୟ ୨୫ ହଜାର ପ୍ରକାରର ବିଭିନ୍ନ ଉପଯୋଗୀ ପଦାର୍ଥ ଯେପରିକି ତନ୍ତୁ, ବିଶେଷ ତେଲ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପରିପୂରକ ପୋଷକ ଓ ଔଷଧ ପ୍ରସ୍ତୁତ ହେଉଛି। ଏହା ବସ୍ତ୍ର ଉଦ୍ୟୋଗ, କାଗଜ ଶିଳ୍ପ, ଶବ୍ଦ ବିଜ୍ଞାନ, ତାପ ଅପରିବାହୀ ପଦାର୍ଥ, ବୀଜାଣୁମାରକ ଡିଟରଜେଣ୍ଟ, ଜୈବ ପାଚକ ପ୍ଲାଷ୍ଟିକ ପ୍ରଭୃତି ବ୍ୟାପକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଏହି କିଛି ବର୍ଷ ମଧ୍ୟରେ, ଫାଲାହିଙ୍କ ଦ୍ୱାରା 'ଆନିମଲ୍‌ସ' ଜର୍ନାଲ୍‌ରେ ଅଗଷ୍ଟ ୨୦୨୨ରେ ପ୍ରକାଶିତ ନିବନ୍ଧ ମୁତାବକ।

ତେଣୁ ଆମର ଯାହା ଧାରଣା ଅଛି କାମେଶ୍ୱର ମୋଦକ, ମଦନାନନ୍ଦ ମୋଦକ, ଶୁକ୍ର ସଞ୍ଜୀବନୀ ମୋଦକ, ସ୍ତ୍ରୀ ଦର୍ପ ଗଜକେଶ୍ୱରୀ ମୋଦକ, ପୂର୍ଣ୍ଣଚନ୍ଦ୍ରୋଦୟ ମୋଦକ, ଶତାବରୀ ମୋଦକ, ଲକ୍ଷ୍ମୀବିଳାସ ଆଦି କିଛି ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତିରେ ଗଞ୍ଜେଇ କଳି ବ୍ୟବହୃତ ହୁଏ ତାହା ଅର୍ଦ୍ଧ ସତ୍ୟ। ଏଲୋପାଥିକ ଔଷଧରେ ଗଞ୍ଜେଇର ବ୍ୟବହାର ବ୍ୟାପକ। ଜୀବନରୂପୀ ଜଳ ପାଇଁ ତ କୁହାଯାଏ, ''ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ''। ତେବେ ଗଞ୍ଜେଇ ସେବନରେ ଚୁର୍ ହୋଇ ଯଦି କିଛି ଲୋକ ନିଶାସକ୍ତ ହେଉଛନ୍ତି (ଯଦିଓ ସେମାନେ କିଛି ଅସାମାଜିକ କାମ ଓ ସାଧାରଣରେ ଉତ୍ପାତ କରିବାର ବିଶେଷ ଉଦାହରଣ ନାହିଁ), ତେବେ କ'ଣ ଆମେ ଗଞ୍ଜେଇ ପରି ଏକ ଅତି ଦରକାରୀ ଓ ଲାଭଜନକ ଗଛକୁ ସମୂଳେ ଧ୍ୱଂସ କରିଦେବା ? ମହାଦେବଙ୍କ ପ୍ରିୟ ପଦାର୍ଥକୁ ଦେବାଳୟରେ ନିଷେଧ କରିବା କେବଳ ଯେ ଧର୍ମଦ୍ରୋହୀ କାର୍ଯ୍ୟ ତାହା ନୁହେଁ, ବରଂ ଏହାକୁ ସ୍ୱତଃ ବଢ଼ିବାକୁ ନଦେବା ଅଥବା ସରକାରୀ କଳ ଲଗାଇ ନଷ୍ଟ କରିବା ଦେଶ ଓ ଦଶର ଅର୍ଥନୀତି ଓ ସମାଜ ବ୍ୟବସ୍ଥାକୁ ବିପନ୍ନ କରିବ ଯାହା। ପୁନର୍ବିଚାର ଆଜି ସମୟର ଆବଶ୍ୟକତା।

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ
ମୋ: ୭୯୭୮୪୨୧୮୩୫

# ଟାଇମ୍ ଶେଲ୍‌ଟର ସ୍ରଷ୍ଟା

## ବ୍ୟକ୍ତିତ୍ୱ



ଜିଓର୍ଜି ଗୋସ୍‌ପୋଡିନୋଭ

'ଟାଇମ୍ ଶେଲ୍‌ଟର'। ଓଡ଼ିଆରେ ଅନୁବାଦ କଲେ ଏହା ହେବ 'ସମୟ ଆଶ୍ରାସ୍ଥଳ ବା ସମୟର ଆଶ୍ରାସ୍ଥଳ'। ୨୦୨୩ ପାଇଁ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ପାଇଥିବା ଜିଓର୍ଜି ଗୋସ୍‌ପୋଡିନୋଭଙ୍କ ଏହା ହେଉଛି ଚର୍ଚ୍ଚିତ ଉପନ୍ୟାସ। ଅତୀତକୁ ମନେପକାଇ ଦେଉଥିବା ଏକ କ୍ଲିନିକ୍ ଉପରେ ବିଷୟବସ୍ତୁ ପର୍ଯ୍ୟବସିତ। ଏହାର ପ୍ରତ୍ୟେକ ଚଟାଣ ଗୋଟେ ଦଶନ୍ଧିର କାହାଣୀ ବଖାଣୁଛି। ଦୀର୍ଘସ୍ଥାୟୀ ମାନସିକ ବିକୃତି ଯୋଗୁ ମଣିଷ ହରାଇବସୁଥିବା ସ୍ମୃତିଶକ୍ତି ଫେରାଇ ଆଣିବାରେ ଏହି କ୍ଲିନିକ୍ ସହାୟକ ହେଉଛି। ଆଲ୍‌ଝିମର (ଅକାଳ ବାର୍ଦ୍ଧକ୍ୟ ଘଟାଉଥିବା ମସ୍ତିଷ୍କ ରୋଗ) ରୋଗୀଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ ଏହାର ପ୍ରତି ଚଟାଣରେ ଚିତ୍ର ଦ୍ୱାରା କୌଣସି ବିଷୟର ବ୍ୟାଖ୍ୟାନକୁ ଦେଖିବାର ଅନୁମତି ଦିଆଯାଇଥାଏ। ଫଳରେ ମଣିଷ ଭୁଲି ଯାଇଥିବା ଅତୀତକୁ ମନେପକାଇ ତା' ସ୍ମୃତିଶକ୍ତିକୁ ତାଜା କରିପାରିଥାଆନ୍ତି। ବ୍ୟକ୍ତିର ପରିଚୟ ଓ ତା'ର ଅନ୍ତରଙ୍ଗ କାର୍ଯ୍ୟ ମିଶିଯାଇ ଯେଉଁ ସ୍ମୃତି ବହନ କରିଥାଏ, ତାହାକୁ ଦୀର୍ଘଦିନ ଧରି ରଖିବାର ଶକ୍ତି 'ଟାଇମ୍ ଶେଲ୍‌ଟର'ରେ ବର୍ଣ୍ଣନା କରାଯାଇଛି। ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଚାରକମଣ୍ଡଳୀ ମୁଖ୍ୟ ତଥା ଫରାସୀ-ମରୋକ୍କୀୟ ଲେଖକ ଲୈଲା ସ୍ଲିମାନି କହିଛନ୍ତି, ଏହି ଉପନ୍ୟାସ ଦୁଃଖ ଓ ବିଷାଦରେ ପରିପୂର୍ଣ୍ଣ। କିନ୍ତୁ ଏହା ସମକାଳୀନ ପ୍ରଶ୍ନ ଉଠାଇଥାଏ, ଯେତେବେଳେ ଆମେ ସ୍ମୃତିଶକ୍ତି ହରାଇବସୁ ସେତେବେଳେ ଆମର କ'ଣ ହୋଇଥାଏ ? ଏହି ଉପନ୍ୟାସରେ ମଣିଷର ସ୍ୱାସ୍ଥ୍ୟ, ସମ୍ଭାବନା ଓ ଦର୍ଶନ ମିଶ୍ରିତ ସ୍ମୃତିକୁ ସମୟ କିଭଳି ସାଇତି ରଖିଥାଏ ତାହାର ବ୍ୟାଖ୍ୟା କରାଯାଇଛି। ଏକ ଅନନ୍ୟ ଧରଣର ପୁସ୍ତକ ଲେଖିଥିବା ଜିଓର୍ଜି ଗୋସ୍‌ପୋଡିନୋଭ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ପାଇବାରେ ହେଉଛନ୍ତି ବୁଲ୍‌ଗେରିଆର ପ୍ରଥମ ଔପନ୍ୟାସିକ। ତାହାକୁ ଇଂଲିଶ ଭାଷାରେ ଅନୁବାଦ କରିଥିବା ଆଞ୍ଜେଲା ରୋଡେଲ ମଧ୍ୟ ଏଥିପାଇଁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସଂକ୍ଷିପ୍ତ ତାଲିକାରେ ଥିବା ୬ଟି ଉପନ୍ୟାସ ମଧ୍ୟରୁ ଟାଇମ୍ ଶେଲ୍‌ଟର ପୁରସ୍କୃତ ହୋଇଥିବାରୁ ଏହାର ମୂଳ ଲେଖକ ଜିଓର୍ଜିଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଜିଓର୍ଜି ୭ ଜାନୁୟାରୀ ୧୯୬୮ରେ ବୁଲ୍‌ଗେରିଆରେ ଜନ୍ମଗ୍ରହଣ କରିଥିଲେ। ତେବେ ୧୯୯୦ରେ ତାଙ୍କ ସାହିତ୍ୟ ପ୍ରତିଭାର ଉନ୍ମେଷ ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ସେ କବିତା ଲେଖୁଥିଲେ। ଦୁଇଟି ପୁସ୍ତକ ବୁଲ୍‌ଗେରିଆ ଜାତୀୟ ସାହିତ୍ୟ ସମ୍ମାନ ପାଇବା ପରେ ତାଙ୍କ ଲେଖା ଅଧିକ ଶକ୍ତିଶାଳୀ ହୋଇଥିଲା। ତେବେ ୨୦୧୨ରେ ପ୍ରକାଶିତ ତାଙ୍କ ଉପନ୍ୟାସ 'ଦି ଫିଜିକ୍ସ ଅଫ୍ ସରୋ' ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲା। ଏହାର ଅନୁବାଦ ଇଟାଲି, ଜର୍ମାନୀ, ସର୍ବିଆ, ରୋମାନିଆ ଓ ଇଂଲିଶ ଭାଷାରେ ହେବା ପରେ ବିଶ୍ୱର ବହୁ ଖ୍ୟାତନାମା ଲେଖକ ତାଙ୍କ କୃତିକୁ ସ୍ୱୀକୃତି ଦେଇଥିଲେ। ୨୦୨୦ରେ 'ଟାଇମ୍ ଶେଲ୍‌ଟର' ପ୍ରକାଶ ପାଇବା ଓ ଏବେ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଜୟୀ ହେବା ପରେ ତାଙ୍କ ସୃଷ୍ଟି ଉପରେ ଜୋର୍‌ଦାର ସମୀକ୍ଷା ଚାଲିଛି। ଗତାନୁଗତିକ ଧାରାଠାରୁ ବହୁ ଉର୍ଦ୍ଧ୍ୱକୁ ଉଠି ସେ ଯେଉଁ ଲେଖା ଭେଟି ଦେଉଛନ୍ତି, ତାହା ପାଠିକାପାଠକଙ୍କୁ ବେଶ୍ ଧରି ରଖୁଛି ବୋଲି ସମୀକ୍ଷକମାନେ ମତ ରଖୁଛନ୍ତି। ନିଆରା ଓ ପ୍ରଭାବଶାଳୀ ସୃଷ୍ଟି ଲାଗି ଜିଓର୍ଜି ବହୁ ପୁରସ୍କାର ଅଧିକାରୀ ହୋଇପାରିଛନ୍ତି। ବର୍ତ୍ତମାନର ୨୦୨୩ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ସମେତ ୨୦୨୧ରେ ଷ୍ଟ୍ରେଗା ୟୁରୋପିଆନ୍ ପ୍ରାଇଜ୍ (ରୋମ୍), ୨୦୧୯ରେ ପୋଲାଣ୍ଡର ଏଞ୍ଜେଲସ୍ ଆୱାର୍ଡ, ୨୦୧୬ରେ ସୁଇଜରଲାଣ୍ଡଭିତ୍ତିକ ଜାନ୍ ମିଚାଲ୍‌ସ୍କି ସମ୍ମାନ ଏବଂ ସେହିବର୍ଷ ଆମେରିକାନ୍ ପେନ୍ ଟ୍ରାନ୍ସଲେଶନ ପ୍ରାଇଜ୍‌ର ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହେବା ଭଳି ମର୍ଯ୍ୟାଦା ତାଙ୍କୁ ବିଶ୍ୱସ୍ତରୀୟ ଲେଖକ ଆସନରେ ବସାଇପାରିଛି।

ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ବିଚାରକମଣ୍ଡଳୀର ଅଧ୍ୟକ୍ଷ ଲୈଲା ସ୍ଲିମାନିଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଜିଓର୍ଜିଙ୍କ କୃତିକୁ ବିଚାର କରିଥିଲେ ସେମାନେ ହେଲେ ୟୁକ୍ରେନୀୟ ଅନୁବାଦକ ୟୁଲିୟେମ୍ ବ୍ଲାକର, ମାଲେସୀୟ ଲେଖକ ଟାନ୍ ଟାୱାନ, ଦି ନ୍ୟୁୟର୍କର ସାହିତ୍ୟ ସମୀକ୍ଷକ ପାରୁଲ ସେହଗାଲ ଏବଂ ଦି ଫାଇନାନ୍ସିଆଲ୍ ଟାଇମ୍ସର ଲିଟେରାରି ଏଡିଟର ଫ୍ରେଡେରିକ୍ ଷ୍ଟୁଡେମାନ୍। ଜିଓର୍ଜିଙ୍କ ବିଷୟରେ ସାମଗ୍ରିକ ମତ ହେଲା ଯେ ସେ ସର୍ବଦା ଅସମତୁଲ ଭାବେ ଘୂରୁଥିବା କାର୍ଯ୍ୟକୁ ସମକାଳୀକ ସ୍ପର୍ଶ ଦେବାକୁ ଚେଷ୍ଟା କରିଥାଆନ୍ତି। ତାହାର ସର୍ବୋତ୍କୃଷ୍ଟ କୃତି ହେଉଛି 'ଟାଇମ୍ ଶେଲ୍‌ଟର'।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ କୁହାଯାଉଥିଲେ ବି ଅନେକ ସମୟରେ ଶିକ୍ଷକ ପିଲାମାନଙ୍କୁ ଦଣ୍ଡ ଦେଉଛନ୍ତି। ଏହା କୋହଳ ଦଣ୍ଡରେ ସୀମିତ ରହୁଛି। କିନ୍ତୁ ପିଲାଙ୍କ ଚୁଟି କାଟି ଦଣ୍ଡ ଦେବା ବିଷୟ କେବେ ଶୁଣିଛନ୍ତି କି? ଏଭଳି ଘଟଣା ଘଟିଛି ଆସାମର ମାଜୁଲି ଜିଲାରେ। ଅନୁଶାସନ ନାମରେ ଜଣେ ଶିକ୍ଷକ ୩୦ ଜଣ ପିଲାଙ୍କ ଚୁଟି କାଟିଦେବା ଯୋଗୁ ସେମାନେ କାନ୍ଦି କାନ୍ଦି ଘରକୁ ଆସିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି, ପିଲାମାନେ ଲମ୍ବା ଚୁଟି ରଖିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲମ୍ବା ଚୁଟି ସମ୍ପର୍କରେ ପିଲାମାନଙ୍କୁ ଅନେକ ଥର ଚେତାବନୀ ଦିଆଯାଇଥିଲା ଏବଂ ମାତାପିତାଙ୍କୁ ମଧ୍ୟ ସୂଚନା ଦିଆଯାଇଥିଲା । କିନ୍ତୁ ସେମାନେ କିଛି ପଦକ୍ଷେପ ଗ୍ରହଣ ନ କରିବାରୁ ସ୍କୁଲ ତରଫରୁ ସେମାନଙ୍କ ଚୁଟି କାଟିଦିଆଯାଇଥିବା କୁହାଯାଇଛି। ଡେପୁଟି କମିଶନର କାବେରୀ ଶର୍ମା ଏହି ଘଟଣାର ଅନୁସନ୍ଧାନ କରିବାକୁ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ଅନୁସନ୍ଧାନ ଅନୁଯାୟୀ, ଶିକ୍ଷକ କେବଳ ଲମ୍ବା ଚୁଟି କାଟି ଏହାକୁ ଛୋଟ କରିଛନ୍ତି, ସମ୍ପୂର୍ଣ୍ଣ ଭାବେ କାଟିନାହାନ୍ତି। ପିଲାଙ୍କ ଚୁଟି କାଟିଥିବା ଶିକ୍ଷକଙ୍କ ନାମ ନିକି। ସେ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିଥିବା କହିଛନ୍ତି। ତେବେ ଘଟଣା ପରେ ପିଲାମାନେ କ୍ଲାସ୍‌କୁ ଆସିବାକୁ ମନା କରୁଛନ୍ତି। ସେମାନେ ନିଜକୁ ଅତ୍ୟନ୍ତ ଅପମାନିତ ଅନୁଭବ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୮

- ଆସାମରେ କ୍ଷମତାସୀନ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ମନ୍ତ୍ରିମଣ୍ଡଳରୁ ପ୍ରାଥମିକ ଶିକ୍ଷାମନ୍ତ୍ରୀ ଥାନେଶ୍ୱର ବୋରୋଙ୍କ ଇସ୍ତଫା ପ୍ରଦାନ।
- କୁଖ୍ୟାତ ଚନ୍ଦନକାଠ ଚୋରା ବ୍ୟବସାୟୀ ବୀରାପ୍ପାନ ତାମିଲନାଡୁର ଇରୋଡ ଜିଲ୍ଲାର କାନ୍ନାରୀଠାରୁ ୪ ଜଣ ଲୋକଙ୍କୁ ଅପହରଣ କରିନେଇଛି।
- ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ଅବିଭକ୍ତ ସମ୍ବଲପୁର ଜିଲାରେ ୨୭ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ।

## ଚିରନ୍ତନୀ

କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ-ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା !
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 7 | | | 3 | | |
| | | 4 | | | | | | |
| | | | | 4 | 8 | | | |
| | 3 | | 5 | | | 8 | | |
| | | | 1 | 8 | | | 7 | |
| 5 | | | | 7 | | 6 | | 1 |
| | | | | | | 1 | | |
| | | 8 | | | 6 | | 9 | |
| 3 | | 5 | | | 9 | 2 | 6 | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 1 | 8 | 7 | 2 | 9 | 5 |
| 7 | 2 | 8 | 9 | 3 | 5 | 4 | 6 | 1 |
| 1 | 5 | 9 | 4 | 6 | 2 | 3 | 7 | 8 |
| 4 | 8 | 7 | 3 | 9 | 1 | 5 | 2 | 6 |
| 5 | 6 | 1 | 2 | 7 | 4 | 9 | 8 | 3 |
| 9 | 3 | 2 | 8 | 5 | 6 | 7 | 1 | 4 |
| 3 | 7 | 4 | 6 | 1 | 9 | 8 | 5 | 2 |
| 2 | 1 | 5 | 7 | 4 | 8 | 6 | 3 | 9 |
| 8 | 9 | 6 | 5 | 2 | 3 | 1 | 4 | 7 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସୀମା ସୁରକ୍ଷିତ ରହୁ

ମହାଶୟ,
ସାଧାରଣତଃ ପଟ୍ଟାକାଗଜ ପତ୍ର ଦ୍ୱାରା ମାଲିକ ବୋଲାଉଥିବା ବ୍ୟକ୍ତିମାନେ ନିଜର ଜମି ସରହଦକୁ ସଦାବେଳେ ଲକ୍ଷ୍ୟ ଦେଇଥା'ନ୍ତି। କେହି ବ୍ୟକ୍ତି ଜମିର ସୀମା ଅତିକ୍ରମ କରି ଦଖଲ କରିବା ଦେଖିଲେ ଗଣ୍ଡଗୋଳ ଓ ମାଲି ମକଦ୍ଦମା କରିବାକୁ ସେମାନେ ପଛାଇନଥାନ୍ତି। ମାତ୍ର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଏହିକି, ଆମ ରାଜ୍ୟର ସୀମାକୁ ପଡ଼ୋଶୀ ରାଜ୍ୟ ଯଥା- ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ଦଖଲ କରିବାରେ ଲାଗିଥିବା ବେଳେ ଏଥିପାଇଁ କୌଣସି କଡ଼ା ପଦକ୍ଷେପ ନିଆଯାଇ ପାରୁନାହିଁ। ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମୁଖ୍ୟତଃ ଦାୟୀ। ଟିକିଏ ଭୁଲ୍ ପାଇଁ ଷଢ଼େଇକଳା, ଖରସୁଆଁ ବିହାର ରାଜ୍ୟରେ ମିଶିଗଲା। ସେଠାକାର ଅଧିବାସୀ ଓଡ଼ିଶାର ପରମ୍ପରା, ସଂସ୍କୃତି ଓ ଶିକ୍ଷାଦୀକ୍ଷାକୁ ଝୁରି ହେଉଛନ୍ତି। ଏବେ ଆନ୍ଧ୍ର କୋଟିଆ ପ୍ରତି ଦୃଷ୍ଟି ପକାଇ ସୀମା ଲଙ୍ଘନ କରିବାରେ ଲାଗିଛି। ପଶ୍ଚିମବଙ୍ଗ ଅନୁରୂପ ଭାବେ ବାଲେଶ୍ୱର ଜିଲାକୁ ପଶିଆସୁଛି। ଏହିପରି ଘଟଣାମାନ ଘଟିବା ଦ୍ୱାରା ବିଶାଳ ଓଡ଼ିଶା ରାଜ୍ୟ ଭବିଷ୍ୟତରେ ଏକ କ୍ଷୁଦ୍ର ରାଜ୍ୟରେ ପରିଣତ ହୋଇଯିବ। ଓଡ଼ିଶାର ସୀମା ସୁରକ୍ଷିତ ରଖିବା ଲାଗି ଶାସକ ଓ ବିରୋଧୀ ଉଭୟ ମିଳିତ ଭାବେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୮ ମେ ୨୦୨୩



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୨୭।୫(ଡି.ଏନ.ଏ.):** ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର ଠାକୁରଗଡ଼ ଥାନା ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ଜରପଡା ଗ୍ରାମର ତପନ ବେହେରା, ହଣ୍ଡପା ଥାନା ବଡ଼ହୁଲା ଗ୍ରାମର ଲକ୍ଷ୍ମୀ ବେହେରା, ଗୁଣ୍ଡୁରୀମୁଣ୍ଡା ଗ୍ରାମର ନିଶାମଣି ବେହେରା, ଭାଜ ବେହେରାଙ୍କୁ ଗିରଫ କରାଯାଇଛି। ଚଢାଉରେ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଅଧିକାରୀ ରଞ୍ଜିତା ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର):** ଛେଣ୍ଡିପଦା ଥାନା କୋଶଳା ଗ୍ରାମର ପ୍ରିୟତମା ବେହେରାଙ୍କୁ ତାଙ୍କ ସ୍ୱାମୀ ଦିଲୀପ ବେହେରା ମରଣାନ୍ତକ ଆକ୍ରମଣ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପ୍ରିୟତମାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୯୪/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରିୟତମା ସ୍ୱାମୀ ଦିଲୀପଙ୍କ ସହ ନିଜ ବାପଘର ନୂଆପଡ଼ା ଗ୍ରାମକୁ ଶୀତଳଷଷ୍ଠୀ ଯାତ୍ରା ଦେଖିବା ପାଇଁ ଯାଇଥିଲେ। ଶୁକ୍ରବାର ଘରକୁ ଫେରିବା ପରେ ପାରିବାରିକ କଳହକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ଦିଲୀପ ଉତ୍ତେଜିତ ହୋଇ ଏକ ବାଡିରେ ପ୍ରିୟତମାଙ୍କୁ ମାଡ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଭାଉଜଙ୍କୁ ଆକ୍ରମଣ ଅଭିଯୋଗ

**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ବାଲିପଙ୍ଗା ପଞ୍ଚାୟତ ପଳସାବଣିଆ ଗ୍ରାମର କଳ୍ପନା ବେହେରାଙ୍କୁ ତାଙ୍କ ଦିଅର କାଳିଆ ବେହେରା ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କଳ୍ପନା ରୋଷେଇ କରୁଥିବାବେଳେ ତାଙ୍କ ଦିଅର କାଳିଆ ନିଶାସକ୍ତ ଅବସ୍ଥାରେ ଆସି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପୋଲିସ ନଂ. ୧୯୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ନିଷ୍ପତ୍ତି



କାର୍ଯ୍ୟକ୍ରମରେ ଅମଳାସଂଘର ପଦସ୍ଥ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୭।୫**

ନ୍ୟାଯ୍ୟଦାବି ପୂରଣରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଜୁନ୍ ପହିଲାରୁ ଢେଙ୍କାନାଳ ଜିଲାର ସମସ୍ତ ଅମଲା ସାମୂହିକ ଛୁଟିରେ ଯିବେ। ସେମାନେ ଜିଲା କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଶନିବାର ଏ ସଂକ୍ରାନ୍ତ ଏକ ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ଆବାହକ ଅରୁଣ କୁମାର ବଳିଆରସିଂଙ୍କ ଆହ୍ୱାନରେ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିବା ବେଳେ ମାଟ୍ରିକ ହାରରେ ଦରମା ମିଳୁଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟ ସରକାର ଦାବିକୁ ଅଣଦେଖା କରି ଚାଲିଛନ୍ତି। ଏହାର

### ୧ରୁ ସାମୂହିକ ଛୁଟିରେ ଯିବେ ଅମଲା

ପ୍ରତିବାଦରେଅମଲାମାନେ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଦିନ ଜିଲା କାର୍ଯ୍ୟାଳୟ ଏବଂ ଏହାପରେ ଢେଙ୍କାନାଳ, କାମାକ୍ଷାନଗର ଓ ହିନ୍ଦୋଳ ଉପଜିଲାପାଳ କାର୍ଯ୍ୟଳୟ ସମେତ ବିଭିନ୍ନ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ନ୍ୟାଯ୍ୟଦାବି ହାସଲ ପାଇଁ ଏବେ ଅମଲାମାନେ କଳାବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ବୈଠକରେ ଓଡ଼ିଶା ଅମଲା ସଂଘର ଜିଲା ସମ୍ପାଦକ ଗଣେଶ୍ୱର ପୃଷ୍ଟି, ରାଜସ୍ୱ ଅମଲା ସଂଘର ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ସଭାପତି ସଞ୍ଜୟ ସାହୁ, ସମ୍ପାଦକ ଯତିନ ଦେହୁରୀ, ରେଜିଷ୍ଟ୍ରାର ଅମଲା ସଂଘ ସଭାପତି ରାଜୀବ ସାହୁ, ସମ୍ପାଦକ ଜ୍ଞାନରଞ୍ଜନ ମହାଲିକଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ସ୍ଥାନରୁ ୩୫୦ରୁ ଊର୍ଦ୍ଧ୍ୱ ଅମଲା ବୈଠକରେ ଉପସ୍ଥିତ ଥିଲେ।

# କୋଇଲା ଜବତ, ୨ ଗିରଫ

**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର)**

ବେଆଇନ ଚୋରା କୋଇଲା ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଣ୍ଡେଇଗୋଳ ଥାନା ନୁହୁରାକୋଟ ଗ୍ରାମର ପରମାନନ୍ଦ ବେହେରା (୪୪) ଓ ଛେଣ୍ଡିପଦା ଥାନା ଅନ୍ଧାରିକଟା ଗ୍ରାମର ଦୁର୍ଯ୍ୟୋଧନ ବାରିକ। ଛେଣ୍ଡିପଦା ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ କମ୍ପସଲାରୁ ଛେଣ୍ଡିପଦା ଆଡକୁ କୋଇଲା ବୋଝେଇ କରି ଆସୁଥିବା ୨ଟି ମୋଟର ସାଇକେଲକୁ ଗୋଳାଗାଡିଆ ନିକଟରେ ସନ୍ଦେହରେ ଅଟକାଯାଇଥିଲା। ଯାଞ୍ଚବେଳେ ଦୁଇଟି ବାଇକ୍‌ରେ ବୋଝେଇ ହୋଇଥିବା ୬ କୁଇଣ୍ଟାଲ ଚୋରା କୋଇଲା ଜବତ କରାଯାଇଥିଲା। ମୋଟର ସାଇକେଲ ଚାଳକ ପରମାନନ୍ଦ ଓ ଦୁର୍ଯ୍ୟୋଧନଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୧୯୬/୨୩ରେ ୨ଟି ମାମଲା ରୁଜୁ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଇଟା ମାଡ଼ରେ ମହିଳା ଗୁରୁତର

**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର)**

ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଗ୍ରାମରେ ପାରିବାରିକ କହଳକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ଜଣେ ମହିଳାଙ୍କ ଇଟା ମାଡ଼ରେ ତାଙ୍କ ଯାଆ ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ପୋଡାପଡା ଗ୍ରାମର ସୀତା ପ୍ରଧାନ କୂଅରୁ ପାଣି କାଢୁଥିବା ବେଳେ ତାଙ୍କ ଯାଆ ଡଲି ପ୍ରଧାନ ପାରିବାରିକ କଳହକୁ ନେଇ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଡଲି ଘରେ ପଡିଥିବା ଏକ ପୋଡା ଇଟାରେ ସୀତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସୀତା ଗୁରୁତର ହୋଇଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ନଂ.୧୯୪/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଚଳାଇଛି।

# ୫ ଅଭିଯୁକ୍ତ ଗିରଫ

**କଣିହାଁ,୨୭।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଶନିବାର ଚୋରା କୋଇଲା ଚାଲାଣ ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଣିହାଁ ଥାନା ଜରଡ଼ା ଗ୍ରାମର ସଞ୍ଜୟ ଗୋଚ୍ଛାୟତ (୪୦), ସୁଶାନ୍ତ ଗୋଚ୍ଛାୟତ (୩୩), ବଡ଼ଗୁଣ୍ଡୁରି ଗ୍ରାମର ଅକ୍ଷୟ ନାଏକ (୨୨), ନିରଞ୍ଜନ ନାଏକ, ବାଇଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ଦେହୁରୀ (୩୯)।

ପୋଲିସ କହିଛି, ଶନିବାର ବେଆଇନ କୋଇଲା ଚୋରା ଚାଲାଣ କରୁଥିବାବେଳେ ସରଧାପୁର ସଂରକ୍ଷିତ ଜଙ୍ଗଲ ନିକଟରେ ପୋଲିସ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ କୋଇଲା ଓ ବାଇକ୍ ଜବତ କରାଯାଇଥିଲା। ଏ ନେଇ ନଂ. ୧୦୧/୨୦୨୩ ମାମଲା ରୁଜୁ ହୋଇଛି।

# ଟ୍ରେଲର ଧକ୍କାରେ ଜଣେ ମୃତ

**କଣିହାଁ,୨୭।୫(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ୧୪୯ ନଂ. ଜାତୀୟ ରାଜପଥ ଡେରାଗୋଳାଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖମାର ଥାନା ବାଲିପଶି ଗ୍ରାମର ବ୍ରହ୍ମାନନ୍ଦ ସାମଲ (୨୨)। ବାଇକ୍‌ରେ ବସିଥିବା ଅନିଲ ସାମଲ (୨୩) ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଉଭୟ ଟ୍ରେଲର ଓ ବାଇକ ଜବତ କରି ତଦନ୍ତ ଚଳାଇଛି। ବ୍ରହ୍ମାନନ୍ଦଙ୍କ ପିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଶନିବାର ଟ୍ରେଲର ଡ୍ରାଇଭର କାଶୀରାମ ରଭଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଚୋରା କାଠ ଜବତ, ଜଣେ ଗିରଫ

**କଣିହାଁ,୨୭।୫(ଡି.ଏନ.ଏ.)**

କଣିହାଁ ବ୍ଲକ ବନାଞ୍ଚଳ ତରଫରୁ ଶନିବାର ଚଢାଉ କରାଯାଇ ଏକ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଏହି ଘଟଣାରେ ଛେଣ୍ଡିପଦା ଥାନା କୋଶଳା ଗ୍ରାମର ଚିନ୍ମୟ ସାହୁ(୨୧)ଙ୍କୁ ଗିରଫ କରାଯାଇଛି। ଚିନ୍ମୟ ପିକ୍‌ଅପ୍ ଭ୍ୟାନ୍ ଯୋଗେ କାଠ ବୋଝେଇ କରି ଯାଉଥିବାବେଳେ କୁମୁଣ୍ଡା ବିଟ୍ ହାଉସଠାରେ କଣିହାଁ ବନାଞ୍ଚଳ ଟିମ୍ ତାଙ୍କୁ କାବୁ କରିଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୪୫,୦୦୦ ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ପ୍ରକାଶ କରିଛନ୍ତି।

# ସଙ୍ଗଠନ ସୁଦୃଢ଼ କରିବାକୁ ପରାମର୍ଶ

**କଣିହାଁ,୨୭।୫(ଡି.ଏନ.ଏ.)**

କଣିହାଁ ମଣ୍ଡଳ ଭାଜପା ତରଫରୁ ଶନିବାର କଣିହାଁ ସ୍ଥିତ ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିସରରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ଯୋଗଦେଇ ଦଳୀୟ ଆଭିମୁଖ୍ୟ ସହିତ ସାଙ୍ଗଠନିକ କାର୍ଯ୍ୟକୁ ନେଇ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ସାମଲ, କର୍ଣ୍ଣ ଭୂତିଆ, ରମେଶ ସାମଲ, ସୁଲେନ ଧର, ଦୁଃଖବନ୍ଧୁ ଭୂତିଆ, ଲୋକନାଥ ସାହୁ, ସତ୍ୟାନନ୍ଦ ସାମଲ, କନିଷ୍କ ପ୍ରଧାନ, ସସ୍ମିତା ଦଳେଇଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତା, ବହୁ ଭାଜପା ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ।

# ସାପ କାମୁଡ଼ାରେ ଯୁବକ ମୃତ

**ଛେଣ୍ଡିପଦା,୨୭।୫(ସ୍ୱ.ପ୍ର)**

ଅନୁଗୋଳ ଜିଲା ବାଗଡିଆ ଥାନା ଖମାର ମାହାର ସାହିରେ ଶନିବାର ସାପ କାମୁଡାରେ ନବୀନା ମାହାରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ନବୀନା ଘର ଅଗଣାରେ ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନିଷ୍ଠାପର କାମ ସ୍ୱତନ୍ତ୍ର ପରିଚୟ ଦିଏ



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା,୨୭।୫(ଡି.ଏନ.ଏ.)**

ପିଲାଙ୍କୁ ଭଲ ମଣିଷ କରିବାରେ ଶିକ୍ଷକ ଓ ଅଧ୍ୟକ୍ଷଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ବହୁ ପରିଶ୍ରମ କରି ପିଲାଙ୍କୁ ଭଲ ଶିକ୍ଷାଦାନ ଦେବା ଆବଶ୍ୟକ। ନିଷ୍ଠାପର ଭାବେ କାମ କଲେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିହେବ ବୋଲି ଶନିବାର କିଶୋରନଗର ଯୁକ୍ତ ୩ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅବସର ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଓ ଜଏରାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପ୍ରଧାନ ଚଳିତ ମାସରେ ଅବସର ଗ୍ରହଣ କରିବେ। ଉଭୟ ଶିକ୍ଷାବିତ୍‌ଙ୍କୁ ଶନିବାର ମହାବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ଉଭୟଙ୍କୁ ପୁଷ୍ପଗୁଚ୍ଛ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀ ସେନ ସାହୁ, ନଳିନୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ରୁଚିସ୍ମିତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ସଚେତନ ହେଲେ କମିବ ସାଇବର ଅପରାଧ




ବୈଠକରେ ଏସ୍‌ପିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୭।୫**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ପଞ୍ଚାୟତ ସିଆରିଆ ଗ୍ରାମରେ ଆମ ପୋଲିସ ସମିତି ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ସମ୍ପ୍ରତି ବୃଦ୍ଧି ପାଉଥିବା ସାଇବର ଅପରାଧ, ଏହାର କାରଣ ଏବଂ ନିରାକରଣ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ସଚେତନ ହେଲେ ଏଭଳି ଅପରାଧ କମିବ ବୋଲି ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଆପରାଧିକ କାର୍ଯ୍ୟକଳାପ ରୋକିବା ଲାଗି ପଞ୍ଚାୟତରେ ସିସିଟିଭି କ୍ୟାମେରା ଲଗାଇବାକୁ ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିଙ୍କୁ ଏସ୍‌ପି ନିବେଦନ କରିଛନ୍ତି। ପ୍ରଲୋଭନରେ ପଡ଼ି ଜିଲାର ବହୁ ଯୁବତୀ, ନାବାଳିକା ବାହାର ଲୋକଙ୍କୁ ବିଶ୍ୱାସ କରି ବିବାହ କରୁଛନ୍ତି। ପରେ ସମସ୍ୟା ଉପୁଜୁଛି। ଏଥିପ୍ରତି ସଚେତନ ରହିବା ଲାଗି ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଦୀପ୍ତିମୟୀ ଜେନା, ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ା, ନଡିଆଳୀ ସରପଞ୍ଚ ଫିରୋଜ ସାହୁ, ବଳଦିଆବନ୍ଧ ସରପଞ୍ଚ ଚ ନିରୁପମା ହାତୀ, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ରାଉତ, ମାଣିପୁର ସରପଞ୍ଚ ରୁଦ୍ରନାରାୟଣ ପଟ୍ଟନାୟକ, ସିଆରିଆ ଗ୍ରାମ ସଭାପତି ପରମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



**ନାଟୋ ପ୍ଲସ୍‌ରେ ଭାରତକୁ ସାମିଲ କରିବା ଲାଗି ହାଉସ୍ କମିଟିର ସୁପାରିସ**

ଭାରତକୁ ନାଟୋ ପ୍ଲସ୍‌ରେ ସାମିଲ କରି ଏହାକୁ ସୁଦୃଢ଼ କରିବା ପାଇଁ ଆମେରିକା କଂଗ୍ରେସର ଏକ ପ୍ରଭାବଶାଳୀ କମିଟି ସୁପାରିସ କରିଛି। ନାଟୋ ସହ ୫ଟି ସହଯୋଗୀ ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଜାପାନ, ଇସ୍ରାଏଲ୍ ଓ ଦକ୍ଷିଣ କୋରିଆକୁ ନେଇ ବିଶ୍ୱ ପ୍ରତିରକ୍ଷା ସହଯୋଗ ବଢ଼ାଇବା ପାଇଁ ନାଟୋ ପ୍ଲସ୍‌ ଗଠନ କରାଯାଇଛି। ଏହି ଗ୍ରୁପ୍ ସହ ଭାରତକୁ ସାମିଲ କରାଗଲେ, ଦେଶଗୁଡ଼ିକ ମଧ୍ୟରେ ଅବାଧ ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ହୋଇପାରିବ ଏବଂ ଅବିଳମ୍ବେ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି ହାସଲ କରାଯାଇପାରିବ।



## ସଂକ୍ଷେପରେ

### ଦୀପାବଳିକୁ ସଂଘୀୟ ଛୁଟି ଘୋଷଣା ଲାଗି ଆମେରିକା କଂଗ୍ରେସରେ ବିଲ୍

**ୱାଶିଂଟନ, ୨୭।୫(ପି.ଟି.):** ଆଲୋକର ପର୍ବ ଦୀପାବଳିକୁ ଆମେରିକାରେ ସଂଘୀୟ ଛୁଟି ଭାବେ ଘୋଷଣା କରିବା ପାଇଁ ଜଣେ ଆଇନ ପ୍ରଣେତା ବିଲ୍ ଆଣିଛନ୍ତି। ଏହାକୁ ଦେଶର ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇଛି। ଦିୱାଲି ଡେ' ଆକ୍ଟ ଆମେରିକା କଂଗ୍ରେସରେ ଗୃହୀତ ହୋଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ସ୍ୱାକ୍ଷରିତ ହେଲେ ଦୀପାବଳି ଦେଶର ଦ୍ୱାଦଶ ସଂଘୀୟ ସ୍ୱୀକୃତିପ୍ରାପ୍ତ ଛୁଟିଦିନ ହେବ। ସାରା ବିଶ୍ୱର କୋଟି କୋଟି ଲୋକ ଦୀପାବଳୀକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିବସ ଭାବେ ପାଳନ କରିଥାନ୍ତି। ଗ୍ରେସ୍ ମେଙ୍ଗ୍ ଶୁକ୍ରବାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଉକ୍ତ ବିଲ୍ ଆଗତ କରିଥିଲେ। ସଂଘୀୟ ଛୁଟି ଘୋଷଣା ହେଲେ ଦୀପାବଳିକୁ ସବୁ ପରିବାର ସଦସ୍ୟ ଓ ବନ୍ଧୁମାନେ ଏକାଠି ପାଳନ କରିପାରିବେ।



ଗ୍ରେସ୍ ମେଙ୍ଗ୍

### ଉତ୍ତର କୋରିଆରେ ୨ ବର୍ଷର ଶିଶୁକୁ ଆଜୀବନ ଜେଲ

**ନୂଆଦିଲ୍ଲୀ, ୨୭।୫:** ଉତ୍ତର କୋରିଆର ଆଇନ ବ୍ୟବସ୍ଥା ଅନୁଯାୟୀ କୌଣସି ଖ୍ରୀଷ୍ଟିୟାନ ବାଇବେଲ୍ ସହ ଧରାପଡ଼ିଲେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଥିବାବେଳେ ତାଙ୍କ ପିଲା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥାଏ। ଆମେରିକା ପରରାଷ୍ଟ୍ର ବିଭାଗର ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ରିପୋର୍ଟ ଅନୁଯାୟୀ ୨୦୨୨ରେ ଉତ୍ତର କୋରିଆ ୭୦,୦୦୦ ଖ୍ରୀଷ୍ଟିୟାନଙ୍କ ସମେତ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଜେଲ ପଠାଇଛି। ସେମାନଙ୍କ ମଧ୍ୟରେ ଜଣେ ୨ ବର୍ଷର ନିଷ୍ପାପ ଶିଶୁ ରହିଛି। ଆଇନ କ'ଣ ଜାଣି ନ ଥିବା ଏହି ଶିଶୁର ମାଆବାପା ପାଖରେ ବାଇବେଲ ରଖିଥିବାରୁ ତାକୁ ଆଜୀବନ ଜେଲଦଣ୍ଡ ଦିଆଯାଇଛି। ବାଇବେଲ ରଖିବା ଅପରାଧରେ ଉକ୍ତ ପରିବାରର ସମସ୍ତଙ୍କୁ ୨୦୦୯ରେ ଗିରଫ କରାଯାଇଥିଲା। ବିଭିନ୍ନ ଅଭିଯୋଗରେ ଜେଲରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ସେଠାରେ ଭୟଙ୍କର ସ୍ଥିତିରେ ରଖାଯିବା ସହ ଶାରୀରିକ ନିର୍ଯାତନା ଦିଆଯାଇଥାଏ। ଶାମେନିକ୍ ଓ ଖ୍ରୀଷ୍ଟିୟାନମାନଙ୍କ ମାନବାଧିକାର ଉଲ୍ଲଂଘନ ପାଇଁ ଦେଶର ସୁରକ୍ଷା ମନ୍ତ୍ରଣାଳୟ ୯୦ ପ୍ରତିଶତ ଦାୟୀ ବୋଲି ରିପୋର୍ଟରେ କୁହାଯାଇଛି।

### ହିଂସାପ୍ରବଣ ମଣିପୁରରେ ସେନାମୁଖ୍ୟ

**ଇମ୍ଫାଲ, ୨୭।୫:** ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଶନିବାର ହିଂସା କ୍ଷତିଗ୍ରସ୍ତ ମଣିପୁରରେ ପହଞ୍ଚି ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ସେନାମୁଖ୍ୟଙ୍କ ସହ ଇଷ୍ଟର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଣା ପ୍ରତାପ କାଲିତା ମଣିପୁର ଯାଇଛନ୍ତି। ବୀର ଟିକେନ୍ଦ୍ରଜିତ୍ ଇମ୍ଫାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେନାମୁଖ୍ୟ ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଆସାମ ରାଇଫଲ୍ସର ଆଇଜି ମୁଖ୍ୟାଳୟକୁ ନିଆଯାଇଥିଲା। ସେ ମଣିପୁର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ସୁରକ୍ଷା ପରାମର୍ଶଦାତାଙ୍କ ସହ ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିବେ। ଏଥିସହିତ ଗ୍ରାଉଣ୍ଡ କମାଣ୍ଡରମାନଙ୍କୁ ସେନାମୁଖ୍ୟ ଭେଟିବା କାର୍ଯ୍ୟକ୍ରମ ରହିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନକୁ ବିରୋଧ କରି ଆଦିବାସୀ ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ଚଳିତ ମାସ ୩ ତାରିଖରୁ ମଣିପୁରରେ ହିଂସାକାଣ୍ଡ ଓ ଉତ୍ତେଜନା ଲାଗି ରହିଥିବାବେଳେ ସ୍ଥିତି ନିୟନ୍ତ୍ରଣ ପାଇଁ ୧୩୫ କଲମ୍ ସେନା ଓ ଆସାମ ରାଇଫଲ୍ସ ଯବାନ ନିୟୋଜିତ ହୋଇଛନ୍ତି।


ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ବେଳେ ଲୋକସଭା ବାଚସ୍ପତିଙ୍କ ଆସନ ନିକଟରେ ସ୍ଥାପନ ହେବାକୁ ଥିବା ସେଙ୍ଗୋଲକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ତାମିଲନାଡୁର ଆଧିନମ୍‌ଙ୍କଠାରୁ ଗ୍ରହଣ କରୁଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥିତ ଅଛନ୍ତି।

## 'ମଙ୍ଗଳ'ରେ ବର୍ଷେ ବିତାଇବେ କାନାଡା ବୈଜ୍ଞାନିକ

**ୱାଶିଂଟନ, ୨୭।୫**

ମଙ୍ଗଳ ଗ୍ରହ ଭଳି ପରିବେଶରେ ଗୋଟିଏ ବର୍ଷ ବିତାଇବାକୁ ଯାଉଛନ୍ତି କାନାଡ଼ାର ମହିଳା ଜୀବବିଜ୍ଞାନୀ କେଲି ହଷ୍ଟନ୍। ଏଥିପାଇଁ ସେ ପ୍ରସ୍ତୁତି ଚଳାଇଛନ୍ତି। ତେବେ ମଙ୍ଗଳରେ ରହିବା ତାଙ୍କର ପିଲାଦିନର ସ୍ୱପ୍ନ ନ ଥିଲା ବୋଲି ୫୨ ବର୍ଷୀୟ ବୈଜ୍ଞାନିକ କହିଛନ୍ତି। ଟେକ୍ସାସ୍‌ର ହ୍ୟୁଷ୍ଟନ୍‌ରେ ମଙ୍ଗଳ ଗ୍ରହ ପରିବେଶ ସଦୃଶ ବାସସ୍ଥାନ ପ୍ରସ୍ତୁତ କରାଯାଇଛି। ଜୁନ୍ ଶେଷ ଭାଗରେ କେଲିଙ୍କ ସହ ୪ ଜଣ ସ୍ୱେଚ୍ଛାସେବୀ ସେଠାରେ ପ୍ରବେଶ କରିବେ। ପରବର୍ତ୍ତୀ ୧୨ ମାସ ସେମାନେ ଉକ୍ତ ସ୍ଥାନରେ ବିତାଇବେ। ଏହା ତାଙ୍କ ପାଇଁ ଏବେ ବି ଅବାସ୍ତବ ଭଳି ଲାଗୁଥିବା କେଲି କହିଛନ୍ତି।

ନାସା ଏହାର ଭବିଷ୍ୟତର ବାସ୍ତବ ମଙ୍ଗଳ ମିଶନ ପୂର୍ବରୁ ସେଠାରେ ରହିବା ଲାଗି ଦୀର୍ଘମିଆଦୀ ଅଭିଜ୍ଞତା ଜାଣିବା ପାଇଁ ଚାହୁଁଛି। ସେଥିପାଇଁ ଅତ୍ୟନ୍ତ ସତର୍କତାର ସହ ୪ ଜଣ ଅଂଶଗ୍ରହଣକାରୀଙ୍କୁ ଚୟନ କରାଯାଇଛି। କୃତ୍ରିମ ମଙ୍ଗଳ ବାସସ୍ଥଳୀରେ ସେମାନଙ୍କୁ ଉପକରଣ ବିଫଳତା ଓ ସୀମିତ ଜଳ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ନାସା ସତର୍କ କରିଦେଇଛି। ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ପାଇଁ ୱାନ୍ ୱେରେ ୨୦ ମିନିଟ୍ ଓ ଟୁ ୱେରେ ୪୦ ମିନିଟ ବିଳମ୍ବ ହେବ। ଏଥିପାଇଁ ସେ ବହୁତ ଉତ୍ସାହୀ ଥିବାବେଳେ ମଙ୍ଗଳରେ କ'ଣ ସବୁ ଚ୍ୟାଲେଞ୍ଜ ରହିଛି, ସେ ତାହା ଅନୁଭବ କରିବାକୁ ଚାହାନ୍ତି ବୋଲି କେଲି କହିଛନ୍ତି। ମାର୍ସ ଡୁନ୍ ଆଲ୍‌ଫା ନାମରେ ଏହି ବାସସ୍ଥାନ ଏକ ୩ଡି ପ୍ରିଣ୍ଟେଡ୍ ୧,୭୦୦ ବର୍ଗଫୁଟ୍‌ର ବ୍ୟବସ୍ଥା, ଯେଉଁଥିରେ ଶୟନ କକ୍ଷ ସାଙ୍ଗକୁ ଜିମ୍, ସାଧାରଣ ସ୍ଥାନ ଓ ଖାଦ୍ୟ ଉତ୍ପାଦନ ପାଇଁ ଏକ ଫାର୍ମ ରହିଛି। ଏହା ବାହାରେ ଚାଲିବା ପାଇଁ ବ୍ୟବସ୍ଥା ରହିଛି, ଯେଉଁଠି ସ୍ପେସ୍ ୱାକ୍ ବା ମଙ୍ଗଳ ପୃଷ୍ଠରେ ଚାଲିବା ଭଳି ଲାଗିବ ବୋଲି କେଲି ସୂଚନା ଦେଇଛନ୍ତି।


କେଲି ହଷ୍ଟନ୍

# ବେଲାରୁଷରେ ରୁଷିଆର ଆଣବିକ ଅସ୍ତ୍ର

**ମସ୍କୋ-ୱାଶିଂଟନ୍ ମୁହାଁମୁହିଁ**

**ମସ୍କୋ/ୱାଶିଂଟନ୍, ୨୭।୫**

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନ୍ ଆକ୍ରମଣ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସାମରିକ ମେଣ୍ଟର ନେତୃତ୍ୱ ନେଉଥିବା ଆମେରିକା ଓ ରୁଷିଆ ସେବେଠୁ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ତେବେ ରୁଷିଆ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ପଡ଼ୋଶୀ ବେଲାରୁଷ ଭୂଖଣ୍ଡରେ ବୋମା ବର୍ଷଣକାରୀ ଆଣବିକ ଅସ୍ତ୍ର ମୁତୟନ କରିବାକୁ ନିଷ୍ପତ୍ତି ନେଇଛି। ଏଥିଲାଗି ରୁଷିଆ ଓ ବେଲାରୁଷ ମଧ୍ୟରେ ଗୁରୁବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମସ୍କୋକୁ ସମାଲୋଚନା କରିଥିବାବେଳେ ରୁଷିଆ କହିଛି, ୱାଶିଂଟନ୍ ଅନେକ ଦଶନ୍ଧି ଧରି ୟୁରୋପ ସାରା ଏପରି ଅସ୍ତ୍ର ମୁତୟନ କରିଆସିଛି। ୧୯୯୧ରେ ସୋଭିଏଟ୍ ୟୁନିୟନ୍‌ର ପତନ ପରେ ରୁଷିଆ ପ୍ରଥମ ଥର ପାଇଁ ନିଜ ସୀମା ବାହାରେ ଟେକ୍ଟିକାଲ ନ୍ୟୁକ୍ଲିୟର ୱିପନ୍ ମୁତୟନ କରିବାକୁ ଯାଉଛି। ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ପାଇଁ ରୁଷିଆ ଏହି ପଦକ୍ଷେପ ନେଇଛି। ୨,୦୦୦ ଟେକ୍‌ଟିକାଲ ନ୍ୟୁକ୍ଲିୟର ୱିପନ୍ ରଖିଥିବା ମସ୍କୋ ଜୁଲାଇ ୧ ସୁଦ୍ଧା ସୀମାପାର ଅସ୍ତ୍ରାଗାର ନିର୍ମାଣ ଶେଷ ହେବ ବୋଲି ସ୍ପଷ୍ଟ କରିଥିବାବେଳେ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୋକାଶେଙ୍କୋ କହିଛନ୍ତି, ରୁଷିଆ ପକ୍ଷରୁ ତାଙ୍କ ଦେଶରେ ଏପରି ଅସ୍ତ୍ର ମୁତୟନ ହୋଇସାରିଛି। ଏହାର ଉପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କର ଅତ୍ୟନ୍ତ ନକାରାତ୍ମକ ପ୍ରତିକ୍ରିୟା ରହିଥିବା କହିଛନ୍ତି। ପରରାଷ୍ଟ୍ର ବିଭାଗ ମଧ୍ୟ ରୁଷିଆର ଆଣବିକ ଅସ୍ତ୍ର ମୁତୟନ ଯୋଜନାକୁ ନିନ୍ଦା କରିଛି। ରୁଷିଆ ଓ ବେଲାରୁଷ ନିଜ ନିଜ ସୁରକ୍ଷା ସୁନିଶ୍ଚିତ କରିବା ସେମାନଙ୍କ ସାର୍ବଭୌମ ଅଧିକାର। କିନ୍ତୁ ୱାଶିଂଟନ୍ ଆମ ବିରୋଧରେ ବଡ଼ଧରଣର ଯୁଦ୍ଧ ଚଳାଇଥିବାରୁ ଏପରି କରିବାକୁ ଆମେ ଆବଶ୍ୟକ ମନେକରୁଛୁ ବୋଲି ଆମେରିକାସ୍ଥିତ ରୁଷିଆ ଦୂତାବାସ ପକ୍ଷରୁ କୁହାଯାଇଛି। ପୁଟିନ୍‌ଙ୍କ ଘାତକ ଆଭିମୁଖ୍ୟ ଯୋଗୁ ସୃଷ୍ଟି ହୋଇଥିବା ଏପରି ଆଣବିକ ବିପଦ ୧୯୬୨ର କ୍ୟୁବା ମିସାଇଲ ସଙ୍କଟ ପରଠୁ ବିଶ୍ୱ କେବେ ଦେଖି ନ ଥିଲା। ଇତିମଧ୍ୟରେ ୟୁରୋପର ସର୍ବବୃହତ୍ ଜାପୋରିଝିଆ ଆଣବିକ କେନ୍ଦ୍ର ଉପରେ ରୁଷୀୟ ସୈନ୍ୟ ଆକ୍ରମଣ କରିପାରନ୍ତି ବୋଲି ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୋକାଶେଙ୍କୋଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

- ➞ବେଲାରୁଷରେ ରୁଷିଆ ପକ୍ଷରୁ ବୋମା ବର୍ଷଣକାରୀ ଆଣବିକ କ୍ଷେପଣାସ୍ତ୍ର ମୁତୟନ ନିଷ୍ପତ୍ତିକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ୱାଶିଂଟନ୍ ସାରା ୟୁରୋପରେ ଅନେକ ଦଶନ୍ଧି ଧରି ଏପରି କରିଥିବା କହି ମସ୍କୋ ନିନ୍ଦା କରିଛି।
- ➞ବେଲାରୁଷ ସୀମାନ୍ତ ରୁଷିଆର ପାସ୍କୋଭ୍ ଅଞ୍ଚଳରେ ଥିବା ଏକ ତୈଳ ପାଇପ୍‌ଲାଇନ୍ ଫାସିଲିଟି ଉପରେ ଶନିବାର ଡ୍ରୋନ୍ ଆକ୍ରମଣ ହୋଇଛି।
- ➞ରୁଷିଆକୁ ଡ୍ରୋନ୍ ଯୋଗାଣ ବନ୍ଦ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଇରାନ୍‌କୁ ତାଗିଦ କରିଛନ୍ତି। ଏହାର ଜବାବରେ ତେହେରାନ୍ କହିଛି, ଜେଲେନ୍‌ସ୍କି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରୁ ଆର୍ଥିକ ଓ ସାମରିକ ସହାୟତା ହାସଲ ଆଶାରେ 'ଇରାନ ବିରୋଧୀ ପ୍ରୋପାଗଣ୍ଡା' ଚଳାଇବା ସହ ଏପରି ମନ୍ତବ୍ୟ ଦେଉଛନ୍ତି।
- ➞ୟୁକ୍ରେନ୍ ଆକାଶମାର୍ଗରୁ ଭୂପୃଷ୍ଠକୁ ୫୦୦ କି.ମି. ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟରସ୍ ମିଶାଇଲ ଜର୍ମାନୀକୁ ମାଗିଛି।
- ➞ୟୁକ୍ରେନ୍‌କୁ ବ୍ରିଟେନ ଯୋଗାଇଦେଇଥିବା ୧୯ଟି ମିଶାଇଲ ଗତ ୨୪ ଘଣ୍ଟା ମଧ୍ୟରେ ଖସାଇଦେଇଥିବା ରୁଷିଆ ଦାବି କରିଛି।

**ରାଷ୍ଟ୍ରପତିଙ୍କ ଜାତିକୁ ନେଇ ମନ୍ତବ୍ୟ**

## କେଜ୍‌ରିୱାଲ, ଖାର୍ଗେଙ୍କ ବିରୋଧରେ ଏତଲା



**ନୂଆଦିଲ୍ଲୀ, ୨୭।୫(ଆଇଏଏନ୍‌ଏସ୍)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜାତିକୁ ନେଇ ଉତ୍ତେଜକ ମନ୍ତବ୍ୟ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ସୁପ୍ରିମକୋର୍ଟ ଆଇନଜୀବୀ ବିନୀତ ଜିନ୍ଦଲ ଅଭିଯୋଗ ଦାଏର କରିଛନ୍ତି। ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରାଙ୍କ ପାଖରେ ଦାଏର ଅଭିଯୋଗ ଅନୁଯାୟୀ ବିଭିନ୍ନ ସମ୍ପ୍ରଦାୟ ଓ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଉକ୍ତ ମନ୍ତବ୍ୟ ପଛର ଉଦ୍ଦେଶ୍ୟ ଥିଲା। କେନ୍ଦ୍ର ପ୍ରତି ଅବିଶ୍ୱାସର ଭାବନା ବଢ଼ାଇବା ଲାଗି ସେମାନେ ଉଦ୍ୟମ କରିଥିଲେ ବୋଲି ଜିନ୍ଦଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଆଇପିସିର ଧାରା ୧୨୧, ୧୫୩ଏ, ୫୦୫ ଏବଂ ୩୪ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି।

## କର୍ନାଟକ କ୍ୟାବିନେଟ୍‌ର ୨୪ ମନ୍ତ୍ରୀ ଶପଥ ନେଲେ

**ବେଙ୍ଗାଲୁରୁ, ୨୭।୫**

**ସିଦ୍ଧାରାମାୟାଙ୍କ ହାତରେ ଅର୍ଥ, ଶିବକୁମାରଙ୍କୁ ଜଳସେଚନ**

କର୍ନାଟକରେ କଂଗ୍ରେସ ସରକାର ଗଢ଼ିବାର ସପ୍ତାହେ ପରେ ଶନିବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ୨୪ ଜଣ ନୂଆ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କୁ ମିଶାଇ ସିଦ୍ଧାରାମାୟାଙ୍କ କ୍ୟାବିନେଟର ମନ୍ତ୍ରୀ ସଂଖ୍ୟା ୩୪ରେ ପହଞ୍ଚିଛି। ସପ୍ତାହେ ପୂର୍ବରୁ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାର ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ସେମାନଙ୍କ ସହ ଅନ୍ୟ ୮ ଜଣ ମନ୍ତ୍ରୀ ହୋଇଥିଲେ। ଶନିବାର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ୨୪ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ରହିଛନ୍ତି। ସେମାନେ ହେଲେ ଆର୍. ଗୁଣ୍ଡୁ ରାଓଙ୍କ ପୁଅ ଦିନେଶ ଗୁଣ୍ଡୁ ରାଓ ଏବଂ ଏସ୍. ବାଙ୍ଗାରାପ୍ପାଙ୍କ ପୁଅ ମଧୁ ବାଙ୍ଗାରାପ୍ପା। ଏହା ବ୍ୟତୀତ ଦଳର କେତେଜଣ ବରିଷ୍ଠ ନେତା ଓ ପୂର୍ବତନ ମନ୍ତ୍ରୀ ମଧ୍ୟ କ୍ୟାବିନେଟରେ ସ୍ଥାନ ପାଇଛନ୍ତି।

ନୂଆ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମେତ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅର୍ଥ ସମେତ ୫ ପ୍ରମୁଖ ବିଭାଗ ନିଜ ହାତରେ ରଖିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ଜଳସେଚନ ଓ ବେଙ୍ଗାଲୁରୁ ଉନ୍ନୟନ ବିଭାଗ ମିଳିଛି। ଜି.ପି. ପରମେଶ୍ୱରଙ୍କୁ ଗୃହ ବିଭାଗ ମିଳିଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ପ୍ରିୟଙ୍କ ଖାର୍ଗେଙ୍କୁ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ବିଭାଗ ମିଳିଛି। ଏଚ୍.କେ. ପାଟିଲଙ୍କୁ ଆଇନ ଓ ସଂସଦୀୟ ବ୍ୟାପାର, ଦିନେଶ ଗୁଣ୍ଡୁ ରାଓଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରିଷ୍ଣା ବେରେ ଗୌଡ଼ାଙ୍କୁ ରାଜସ୍ୱ ବିଭାଗ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ଲିଙ୍ଗାୟତର ସମ୍ପ୍ରଦାୟର ୮ ଜଣ ରହିଥିବାବେଳେ ଅନୁସୂଚିତ ଜାତିରୁ ୭, ଭୋକ୍କାଲିଗା ସମ୍ପ୍ରଦାୟରୁ ୫, ଅନୁସୂଚିତ ଜନଜାତିରୁ ୩, ଅନ୍ୟାନ୍ୟ ପଛୁଆ ବର୍ଗରୁ ୬, ମୁସଲମାନ ସମ୍ପ୍ରଦାୟରୁ ୨ ଜଣ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ମରାଠା, ବ୍ରାହ୍ମଣ, ଖ୍ରୀଷ୍ଟିଆନ ଏବଂ ଜୈନ୍ ସମ୍ପ୍ରଦାୟରୁ ଜଣେ ଲେଖାଏ ମନ୍ତ୍ରୀ ହୋଇଛନ୍ତି।


ବେଙ୍ଗାଲୁରୁସ୍ଥିତ ରାଜଭବନରେ କର୍ନାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସହ ନବ ନିଯୁକ୍ତ ମନ୍ତ୍ରୀମାନେ।

## ଦିଲ୍ଲୀ ୟୁନିଭର୍ସିଟି ପାଠ୍ୟକ୍ରମରୁ ମହମ୍ମଦ ଇକ୍‌ବାଲ ବାଦ୍

**ନୂଆଦିଲ୍ଲୀ, ୨୭।୫**

**ଗାନ୍ଧୀ ବଦଳରେ ସାବରକର ପେପରକୁ ବିରୋଧ**

ଲୋକପ୍ରିୟ ଗୀତ 'ସାରେ ଜହାଁ ସେ ଅଚ୍ଛା ହିନ୍ଦୁସ୍ଥାନ ହମାରା'ର ରଚୟିତା ଖ୍ୟାତନାମା ଉର୍ଦ୍ଦୁ ଓ ପାର୍ସି କବି ମହମ୍ମଦ ଇକ୍‌ବାଲଙ୍କୁ ଦିଲ୍ଲୀ ୟୁନିଭର୍ସିଟି (ଡିୟୁ) ଏହାର ବିଏ ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ବାଦ୍ ଦେଇଛି। ବିଶ୍ୱବିଦ୍ୟାଳୟର ଏକାଡେମିକ୍ କାଉନ୍‌ସିଲ୍ ଶୁକ୍ରବାର ଏହି ନିଷ୍ପତ୍ତି ନେଇଛି। ସେହିପରି ବିଏ ରାଜନୀତି ବିଜ୍ଞାନ(ସମ୍ମାନ) ପାଠ୍ୟକ୍ରମର ପଞ୍ଚମ ସେମିଷ୍ଟରରେ ମହାତ୍ମା ଗାନ୍ଧୀଙ୍କ ଉପରେ ରହିଥିବା ପେପରକୁ ବାଦ୍ ଦିଆଯାଇ ଉକ୍ତ ସ୍ଥାନରେ ହିନ୍ଦୁତ୍ୱବାଦୀ ବିନାୟକ ଦାମୋଦର ସାବରକରଙ୍କ ଉପରେ ପେପର ରଖାଯାଇଛି। ଗାନ୍ଧିଜୀଙ୍କ ଉପରେ ପେପର ସପ୍ତମ ସେମିଷ୍ଟରରେ ପଢ଼ାଯିବ। ଅର୍ଥାତ୍ ୪ ବର୍ଷ ବଦଳରେ ୩ ବର୍ଷୀୟା ସ୍ନାତକ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ବିଷୟ ପଢ଼ିପାରିବେ ନାହିଁ। ଏହାକୁ ବିଶ୍ୱବିଦ୍ୟାଳୟର ଗୋଟିଏ ଗୋଷ୍ଠୀ ଶିକ୍ଷକ ବିରୋଧ କରିଛନ୍ତି। ଶିକ୍ଷାର ଗୈରିକୀକରଣ ପାଇଁ ଉଦ୍ୟମ ହେବା ସହ ଗାନ୍ଧିଜୀଙ୍କୁ ସାବରକରଙ୍କ ସହ ତୁଳନା କରିବା ପାଇଁ ପ୍ରଚେଷ୍ଟା ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି।



# ୧୨ ବର୍ଷୀୟ ଛାତ୍ରଙ୍କ ୫ କଲେଜ ଡିଗ୍ରୀ

**ୱାଶିଂଟନ୍, ୨୭।୫**

ଆମେରିକାର ଫୁଲେର୍ଟନ କଲେଜର ସର୍ବକନିଷ୍ଠ ଗ୍ରାଜୁଏଟ୍ କ୍ଲୋଭିସ୍ ହଙ୍ଗ୍ ଏକ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ମାତ୍ର ୧୨ ବର୍ଷ ବୟସରେ ସେ ୫ ଡିଗ୍ରୀ ହାସଲ କରିଛନ୍ତି। ୨୦୨୦ରେ ଜଣେ ୧୩ ବର୍ଷୀୟ ଛାତ୍ର ସର୍ବକନିଷ୍ଠ ସ୍ନାତକ ହେବା ପରେ ତାଙ୍କଠାରୁ ପ୍ରେରଣା ପାଇ ହଙ୍ଗ୍ ଅନୁରୂପ କୀର୍ତ୍ତିମାନ ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ସେ ପୂର୍ବ ରେକର୍ଡଧାରୀଙ୍କ ରେକର୍ଡ ଭଙ୍ଗ କରିବାକୁ କେବେ ଚାହିଁ ନ ଥିଲେ। ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ତାଙ୍କୁ ଉତ୍ସାହିତ କରିଥିଲା। ଏବେ କଳା ପାଠ୍ୟକ୍ରମର ଇତିହାସ, ସାମାଜିକ ବିଜ୍ଞାନ, ସାମାଜିକ ବ୍ୟବହାର ଓ ଆତ୍ମବିକାଶ, ଆର୍ଟ୍ସ ଓ ମାନବୀୟ ପରିପ୍ରକାଶ ଏବଂ ବିଜ୍ଞାନ ଓ ଗଣିତ ଆଦି ୫ଟି ଆସୋସିଏଟ୍ ଡିଗ୍ରୀ ମିଳିଥିବାବେଳେ ଆସନ୍ତା ବର୍ଷ ଆଉ ଗୋଟିଏ ଡିଗ୍ରୀ ପାଇବାକୁ ଆଶାବାଦୀ ଥିବା ହଙ୍ଗ୍ କହିଛନ୍ତି। ହଙ୍ଗ୍‌ଙ୍କ ମା' ସଙ୍ଗ୍ ଚୋଇ କହିଛନ୍ତି, ପୁଅ ସବୁବେଳେ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବାକୁ ଉଦ୍ୟମ ଚଳାଇଥିବା ଦେଖିବା ପରେ ୨୦୧୯ରେ ପାରମ୍ପରିକ ପବ୍ଲିକ୍ ସ୍କୁଲରେ ତାଙ୍କ ପାଠପଢ଼ା ବନ୍ଦ କରି ଘରକୁ ନେଇଯାଇଥିଲେ। ଫୁଲେର୍ଟନ କଲେଜର ସ୍ପେଶାଲ ଆଡ୍‌ମିଟ୍ ପ୍ରୋଗ୍ରାମ ଅଧୀନରେ ସେ ଶ୍ରେଣୀଗୃହରେ ପଢ଼ିବାର ସୁଯୋଗ ପାଇଥିଲେ। ତେବେ ଘରେ ମଧ୍ୟ ଅଧ୍ୟବସାୟ ଜାରି ରଖିଥିଲେ ବୋଲି ତାଙ୍କ ମା' ପ୍ରକାଶ କରିଛନ୍ତି।



କ୍ଲୋଭିସ୍ ହଙ୍ଗ୍

## ସ୍ନାତକ ହେବାକୁ ୫୪ ବର୍ଷ ଲାଗିଲା

୭୧ ବର୍ଷୀୟ ଆର୍ଥର ରୋସ୍ ଶେଷରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆ (ୟୁବିସି)ରୁ ଗୁରୁବାର କଳାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ୫୪ ବର୍ଷ ଲାଗିଛି। ଏକ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଇବା ପାଇଁ ସର୍ବାଧିକ ସମୟ ଅତିବାହିତ କରିବାରେ ରୋସ୍ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୬୯ରେ ୟୁବିସିରେ ପାଠପଢ଼ା ଆରମ୍ଭ କରିଥିବା ରୋସ୍ କହିଛନ୍ତି, ମୁଁ ଜାଣିବାକୁ ଆଗ୍ରହୀ ଥିବାରୁ ପାଠ ପଢୁଥିଲି। ସେହି ଆଗ୍ରହ ମୋତେ ଡିଗ୍ରୀ ହାସଲ ପାଇଁ ଉତ୍ସାହିତ କରିଛି।

୧୯୬୯ | ୨୦୨୩


ଆର୍ଥର ରୋସ୍



ବିହାରର ପାଟନାଠାରେ ଜବାହାରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# ବିଜେଡି ସରକାରଙ୍କ ରିମୋଟ୍ ମୋଦିଙ୍କ ହାତରେ: ଜିତେନ୍ଦ୍ର ସିଂ

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ହାତରେ ରହିଛି। ବିଜେଡି ସବୁ କଥାରେ ଭାଜପା ସହିତ ଏକ ହୋଇ ରହିଛି। ଏମାନେ ଓଡ଼ିଶାରେ ମିଛରେ ନାଟକ କରୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି, ଓଡ଼ିଶାରେ ଗଣତାନ୍ତ୍ରିକ ସରକାର ଚାଲିନାହିଁ। ଏଠାରେ ଅମଲାତାନ୍ତ୍ରିକ ସରକାର ଚାଲିଛି। ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଏ ସରକାରଙ୍କର ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କ ପାଖରେ କିଛି କ୍ଷମତା ନାହିଁ। ଜନସାଧାରଣ ଆଜି ଘୋର ଦ୍ୱନ୍ଦ୍ୱରେ। ସେମାନେ କାହାକୁ ତାଙ୍କ ଦୁଃଖ ଜଣାଇବେ। ୨୩ ବର୍ଷର ରାଜ୍ୟ ସରକାର କୃଷକ, ଛାତ୍ର, ମହିଳା, ଆଦିବାସୀ ଓ ଅନୁସୂଚିତ ଜାତିମାନଙ୍କ ବିରୋଧୀ ହୋଇଛି। ରାଜ୍ୟରେ ୨୩ ବର୍ଷ ଭିତରେ ଗୋଟିଏ ହେଲେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହୋଇନାହିଁ। କଂଗ୍ରେସ ସରକାର ସମୟରେ ଯେଉଁ କିଛି ଶିଳ୍ପ ପ୍ରତିଷ୍ଠା ହୋଇଥିଲା ତାହା ଆଜି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସରକାର ଏ ପର୍ଯ୍ୟନ୍ତ ଗୋଟିଏ ବି ଶୀତଳ ଭଣ୍ଡାର କରିନାହିଁ। କୃଷକ ଅଭାବୀ ବିକ୍ରିରେ ହନ୍ତସନ୍ତ। ରାଜ୍ୟରେ କୃଷକର ଆୟ ୨୩ ବର୍ଷ ପରେ ମଧ୍ୟ ୧୦ ଟଙ୍କା ବୃଦ୍ଧି ହୋଇନାହିଁ। ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଉଚ୍ଚଶିକ୍ଷା କଥା କହିଲେ ନ ସରେ। ରାଜ୍ୟରେ ୬୨ ହଜାର ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଠିକ୍ ସେହିଭଳି ୩୮ ହଜାରରୁ ଅଧିକ ଡାକ୍ତର ପଦବୀ ପୂରଣ ହେଉନାହିଁ। ୪୫ ହଜାରରୁ ଅଧିକ ନର୍ସେସ୍, ପାରାମେଡିକ୍ସ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ଖଣି ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତିରେ ଭାରତବର୍ଷ ଏକ ନମ୍ବର ରାଜ୍ୟ। ମହିଳା ହିଂସା, ଅତ୍ୟାଚାର ଓ ଉତ୍ପୀଡ଼ନ କ୍ଷେତ୍ରରେ ଭାରତବର୍ଷ ବହୁ ଆଗରେ ବୋଲି ସିଂ କହିଛନ୍ତି।

ଅନ୍ୟପକ୍ଷରେ ଜିତେନ୍ଦ୍ର ସିଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ନରେନ୍ଦ୍ର ମୋଦି ନେତୃତ୍ୱାଧୀନ କେନ୍ଦ୍ର ଭାଜପା ସରକାରକୁ ୯ ବର୍ଷ ପୂରିଲା। ପ୍ରଧାନମନ୍ତ୍ରୀ ମୋଦି ୨୦୧୪ରେ କେନ୍ଦ୍ରରେ ଶାସନକୁ ଆସିବା ପୂର୍ବରୁ ଭାରତବର୍ଷର ଜନସାଧାରଣଙ୍କୁ ମିଛ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ମିଛକୁ ବାରମ୍ବାର କହି ଭାରତବର୍ଷର ଜନସାଧାରଣଙ୍କ ମନରେ ଏକ ମିଛ ବିଶ୍ୱାସର ପାହାଡ଼ ସୃଷ୍ଟି କରିଥିଲେ, ଯାହାକୁ ଭାରତବର୍ଷର ଜନସାଧାରଣ ବିଶ୍ୱାସକୁ ପ୍ରତିଶ୍ରୁତି ବୋଲି ଭରସା କରିଥିଲେ। ତାହାବର୍ଷ ପରେ ବର୍ଷ ଅତିକ୍ରାନ୍ତ ହୋଇ ଆଜି ୯ ବର୍ଷ ପରେ ସେ ସବୁ ବିଶ୍ୱାସ ସମ୍ପୂର୍ଣ୍ଣ ମିଛ ଥିଲା ବୋଲି ଆଜି ତାହା ଜଳ ଜଳ ହୋଇ ଦେଖାଯାଉଛି। ୨୦୧୪ ରେ ଏକ ଏଲ୍‌ପିଜି ସିଲିଣ୍ଡର ଦାମ ୪୧୦ ଟଙ୍କା ଥିଲା ବେଳେ ୨୦୨୩ ବେଳକୁ ତାହା ୧୧୦୩ ଟଙ୍କାକୁ ବୃଦ୍ଧି ପାଇଛି। ପାଖାପାଖି କେବଳ ଏଲପିଜି ସିଲିଣ୍ଡରର ୧୬୯ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଆଜି ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୨୦୧୪ ଠାରୁ ୫୭ ପ୍ରତିଶତ,ଡିଜେଲ ୭୮ ପ୍ରତିଶତ ବୃଦ୍ଧି ଘଟିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ଅଟା ମୂଲ୍ୟ ୨୦୧୪ ତୁଳନାରେ ଆଜି ଶତକଡ଼ା ୫୮ ପ୍ରତିଶତ ବୃଦ୍ଧି ଘଟିଛି। ଭାରତବର୍ଷର ଲକ୍ଷ ଲକ୍ଷ ନିମ୍ନ ମଧ୍ୟବିତ ଏଲଆଇସିର ବୀମାଧାରୀ ଏବଂ ଏସ୍.ବି.ଆଇର ଜମାକାରୀଙ୍କ ଟଙ୍କା କାହିଁକି ଓ କାହା ସ୍ୱାର୍ଥରେ ଆଦାନୀ ଗ୍ରୁପ ଅଫ କମ୍ପାନୀରେ ବିନିଯୋଗ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୪ରେ ଭାଜପା ସରକାର ଆସିଲା ପାଖରୁ ଦଳୀତ, ସଂଖ୍ୟାଲଘୁ,ମହିଳା ଓ ଆଦିବାସୀ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଏହି ବର୍ଗଙ୍କ ଉପରେ ଶତକଡ଼ା ୨୩ ପ୍ରତିଶତ ଅତ୍ୟାଚାର ବୃଦ୍ଧି ଘଟିଛି। ବେଟି ପଢ଼ାଅ ଓ ବେଟିବଚାଅ ଅଭିଯାନ କେବଳ ସ୍ଲୋଗାନ କି। ୨୦୨୧ରେ ୪.୨ ଲକ୍ଷ ମହିଳା ଉତ୍ପୀଡ଼ନ, ଶାରିରୀକ ନିର୍ଯାତନା ଇତ୍ୟାଦି ଭୋଗ କରୁଥିବାର ମାମଲା ଦାୟର କରିଛନ୍ତି। ନିର୍ଭୟା ହତ୍ୟାଘଟଣା ପରେ ନିର୍ଭୟା ଯୋଜନାରେ ଯେଉଁ ବଜେଟ ରାଶି ଦିଆଯାଇଛି ସେଥିରୁ ୮୦ ପ୍ରତିଶତ କେବଳ ବୈଦ୍ୟୁତିକଗଣମାଧ୍ୟମ ଓ ଛାପା ଗଣମାଧ୍ୟମକୁ ବିଜ୍ଞାପନ ଆକାରରେ ଦିଆଯାଇଛି। ଏଥିରେ ଦେଶର ମହିଳାମାନଙ୍କର କଣ ସୁରକ୍ଷା ହୋଇଛି। ୨୦୧୪ ଭାଜପା ସରକାରଆସିଲା ପରେ ୯୫ ଶତପ୍ରତିଶତ ସି.ବି.ଆଇ.,ଇଡ଼ି କେସ କେବଳ ପ୍ରତିପକ୍ଷ ରାଜନୈତିକ ନେତୃବର୍ଗଙ୍କ ପ୍ରତି କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ରବିବାର ସଂସଦଭବନ ଉଦଘାଟନ ହେବ। କିନ୍ତୁ ରାଷ୍ଟ୍ରପତିଙ୍କର ଗାରିମା, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନର ନୀତି ନିୟମକୁ ସମ୍ପୂର୍ଣ୍ଣ ରୂପେ ଭ୍ରୂକ୍ଷେପ ନ କରି ବିଜେଡି ଭାରତୀୟ ଜନତା ପାର୍ଟିକୁ ସମର୍ଥନ ଦେଇଛି। ବିଜେଡି ସମଦୂରତା କଥା କହିଥିଲେ। ସମଦୂରତା ଗଲା କୁଆଡ଼େ ବୋଲି ସେ କହିଛନ୍ତି। ଏ ସରକାର ପ୍ରତିଦିନ ଜିଏସ୍‌ଟିର ନିୟମାବଳୀର ପରିବର୍ତ୍ତନ କରୁଛନ୍ତି। ଜିଏସ୍‌ଟି ଆୟର ଶତକଡ଼ା ୫୦ ରୁ ୬୦ ଭାଗ ଆୟ କେବଳ ଗରୀବ, ନିମ୍ନ ମଧ୍ୟବିତ ଶ୍ରେଣୀର ଲୋକମାନଙ୍କ ଠାରୁ ଆଦାୟ କରାଯାଉଛି। କିନ୍ତୁ ଭାରତ ବର୍ଷର ସବୁଠାରୁ ଧନୀବ୍ୟକ୍ତିମାନେ ଶତକଡ଼ା ୪ ପ୍ରତିଶତ ଜିଏସ୍‌ଟି ଆୟର ଯୋଗଦାନକରୁଛନ୍ତି। ତେଣୁ ଏହି ଜିଏସ୍‌ଟି ଗରୀବ ଲୋକମାନଙ୍କୁ ଅଧିକ ଗରିବ କରିବା ପାଇଁ ଉଦ୍ଦିଷ୍ଟ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଉପସ୍ଥିତ ଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର: ଭାଜପା

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ରାଜ୍ୟର ଚାଲିଥିବା ବହୁ ପ୍ରଚାରିତ ପଛୁଆବର୍ଗ ସର୍ଭେ ପଛରେ ଥିବା ରାଜ୍ୟ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି। ରାଜ୍ୟର ପଛୁଆବର୍ଗଙ୍କ ସଂଖ୍ୟାକୁ କମ୍ ଦେଖାଇ ୫୪ ପ୍ରତିଶତ ଏସ୍‌ଇବିସି ବର୍ଗଙ୍କୁ ସଂରକ୍ଷଣ ନ ଦେବା ପାଇଁ ରାଜ୍ୟ ସରକାର ଏପରି ନାଟକବାଜି କରୁଛନ୍ତି। ଶାସକଦଳ ଏସ୍‌ଇବିସି ବର୍ଗଙ୍କୁ କିପରି ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ସେହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟ ସରକାରଙ୍କ ଏହି ଓବିସି ବିରୋଧୀ ଅଭିଯାନକୁ ସଫଳ ହେବାକୁ ଦିଆଯିବନି ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୧୯୩୧ ମସିହାର ଜନଗଣନା ଆଧାରରେ ୫୪ପ୍ରତିଶତ ସଂଖ୍ୟାଗରିଷ୍ଠ ପଛୁଆବର୍ଗଙ୍କୁ ସମଗ୍ର ଦେଶରେ ୨୭ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଯୋଗାଇ ଦିଆଯାଉଥିବା ବେଳେ କେବଳମାତ୍ର ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରାଇ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସର୍ଭେ ବାହାନାରେ ରାଜ୍ୟ ସରକାର କେବଳ ପ୍ରଚାର ଚଳାଇଛନ୍ତି। ୨୦ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଏବେ ବି କେଉଁ କେଉଁ ଜାତି ବର୍ଗର ସର୍ଭେ ହେବ ତାହା ଚୂଡ଼ାନ୍ତ ହୁଏନି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଜାତି କୋଡ୍ ନମ୍ବର ତାଲିକାରେ ୨୧୦ ଜାତିବର୍ଗ ନାମ ଉଲ୍ଲେଖ ଅଛି। ନୂତନ ଭାବେ ଆଉ ୧୦ଟି ବଳରେ ଯୋଡ଼ାଯାଉଥିବା ଜାତିବର୍ଗ ତାଲିକା କୁଆଡ଼େ ଗଲା। କେନ୍ଦ୍ର ଓବିସି ତାଲିକାରେ ଥିବା ଜାତିମାନେ କ'ଣ ଏଥିରୁ ବଞ୍ଚିତ ହେବେ କି? କେତେକ ଗଣମାଧ୍ୟମରେ ରାଜ୍ୟରେ ପଛୁଆବର୍ଗଙ୍କ ଆପାତତଃ ସଂଖ୍ୟା ପ୍ରକାଶ ପାଇଛି ଏବଂ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍। କେଉଁ ସରକାରୀ ଅଧିକାରୀ ଏଭଳି ତଥ୍ୟ ଗଣମାଧ୍ୟମକୁ ଦେଇଛନ୍ତି ତାହା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ମୁଖ୍ୟମନ୍ତ୍ରୀ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଚାହୁଁଛନ୍ତି ତେବେ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ପଛୁଆବର୍ଗ ତାଲିକା ଏବଂ ଅନ୍ୟ ରାଜ୍ୟମାନଙ୍କର ଯେଉଁ ମାପଦଣ୍ଡ ଅନୁଯାୟୀ ସଂରକ୍ଷଣ ଯୋଗାଇ ଦିଆଯାଉଛି ତାହା ଆଧାରରେ ସଂରକ୍ଷଣ ଯୋଗାଇ ଦେଇପାରନ୍ତେ। କିନ୍ତୁ ସେପରି ନ କରି ମୁଷ୍ଟିମେୟ ପଛୁଆବର୍ଗ ବିରୋଧୀ ଷଡଯନ୍ତ୍ରକାରୀ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଖ୍ୟାଗରିଷ୍ଠ ବର୍ଗଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି ବୋଲି ବିଶ୍ୱାଳ ଅଭିଯୋଗ କରିଛନ୍ତି। ନାମଲେଖା ସମୟ ଅବଧି ଶେଷ ପୂର୍ବରୁ ରାଜ୍ୟ ସରକାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ତୁରନ୍ତ ୨୭ ପ୍ରତିଶତ ସଂରକ୍ଷଣ ଘୋଷଣା କରିବା ପାଇଁ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ବିବେକାନନ୍ଦ ଜେନା ଓ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଞ୍ଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଆମ ସହିତ ବୈମାତୃକ ବ୍ୟବହାର କରୁଛି

**ଅଭିଯୋଗ ଆଣିଲେ ଶିବସେନା ଏମ୍‌ପି**

ମୁମ୍ବାଇ,୨୭।୫ : ମହାରାଷ୍ଟ୍ରରେ ଭାଜପା ଏବଂ ଶିବସେନା ମେଣ୍ଟ ସରକାରରେ ଫାଟ ବଢୁଥିବା ନେଇ ଚର୍ଚ୍ଚା ହେଉଛି। ଶିବସେନା ଶିନ୍ଦେ ଗୋଷ୍ଠୀର ଏମପି ଗଜାନନ କୀର୍ତ୍ତିକର ଭାଜପା ସେମାନଙ୍କ ପ୍ରତି ସାବତ ମା' ଭଳି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି, ଗଜାନନ କୀର୍ତ୍ତିକର ଏପରି କିଛି କହି ନାହାନ୍ତି।


## କେନ୍ଦ୍ରୀୟ ବିଦ୍ୟାଳୟ, ଆସ୍କା
**ପ୍ରବେଶ ବିଜ୍ଞପ୍ତି – 2023-24**

2023-24 ଶିକ୍ଷାବର୍ଷ ପାଇଁ K.V., ASKAରେ ଶ୍ରେଣୀ – XI (ବିଜ୍ଞାନ) ପାଇଁ ଅଫ୍‌ଲାଇନ୍ ପଞ୍ଜୀକରଣ 27.05.2023ରେ ଆରମ୍ଭ ହେବ ଏବଂ 31.05.2023 ଦିନ ଅପରାହ୍ନ 4ଟା ସମୟରେ ବନ୍ଦ ହେବ।
ୱେବ୍‌ସାଇଟ୍‌ରେ ଆଡ୍‌ମିଶନ ବିବରଣୀ ଉପଲବ୍ଧ: **https://aska.kvs.ac.in**
ଅଧିକ ବିବରଣୀ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:
ଇ–ମେଲ୍: **kvaskaadmission2020@gmail.com**
ଟେଲି: **06822-295333**, ସମୟ: ସକାଳ 8.00ରୁ ଅପରାହ୍ନ 2.00 ମଧ୍ୟରେ।
Sd./- Dr. N. Meher, Principal I/C, K.V., Aska

## JEWELS INTERNATIONAL CHETANA COLLEGE OF SPECIAL EDUCATION
(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University
A/3, Institutional Area, Near Hotel Swosti Premium
PO - R.R.L. Campus, Bhubaneswar-751013
Contact : 9437126187, 9437265920, 7008282918
E-mail : chetanacollege@yahoo.co.in
Website: http://www.chetana-jewelsinternational.org

Applications are invited for admission in to D.Ed.,B.Ed. & M.Ed. Special Education (IDD, ID) and M.A in Applied Psychology for the Academic Session 2023-2025. Last date for receiving application is 26.06.2023. Last date may change as per notification received from concerned Recognized body. The Prospectus and Application form is available at the College office and above mentioned website.

**Principal**

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.03-KUR-TRD-OT-2023-24
କାର୍ଯ୍ୟର ନାମ: ତିନି ବର୍ଷ ନିମନ୍ତେ ତାଳଚେର (TLHR) ଠାରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL) ର ବଳରାମ ସାଇଡ଼ିଙ୍ଗ୍‌ର ସ୍ୱର ନଂ.9 ଏବଂ 10 ତଥା ଅନନ୍ତ (ANT)ସାଇଡ଼ିଙ୍ଗ, ଜଗନ୍ନାଥ (JNC) ସାଇଡ଼ିଙ୍ଗ ତଥା ଭରତପୁର (BTPR) ସାଇଡ଼ିଙ୍ଗ୍‌ର ସମସ୍ତ ବୋଝେଇ ସ୍ୱରଗୁଡ଼ିକରେ ଆଇସୋଲେଟରଗୁଡ଼ିକର ପରିଭଳନା।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,20,56,409.90, EMD (ଟଙ୍କାରେ) : 2,10,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 1095 ଦିନ।
ବିଡ୍ ଆରମ୍ଭ ହେବା ତାରିଖ: ତା.29.05.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.06.2023 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-207/O/23-24

## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.13/ET/SBP/ENGG/2023-24, ତା.22.05.2023ରିଖ
(1)ଇ-ଟେଣ୍ଡର ସଂ.02-eT-BRIDGE-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ୍/ଟିଟିଲାଗଡ଼ ଅଧୀନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ବ୍ରିଜ୍‌ଗୁଡ଼ିକର ସୁପରଷ୍ଟ୍ରକ୍‌ଚର ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 89,80,984.05, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,79,700/-।
(2)ଇ-ଟେଣ୍ଡର ସଂ.06-eT-SDENS-SBP-23
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନୋର୍ଲା ରୋଡ୍ (In)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼ ରୋଡ୍ (Ex)-ଜୁନାଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,05,17,846.75, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,02,600/-।
(3)ଇ-ଟେଣ୍ଡର ସଂ.07-eT-SDENS-SBP-23
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ୍ (Ex)-ନୋର୍ଲା ରୋଡ୍ (Ex) ସେକ୍ସନ ମଧ୍ୟରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,11,41,050.75, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,05,800/-।
(4)ଇ-ଟେଣ୍ଡର ସଂ.08-eT-SDENS-SBP-23
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନୋର୍ଲା ରୋଡ୍ (In)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼ ରୋଡ୍ (Ex)-ଜୁନାଗଡ଼ ରୋଡ୍ (In) ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,90,79,369.95, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,45,400/-।
(5)ଇ-ଟେଣ୍ଡର ସଂ.09-eT-SDENS-SBP-23
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ୍ (Ex)-ନୋର୍ଲା ରୋଡ୍ (Ex) ସେକ୍ସନରେ 30.06.2024 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,89,67,756.70, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,44,900/-।
(6)ଇ-ଟେଣ୍ଡର ସଂ.18-eT-SDENE-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଝାରସୁଗୁଡ଼ା ରୋଡ୍, ସମ୍ବଲପୁର ସିଟି ଏବଂ ବରଗଡ଼ ରୋଡ୍ ରେଳ ଷ୍ଟେସନଗୁଡ଼ିକର ସଫ୍ଟ (Soft) ଉନ୍ନୟନ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 14,29,74,963.82, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 8,64,900/-।
କାର୍ଯ୍ୟ ଶେଷ ହେବା ଅବଧି : 30.06.2024 (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ 06 ମାସ (କ୍ରମ ସଂ.6 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.06.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-209/O/23-24

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର
### +୨ ନାମଲେଖା ବିଜ୍ଞାପନ
No. RR–05

**Student Academic Management System**

ଚଳିତ ୨୦୨୩–୨୪ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:–

| | | |
|---|---|---|
| ୧ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ | ତା୨୯।୦୫।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୨ | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଆବେଦନ କରିବାର ଶେଷ ତାରିଖ | ତା୨୫।୦୬।୨୦୨୩ରିଖ (ରାତ୍ର ୧୧.୫୯ ଘଟିକା) |
| ୩ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୩୦।୦୬।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୪ | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୦୪।୦୭।୨୦୨୩ରିଖରୁ ତା୦୭।୦୭।୨୦୨୩ରିଖ |
| ୫ | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ପ୍ରଥମ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୧୪।୦୭।୨୦୨୩ରିଖ (ସନ୍ଧ୍ୟା ୫ ଘଟିକା) |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +2 ଇ–ଆଡମିଶନ୍ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ବି.ଦ୍ର.:– (କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୩ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା – ୨୦୨୩ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:–
**ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ।**
ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ- ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।
OIPR–03011/11/0001/2324

## Directorate of Higher Secondary Education, Odisha
**e-Admission into Higher Secondary Schools of the State for the session 2023-24**

No.N-15:- Online applications are invited through **SAMS** for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) along with Vocational courses in 93 Higher Secondary Schools.

**Eligibility**
Applicants must have passed the High School Certificate (HSC) Examination from the Board of Secondary Education (BSE), Odisha or its equivalent Boards.

**Procedure**
- Applicants shall apply online by **registering** themselves on the **SAMS** portal (www.samsodisha.gov.in).
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the print-out of Application Form and payment receipt after successful submission of the CAF for future reference.
- The **C**ommon **A**pplication **F**orm Fee must be paid through online mode only (details available in CP).
- All relevant documents are to be verified at the selected Higher Secondary School at the time of admission only.
- Application fees for **General Category** is ₹200/-, for **ST & SC Category** is ₹100/-.

***N.B.: Any claim (Reservation/Weightage/Relaxation) must be supplemented with relevant documents.***

**Datelines of Admission Schedule**

| Sl. No | Activities | Dateline |
|---|---|---|
| 1 | Commencement of **On-line Common Application Form** (CAF) for admission into Class-XI in the SAMS Portal **(www.samsodisha.gov.in)** | 29.05.2023 (11.00 AM) |
| 2 | **Last date for submission of online Common Application Form (CAF)** by the Applicant at Student Login (**www.samsodisha.gov.in**) | 20.06.2023 (11.45 PM) |
| 3 | Publication of the **First Selection Merit List** and downloading of **Intimation Letter** in the Student Login | 28.06.2023 (11.45 AM) |
| 4 | Reporting of **First Selection** applicants and admission updation at Higher Secondary Schools level | 29.06.2023 to 05.07.2023 (up to 06.00 PM) |
| 5 | **Admission Data updation** of the First Selection Applicants and Error Correction by Higher Secondary Schools in the SAMS e-Space | 29.06.2023 to 06.07.2023 (up to 06.00 PM) |
| 6 | Online submission of **Slide-up Request** by students who have taken admission in **First Selection** | 29.06.2023 to 07.07.2023 (upto 06.00 PM) |
| 7 | Publication of Second Selection **Merit List** and downloading of **Intimation Letter** in the Student Login | 13.07.2023 (up to 03.00 PM) |
| 8 | **Reporting** of Second Selection applicants and admission updation at Higher Secondary Schools level | 14.07.2023 to 17.07.2023 (upto 06.00 PM) |
| 9 | **Admission Data updation** of the **Second Selection** Applicants and **Error Correction** by Higher Secondary Schools in the SAMS e-Space | 14.07.2023 to 17.07.2023 (upto 09.00 PM) |
| 10 | Last date for opening of **Choice Locking (only Slide-up request opted and not selected candidates)** facility in the remaining higher option for SPOT admission | 19.07.2023 (up to 11.00 AM) |
| 11 | Last date for submission of **Choice Locking** in the remaining higher options for SPOT admission | 19.07.2023 to 21.07.2023 (upto 11.45 PM) |
| 12 | Publication of **SPOT Selection** and downloading of **Intimation Letter** in the Student Login | 26.07.2023 (up to 11.00 AM) |
| 13 | Reporting of First Selection applicants and admission updation at HSS level | 26.07.2023 (12.00 PM) to 27.07.2023 (upto 06.00 PM) |
| 14 | Commencement of **Class-XI** | **29.07.2023** |

**For more details, please contact Sanjog Helpline (Toll Free) Number 155335, 1800-345-6770, email @ sams.eadmission2022@gmail.com**
**Changes to the dateline (if occurs) will be notified in the newspapers & website as well.**
OIPR-11033/11/0002/2324

## STEEL AUTHORITY OF INDIA LIMITED
**Rourkela Steel Plant**
Rourkela - 769 011, Odisha, India

Ref. No: CSR/2023-24/084 Date: 28/05/2023

INVITING APPLICATIONS FROM ELIGIBLE ITI/DIPLOMA CANDIDATES FOR PREPARATORY COURSE AT KIIT, BHUBANESWAR (A TRAINING PROGRAMME UNDER EMPLOYABILITY & SKILL ENHANCEMENT)

Applications are invited from interested eligible underprivileged candidates from residents of direct impact zones of RSP only i.e. Bisra , Kuarmunda , Nuagaon , Lathikata Revenue Blocks of Sundargarh District, Rourkela Municipality, Rourkela Industrial Township and Resettlement Colonies of RSP in the State of Odisha for a Preparatory Course at KIIT, Bhubaneswar to enhance their competence for employability.

ELIGIBILITY CRITERIA (As on 28/05/2023):

| Name of Programme & Duration | QUALIFICATION | No. of seats | Stipend Rate (Rs./Month) |
|---|---|---|---|
| Preparatory Course, **Duration - 6 months** | 1. **For Diploma Qualified:** Matriculate & Diploma (3 years for regular course & 2 yrs for lateral entry) in Engg. in trades of **Electrical/ Mechanical/Civil/Instrumentation** from a Govt. recognized institute. | 30 | Rs. 1,000/- (Rupees One Thousand only) |
| | 2. **For ITI Qualified:** Matriculate & ITI (2 years duration) in trades of **Electrician/Fitter/Machinist** from a Govt. recognized institute. | 30 | |

Maximum Age of The Candidate : General: 25Yrs, OBC/SEBC: 28Yrs, SC/ST: 30 Years

- The above Preparatory Course is only for enhancing competence for employability and not for claiming employment in future in SAIL, RSP.

Interested candidates can apply by submitting their applications in prescribed format along with the copy of requisite testimonies to **GM(CSR)** through Post/ Drop Box placed at Room No 07, Institute of Peripheral Development (IPD), CSR Office Complex, Sector-20, Rourkela, Odisha.

The details along with application format are available in the "NEWS" section of "CAREER" page at our company's website: www.sail.co.in or www.sailcareers.com.

LAST DATE OF RECEIPT OF APPLICATION AT CSR OFFICE IS 17.06.2023

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

## ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
## ODISHA REAL ESTATE REGULATORY AUTHORITY
ଏ-1, ବ୍ଲକ୍, ତୃତୀୟ ମହଲା, ତୋଷାଳି ଭବନ, ସତ୍ୟନଗର
ଭୁବନେଶ୍ୱର-751007

CAD–743

### ସୂଚନା

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣର ଏହା ଦୃଷ୍ଟିଗୋଚର ହେଉଛି କି, କେତେକ ଡେଭେଲପର / ପ୍ରମୋଟର / ବିଲ୍‌ଡର/ ଗୃହ ନିର୍ମାଣକାରୀ ସଂସ୍ଥା/ ରିୟଲ ଇଷ୍ଟେଟ୍ ଏଜେଣ୍ଟ ରେରା ଅନୁମୋଦନ ହାସଲ ପୂର୍ବରୁ ସେମାନଙ୍କର ପ୍ରସ୍ତାବିତ ରିୟଲ ଇଷ୍ଟେଟ୍ ପ୍ରକଳ୍ପ ସଂକ୍ରାନ୍ତରେ 'ପ୍ରାକ୍–ଶୁଭାରମ୍ଭ' (Pre–launch) ନାମରେ କ୍ରେତାଙ୍କଠାରୁ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହ ବାବଦରେ ଅନଧିକାର ଭାବେ ଆଗ୍ରିମ ଅର୍ଥରାଶି ସଂଗ୍ରହ କରୁଛନ୍ତି।

ଏହା ମଧ୍ୟ ଦୃଷ୍ଟିଗୋଚର ହୋଇଛି ଯେ, କେତେକ ରିୟଲ ଇଷ୍ଟେଟ୍ ଏଜେଣ୍ଟ 'ପ୍ରାକ୍–ଶୁଭାରମ୍ଭ' ନାମରେ ପ୍ରକଳ୍ପର ରେରା ଅନୁମୋଦନ ପୂର୍ବରୁ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହର ମାର୍କେଟିଂ କରୁଛନ୍ତି। ରିୟଲ ଇଷ୍ଟେଟ୍ (ନିୟାମକ ଓ ବିକାଶ) ଅଧିନିୟମ, 2016ର ଧାରା 3 ଅନୁଯାୟୀ ପ୍ରମୋଟର / ଡେଭେଲପର / ବିଲ୍ଡର / ଗୃହ ନିର୍ମାଣକାରୀ ସଂସ୍ଥା/ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ଉକ୍ତ ଅଧିନିୟମ ପରିସରଭୁକ୍ତ ପ୍ରକଳ୍ପର ରେରା ପଞ୍ଜୀକରଣ ପୂର୍ବରୁ ଆପାର୍ଟମେଣ୍ଟ/ ପ୍ଲଟ୍ / ଗୃହ ବାବଦରେ ବିଜ୍ଞାପନ (advertise), ବିପଣନ (marketing), ବୁକିଂ (booking), ବିକ୍ରୟ (sale) କିମ୍ବା ବିକ୍ରୟ ପାଇଁ ପ୍ରସ୍ତାବ (offer for sale) କିମ୍ବା କ୍ରୟ ନିମନ୍ତେ ଆମନ୍ତ୍ରଣ (invite persons to purchase) କରିପାରିବେ ନାହିଁ। ରିୟଲ ଇଷ୍ଟେଟ୍ ଏଜେଣ୍ଟ ମଧ୍ୟ ଧାରା 10 ଅନୁଯାୟୀ ରେରା ପଞ୍ଜୀକରଣ ହୋଇ ନ ଥିବା କୌଣସି ରିୟଲ ଇଷ୍ଟେଟ୍ ପ୍ରକଳ୍ପରେ ଆପାର୍ଟମେଣ୍ଟ / ପ୍ଲଟ୍ / ଗୃହ କ୍ରୟ ବିକ୍ରୟରେ ସହାୟତା କରିପାରିବେ ନାହିଁ।

ଅତଏବ, ସମସ୍ତ ପ୍ରମୋଟର/ ଡେଭେଲପର / ବିଲ୍‌ଡର / ଗୃହ ନିର୍ମାଣକାରୀ ସଂସ୍ଥା / ରିୟଲ ଇଷ୍ଟେଟ୍ ବ୍ୟବସାୟୀ / ରିୟଲ ଇଷ୍ଟେଟ୍ ଏଜେଣ୍ଟମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ରେରା ଆଇନ ପରିସରଭୁକ୍ତ ରିୟଲ ଇଷ୍ଟେଟ୍ ପ୍ରକଳ୍ପର ରେରା ପଞ୍ଜୀକରଣ ପୂର୍ବରୁ 'ପ୍ରାକ୍–ଶୁଭାରମ୍ଭ' (Pre–launch) ନାମରେ କ୍ରେତାଙ୍କ ସହ କୌଣସି ପ୍ରକାର ଆର୍ଥିକ କାରବାର କରନ୍ତୁ ନାହିଁ କିମ୍ବା କ୍ରୟ/ବିକ୍ରୟ ପାଇଁ କୌଣସି ପ୍ରକାରର ପ୍ରଚାର / ପ୍ରସାର କରନ୍ତୁ ନାହିଁ। ଏହାର ଉଲ୍ଲଂଘନ ହେଲେ ମାନ୍ୟବର ପ୍ରାଧିକରଣଙ୍କ ଦ୍ୱାରା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରାଧିକରଣଙ୍କ ଆଦେଶ କ୍ରମେ
ସ୍ୱା./- ସଚିବ
OIPR–13223/11/0005/2324

## ସଂକ୍ଷେପରେ

### ଦୁର୍ଘଟଣାରେ ମୃତ ମହିଳାଙ୍କ ପରିଚୟ ମିଳିଲା

**କାମାକ୍ଷାନଗର, ୨୭।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଶିବୁଳାପଶି ନିକଟବର୍ତ୍ତୀ ୫୩ନଂ. ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ଶୁକ୍ରବାର ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ପରିଚୟ ମିଳିଛି। ସେ ତାଳଚେର କୁମ୍ଭାର ସାହି ଅଞ୍ଚଳର କୁନ୍ତଳା ସାହୁ ବୋଲି ପୋଲିସ ସ୍ପଷ୍ଟ କରିଛି। ଗାଡ଼ି ମାଡ଼ିଯାଇଥିବାରୁ ମହିଳାଙ୍କ ପରିଚୟ ଜାଣିବା କଷ୍ଟକର ହୋଇପଡ଼ିଥିଲା। ସୂଚନା ପାଇ ତାଙ୍କ ପୁଅ ପ୍ରକାଶ ପହଞ୍ଚି ପିନ୍ଧା ଲୁଗାରୁ ମୃତା ମହିଳା ଜଣକ ତାଙ୍କର ମା' ବୋଲି ଚିହ୍ନଟ କରିଥିଲେ। କୁନ୍ତଳାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ସେ ଗୁରୁବାରଠାରୁ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ସଦସ୍ୟ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। କାମାକ୍ଷାନଗର ଅଞ୍ଚଳରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିବା ପରେ ଏହାକୁ ନେଇ ସନ୍ଦେହ ବଢ଼ିଥିଲା। ଘର ଲୋକେ ମେଡିକାଲରେ ପହଞ୍ଚି ଯାଞ୍ଚ କରିବା ପରେ ଏହା କୁନ୍ତଳାଙ୍କ ମୃତଦେହ ବୋଲି ସ୍ପଷ୍ଟ ହୋଇଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ୪ ଫୁଟର ତମ୍ପ ଉଦ୍ଧାର



**ଢେଙ୍କାନାଳ ଅଫିସ, ୨୭।୫:** ଢେଙ୍କାନାଳ ସଦର ଥାନା ସିଆରିଆ ଗ୍ରାମର ରବିନାରାୟଣ ସାହୁଙ୍କ ଶୋଇବା ଘରୁ ଶନିବାର ୪ ଫୁଟ ଲମ୍ବର ଏକ ବିରଳ ତମ୍ପ ସାପ ଉଦ୍ଧାର କରାଯାଇଛି। ବନ୍ୟପ୍ରାଣୀ ଓ ସାପ ଉଦ୍ଧାରକାରୀ ଦଳର ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା, ଶଙ୍କର ନାୟକ କୌଶଳକ୍ରମେ ସାପଟିକୁ ଧରି କପିଳାସ ଅଭୟାରଣ୍ୟରେ ସୁରକ୍ଷିତ ଭାବେ ଛାଡ଼ି ଦେଇଛନ୍ତି। ବିପଦ ଆଭାସ ପାଇଲେ ଏହି ପ୍ରଜାତିର ସାପ ପିଚକାରୀ ଭଳି ବିଷ ଛାଡ଼ିଥାଆନ୍ତି। ବେଳେବେଳେ ମଣିଷ ଉପରକୁ ଡେଇଁ ଆକ୍ରମଣ ମଧ କରିଥାଆନ୍ତି। ଢେଙ୍କାନାଳରେ ପ୍ରାୟ ୫ବର୍ଷ ବ୍ୟବଧାନରେ ଏଭଳି ତମ୍ପ ଦେଖାଦେଇଛି ବୋଲି ସାପ ଉଦ୍ଧାରକାରୀ ଦଳର ସଦସ୍ୟ ସୂଚନା ଦେଇଛନ୍ତି।

# ଯୋଗାଡ଼ କରିବା ଜଟିଳ

- ରଥ ପାଇଁ ମିଳୁନାହିଁ ଆବଶ୍ୟକ କାଠ
- ନିଅଣ୍ଟିଆ ବଜେଟ, ପ୍ରତିବର୍ଷ ଖର୍ଚ୍ଚ ବଢ଼ୁଛି

**ଢେଙ୍କାନାଳ ଅଫିସ, ୨୭।୫**



ରଥଗଡ଼ାଠାରେ ରଖାଯାଇଥିବା ରଥକାଠ।

**କେଇ ଦଶନ୍ଧି ପରେ ଢେଙ୍କାନାଳର ଐତିହ୍ୟସମ୍ପନ୍ନ ରଥଯାତ୍ରା ଇତିହାସ ପାଲଟିଯିବନି ତ? ଏବେ ସାରା ସହରରେ ଏଭଳି ଏକ ପ୍ରଶ୍ନ ବୁଦ୍ଧିଜୀବୀ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି। ଏହାପଛର କାରଣ ରଥ ପାଇଁ କାଠ ଅଭାବ। ଫି'ବର୍ଷ ରଥ ନିର୍ମାଣ ଲାଗି ମନ ମୁତାବକ କାଠ ଯୋଗାଡ଼ କରିବାରେ ଉଭୟ ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗ ନାକେଦମ୍ ହେଉଛି। ବନ ବିଭାଗର ଜଟିଳ ନିୟମ ଜଙ୍ଗଲରୁ କାଠ ସଂଗ୍ରହ କରିବାରେ ଅଡୁଆ ବଢ଼ାଇଛି। ଖର୍ଚ୍ଚ ତୁଳନାରେ ବଜେଟ୍ ବୃଦ୍ଧି ହେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି।**

ରଥଯାତ୍ରା ଆସିଲେ ଢେଙ୍କାନାଳ ଦେବୋତ୍ତର ବିଭାଗର ଆରମ୍ଭ ହୁଏ କାଠଚିନ୍ତା। ଯେନତେନ ପ୍ରକାରେ ରଥ ନିର୍ମାଣ ଶେଷହୁଏ। ଘୋଷଯାତ୍ରା ମଧ ସରିଯାଏ। ଏହାପରେ ସମସ୍ତେ ଭୁଲିଯାଆନ୍ତି ମୂଳ ସମସ୍ୟା। ବନ ବିଭାଗ–ଦେବୋତ୍ତର ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

ଢେଙ୍କାନାଳର ରଥଯାତ୍ରା ନିଆରା। ଏଠାରେ ଦୁଇଟି ରଥ ନିର୍ମାଣ ହୋଇଥାଏ। ଚଳିତବର୍ଷ ଏଥିଲାଗି ପ୍ରାୟ ୧୩ ଲକ୍ଷ ଟଙ୍କାର ବଜେଟ ହୋଇଛି। ରଥ ତିଆରିରେ ଧଉରା, ଶାଳ, ଶିମିଳି, ନିମ୍ବ କାଠ ଆବଶ୍ୟକ ପଡୁଛି। ନିର୍ଦ୍ଧାରିତ ସମୟରେ କାଠ ଯୋଗାଇଦେବା ଲାଗି ଦେବୋତ୍ତର ବିଭାଗ ପକ୍ଷରୁ ବନ ବିଭାଗକୁ ରୟାଲଟି ବାବଦକୁ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦିଆଯାଇଛି। ହେଲେ ଧଉରା ଏବଂ ଶାଳକାଠ ଅଭାବ ବନ ବିଭାଗ ପୂରଣ କରିପାରୁନାହିଁ। ଅନ୍ୟପଟେ ମହାପ୍ରଭୁଙ୍କ ଏହି ପ୍ରସିଦ୍ଧ ଯାତ୍ରାର ଯଥେଷ୍ଟ ପୂର୍ବରୁ ଏଥିଲାଗି ବିଧିବଦ୍ଧ ଭାବେ ଯୋଜନା ପ୍ରସ୍ତୁତ କରାଯାଉନାହିଁ। ବନ ବିଭାଗ–ଦେବୋତ୍ତର ବିଭାଗ ମଧ୍ୟରେ ସମନ୍ୱୟ ମଧ ରହୁନାହିଁ। ଏହି କାରଣରୁ ୪ବର୍ଷ ତଳେ ଉଭୟ ବିଭାଗ ମୁହାଁମୁହିଁ ହୋଇଥିଲେ। ଏଥିରେ ଜିଲା ପ୍ରଶାସନକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଗତବର୍ଷ କପିଳାସ ଅଭୟାରଣ୍ୟରୁ ଚକ, ଅଖ ନିର୍ମାଣ ପାଇଁ କାଠ ନିଆଯାଉଥିବାବେଳେ ବନ ବିଭାଗ ଜବତ କରିଥିଲା। ସଂରକ୍ଷିତ ଜଙ୍ଗଲରୁ କାଠ କାଟିବା ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ଦେବୋତ୍ତର ବିଭାଗ ହରଡ଼ଘଣାରେ ପଡ଼ିଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ମାମଲାର ସମାଧାନ ହୋଇଥିଲା। ଚଳିତବର୍ଷ କାଠ ଅଭାବ ସମସ୍ୟା ଭିତରେ ରଥ ନିର୍ମାଣ ଚାଲିଛି। ଦୁଇ ରଥ ପାଇଁ ମୋଟ ୨୦ ଚକ ନିର୍ମାଣ ହେବାକୁ ଥିବାବେଳେ ଅଦ୍ୟାବଧି କେବଳ ୮ଟି ଚକ ନିର୍ମାଣ ଲାଗି ୩ଟି କାଠ ଯୋଗାଡ଼ ହୋଇପାରିଛି। ଏଥିରେ ୨ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅବଶିଷ୍ଟ କାଠ କେମିତି ସଂଗ୍ରହ ହେବ ତାହାକୁ ନେଇ ଚିନ୍ତାରେ ପଡ଼ିଛି ଦେବୋତ୍ତର ବିଭାଗ। ତେଣୁ ରଥ ନିର୍ମାଣର ପୂର୍ବରୁ ବନ ବିଭାଗ, ଦେବୋତ୍ତର ବିଭାଗ, ଜିଲା ପ୍ରଶାସନ ଏକତ୍ର ବୈଠକ କରି ଏହାର ସମାଧାନ ଦିଗରେ ପ୍ରୟାସ କରିବା ଉଚିତ ବୋଲି ମତପ୍ରକାଶ ପାଇଛି। ଅନ୍ୟପଟେ ରଥ ନିର୍ମାଣ ବଜେଟ୍ ବୃଦ୍ଧି କରିବାକୁ ମଧ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ସହକାରୀ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର କୁହନ୍ତି, ବନ ବିଭାଗ ପକ୍ଷରୁ କଟାଯାଇ ରଖାଯାଇଥିବା କାଠକୁ ନିୟମ ଅନୁଯାୟୀ ଦିଆଯାଇପାରିବ। ବେନିୟମ ଭାବେ କାଠ ଦେଇହେବନାହିଁ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ପାଇଁ କେତେକ ରେଞ୍ଜ୍‌ରେ ଚାରା ରୋପଣ ହୋଇଛି। ସେସବୁ ସ୍ଥାନରେ କେବଳ ଫାଁଶି ଚାରା ଲଗାଯାଇଛି।

### ଜଗନ୍ନାଥ ବନ ପ୍ରକଳ୍ପ ଶ୍ରୀହୀନ

ରଥକାଠ ସମସ୍ୟାର ସମାଧାନ ଲାଗି ପ୍ରାୟ ୩୦ ବର୍ଷ ତଳେ କପିଳାସ ପାଦଦେଶରେ ପୁରୀ ଗଜପତିଙ୍କ ଦ୍ୱାରା ୧୦୦ ଏକର ଜମିରେ ଆରମ୍ଭ ହୋଇଥିଲା ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ। ହେଲେ ବନ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ବହୁ ଗଛ ନଷ୍ଟ ହୋଇଯାଇଥିଲା। ୧୯୯୯ ମହାବାତ୍ୟାରେ ପ୍ରକଳ୍ପ ସମ୍ପୂର୍ଣ୍ଣ ଉଜୁଡ଼ିଯାଇ ଶ୍ରୀହୀନ ହୋଇପଡ଼ିଛି। ବନୀକରଣ ସମୟରେ ଏଠାରେ ରଥ ନିର୍ମାଣ ଉପଯୋଗୀ ଗଛ ଲଗାଇଲେ କିଛି ବର୍ଷ ମଧ୍ୟରେ କାଠ ସଂଗ୍ରହ ହୋଇପାରନ୍ତା। ହେଲେ ଏହାର ପୁନରୁଦ୍ଧାର ଲାଗି କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଚାରାରୋପଣ ଜରୁରୀ



ଦିନକୁ ଦିନ ବନ ବିଭାଗର ନିୟମ କଡ଼ାକଡ଼ି ହେଉଛି। ତେଣୁ ସମସ୍ୟାର ସମାଧାନ ଲାଗି ରଥ ନିର୍ମାଣ ଉପଯୋଗୀ ଚାରା ରୋପଣ କରିବା ଜରୁରୀ। ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ସୋଗରସ୍ଥିତ ମହାତ୍ମା ଗାନ୍ଧୀ ଜାତୀୟ ଔଷଧୀୟ ଅରଣ୍ୟରେ ଚାରା ଲଗାଯାଇପାରିବ।

–ସୁକାନ୍ତ କୁମାର ମିଶ୍ର, ସାମାଜିକ କର୍ମୀ

### ଦେବୋତ୍ତର ଜମିରେ ପ୍ରକଳ୍ପ କରାଯାଉ



ଜଗନ୍ନାଥ ବନ ପ୍ରକଳ୍ପ ଉଜୁଡ଼ି ଯିବା ପରେ ରଥ କାଠ ସଂଗ୍ରହରେ ଦେବୋତ୍ତର ବିଭାଗ ବିପୁଳ ଅର୍ଥ ଖର୍ଚ୍ଚ କରୁଛି। ଦେବୋତ୍ତର ବିଭାଗ ଜମିରେ ବନ ବିଭାଗ ଏହି ପ୍ରକଳ୍ପ ପୁନର୍ବାର ଆରମ୍ଭ କରିବା ଉଚିତ୍। ଏବେଠାରୁ ସଜାଗ ନ ହେଲେ ଆଗକୁ ସମସ୍ୟା ଜଟିଳ ହେବ।

–ପ୍ରଦ୍ୟୁମ୍ନ ରଥ, ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦ, ସଭାପତି

### ସକାରାତ୍ମକ ଆଲୋଚନା ହେଉ



କାଠ ଅଭାବ ସମସ୍ୟା ଦୂର କରିବା ଲାଗି ଜିଲାପାଳ ଓ ଜିଲା ବନଖଣ୍ଡ ଅଧିକାରୀ ଏକାଠି ବିଚାରବିମର୍ଶ କରିବା ଜରୁରୀ। ଠାକୁରଙ୍କ ପାଇଁ କୌଣସି କାମ କେବେ ଅଟକିବନାହିଁ। ଏଥିପାଇଁ ସକାରାତ୍ମକ ଆଲୋଚନା ହେଉ।

–ଅବନୀ କୁମାର ମିଶ୍ର, ରାଜ୍ୟ ଲୋକକଳା ସଂଘ ଉପସଭାପତି

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୨୭।୫**

ଢେଙ୍କାନାଳସ୍ଥିତ 'ଆମ ପ୍ରତିଭା ଆମ ସମ୍ମାନ' କାର୍ଯ୍ୟାଳୟରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ–୨୦୨୩ର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଗଗନ ବିହାରୀ ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ। ୨୦ ତାରିଖ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ୨୮ ତାରିଖ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଏହି ଭଜନ ସମାରୋହ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନ ଏବଂ କଣ୍ଠଶିଳ୍ପୀ ସାମିଲ ହୋଇ ଭଜନ ପରିବେଷଣ କରିବେ। ଏହାକୁ ଶୃଙ୍ଖଳିତ ଏବଂ ଆକର୍ଷଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ କର ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ରୁଦ୍ରାନ୍ତ କୁମାର ଦଳେଇ, ଉପ ସଭାପତି ସ୍ୱରୂପାନନ୍ଦ ଦାସ, ଉପଦେଷ୍ଟା ସଂଗ୍ରାମ କେଶରୀ ପାଣି, ଅଥୟ ସାହୁ, ଦେବାଶିଷ ମିଶ୍ର, ଅବନୀ ମିଶ୍ର, ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ସାଧାରଣ ସମ୍ପାଦକ ସାଗିର୍ ମହମ୍ମଦ, ସହ ସମ୍ପାଦକ ରଞ୍ଜନ କୁମାର ନାଏକ, ଆଇନଜୀବୀ ଗୋପାଳ ଚନ୍ଦ୍ର ପାତ୍ର, ଟଙ୍କଧର ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ନରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ସାହୁ, ବଳରାମ ଭଞ୍ଜ, କୈଳାସ ସେଠୀ, କାହ୍ନୁ ଦଳେଇ, ଅମିତ୍ ସାହୁ, ଆଲୋକ ରଥ, ବୁଲୁ ଜେନା, ଅଥାନି ସାହୁ, ଅରୁଣ ପରିଡ଼ା ପ୍ରମୁଖ ନିଜ ନିଜର ମତାମତ ଦେଇଥିଲେ।



ବୈଠକରେ ଅନୁଷ୍ଠାନର ସଦସ୍ୟମାନେ।

## ଯୋରନ୍ଦା ବିକାଶରେ ସହଯୋଗ ଲୋଡ଼ା

- ମହିମାଗାଦି ପରିଦର୍ଶନ କଲେ ବବି
- ସାଧୁସନ୍ଥଙ୍କ ସହ ଆଲୋଚନା କଲେ
- ପୀଠର ସର୍ବାଙ୍ଗୀନ ଉନ୍ନତିକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୭।୫**



ଯୋରନ୍ଦାରେ ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଧୀର ସାମଲ, ଜିଲାପାଳ ସରୋଜ ସେଠୀଙ୍କ ସମେତ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଶନିବାର ପୂର୍ବାହ୍ନରେ ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଗାଦିମନ୍ଦିର, ଧୁନିମନ୍ଦିର, ଅଖଣ୍ଡବତି ମନ୍ଦିର, ବଳ୍କଳଧାରୀ ଓ କୌପୀନଧାରୀ ମହିମା ସମାଜ ଆଶ୍ରମ, ରାସ୍ତାଘାଟ ବୁଲି ଦେଖିବା ସହ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଯୋରନ୍ଦାର ସର୍ବାଙ୍ଗୀନ ଉନ୍ନତି ଏବଂ ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଲାଗି ସେ ସାଧୁସନ୍ଥ, ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଛନ୍ତି।

ଯୋରନ୍ଦା ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୧୦କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ବିନିମୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଏଥିରେ ସ୍ୱଚ୍ଛତା ଅବଲମ୍ବନ କରିବା, ନିର୍ଦ୍ଧାରିତ ସମୟରେ କାମ ସାରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବବି ଦୁଇଗୋଷ୍ଠୀର ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସେମାନଙ୍କ ବିଭିନ୍ନ ପ୍ରସ୍ତାବ ଶୁଣିଥିଲେ। ଆଲୋଚନା ସମୟରେ କୌପୀନଧାରୀ ମହିମା ସମାଜ ମୁଖ୍ୟ ଶ୍ରୀମଦ୍ ରଘୁନାଥ ବାବା, ଅବିନାଶୀ ବାବା, ବଳ୍କଳଧାରୀ ମହିମା ସମାଜର ପ୍ରଭାସ ବାବା, ପ୍ରସନ୍ନ ବାବା ଉପସ୍ଥିତ ଥିଲେ।

ବିଧାୟକ ସୁଧୀର ସାମଲ, ଜିଲାପାଳ ସରୋଜ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଂଯୋଜକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳଙ୍କ ସମେତ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତେ ସାମୂହିକ ପ୍ରସାଦସେବନ କରିଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୨୯ ତାରିଖରେ ଯୋରନ୍ଦାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ୫–ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଯୋରନ୍ଦାକୁ ରାଜନେତା, ପ୍ରଶାସନିକ ଅଧିକାରୀମାନେ ଘନଘନ ଗସ୍ତ କରୁଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଉଚ୍ଚ ରକ୍ତଚାପ ପରୀକ୍ଷା ଶିବିର

**ଢେଙ୍କାନାଳ ଅଫିସ, ୨୭।୫**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ କମ୍ପାନୀ ପକ୍ଷରୁ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ ୬ ଗ୍ରାମରେ ଉଚ୍ଚ ରକ୍ତଚାପ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୩୩ ଜଣଙ୍କ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଡାକ୍ତର ପ୍ରଜିତ୍ ବାନାର୍ଜୀ, ଡାକ୍ତର ଶୁଭେଚ୍ଛା ମହାନ୍ତି ସହଯୋଗୀଙ୍କ ସହ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ସନ୍ଦୀପ ସୁନ୍ଦର ବେହେରା, ଫକୀର ମୋହନ ପାତ୍ର, ସଂଘମିତ୍ରା ନାଗ, ନର୍ମଦା ପଲେଇ ପ୍ରମୁଖ ଆଲୋଚନାରେ ଭାଗନେଇ କହିଲେ, ଉଚ୍ଚ ରକ୍ତଚାପ ହୃଦ୍‌ରୋଗର କାରଣ। ଖାଦ୍ୟପେୟ, ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଉଚ୍ଚ ରକ୍ତଚାପ ଅକାଳ ମୃତ୍ୟୁର ପ୍ରମୁଖ କାରଣ। ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଯକ୍ଷ୍ମା, ଏଚ୍‌ଆଇଭି ଭଳି ଦୂରାରୋଗ୍ୟ ବ୍ୟାଧିର ନିରାକରଣ, ମାତୃ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।




ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ବନ୍ଦୀହେଲେ ୮ ଅଭିଯୁକ୍ତ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

**କାମାକ୍ଷାନଗର, ୨୭।୫(ଡି.ଏନ୍.ଏ.)**

**ତହସିଲଦାରଙ୍କୁ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ ଘଟଣା**

- ଜେସିବି, ୨ ଟ୍ରାକ୍ଟର ଜବତ

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲଦାର ଏସ୍. ଶୁଭ୍ର ପଟେଲଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଓ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଥରଖମ୍ବ ଗ୍ରାମର ଗୁଣନିଧି ସାହୁ (୨୭), ତ୍ରିପୁର ପରିଡ଼ା (୬୧), ଟୁଲୁ ପରିଡ଼ା (୨୭), ସୁରେଶ ପରିଡ଼ା (୫୮), ଶିବରାମ ପରିଡ଼ା (୩୫), ମୁକ୍ତାପଶି ଗ୍ରାମର ପ୍ରଫୁଲ୍ଲ ସାହୁ (୫୦), କାମାକ୍ଷାନଗର ରାମମନ୍ଦିର ଅଞ୍ଚଳର ଦୁଷ୍ମନ୍ତ ସାହୁ (୪୬) ଏବଂ ଚୁଳିଆ ଗ୍ରାମର ପାଣ୍ଡବ ଗାଗରାଇ (୪୮)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଏକ ଜେସିବି (ଓଡ଼ି ୩୫ ଇ ୩୮୦୬), ଦୁଇଟି ଟ୍ରାକ୍ଟର (ଓଆର ୦୬ ଜେ ୧୨୨୨) ଏବଂ (ଓଡ଼ି ୦୬ ବି ୮୧୬୬) ଜବତ କରାଯାଇଛି। କାମାକ୍ଷାନଗରସ୍ଥିତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏହି ସୂଚନା ଦେଇଛନ୍ତି।

ପଥରଖମ୍ବ କେନାଲ ନିକଟ ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠାଯାଉଥିବା ସୂଚନା ପାଇ ତହସିଲଦାର ପଟେଲ, ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କା, କର୍ମଚାରୀ ପ୍ରେମାନନ୍ଦ ବେହେରା ପ୍ରମୁଖ ଅତର୍କିତ ଚଢ଼ାଉ କରିଥିଲେ। ବେଆଇନ ମାଟି ଖନନକୁ ତହସିଲଦାର ବିରୋଧ କରିବା ସହ ପ୍ରମାଣ ସଂଗ୍ରହ ସ୍ୱରୂପ ନିଜ ମୋବାଇଲରେ ଫଟୋ ଉଠାଉଥିବାବେଳେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବାଡ଼ି ଓ ହାତରେ ଆକ୍ରମଣ କରିଥିଲେ। ଏଥିସହ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ଚଢ଼ାଉରେ ସାମିଲ ଥିବା ଅନ୍ୟ ଅଧିକାରୀମାନେ ମାଫିଆଙ୍କ ଆକ୍ରୋଶରୁ ବର୍ତ୍ତି ନ ଥିଲେ। ଏଭଳି ଘଟଣା ଘଟାଇ ସମସ୍ତେ ଫେରାର ହୋଇଯାଇଥିଲେ। ଗୁରୁତର ତହସିଲଦାରଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅଭିଯୋଗକ୍ରମେ ନଂ. ୨୨୬/୨୩ ଅନୁଯାୟୀ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଥାନା ଅଧିକାରୀ ଶରତ କୁମାର ମହାଳିକ ସଦଳବଳ ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିଥିଲେ।

ଜବତ ଜେସିବି, ଟ୍ରାକ୍ଟରର କାଗଜପତ୍ର ଯାଞ୍ଚ ପାଇଁ ପରିବହନ ବିଭାଗକୁ ପଠାଯାଇଛି। ଆକ୍ରମଣ ପଛରେ ଗାଡ଼ିମାଲିକଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ଦିଗରେ ତଦନ୍ତ ଚାଲିଛି। ଯଦି ସନ୍ଦେହ ସତ ହୋଇଥାଏ, ତେବେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ଥାନାଧିକାରୀଙ୍କ ସମେତ ଏସ୍‌ଆଇ ସ୍ୱର୍ଣ୍ଣଲତା ସାହୁ, ପ୍ରତାପ ସାହୁ, ଏସ୍.ଆର୍. ମହାନ୍ତି, ଏଏସଆଇ ଜିତେନ୍ଦ୍ର ସାହୁ, ଅନିଲ ସିଂ, ମାନସ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଭୌଗୋଳିକ ସ୍ଥିତି ମାଫିଆଙ୍କୁ ସୁହାଉଛି

ଢେଙ୍କାନାଳ ଜିଲାର ଭୌଗୋଳିକ ସ୍ଥିତି ଲଘୁ ଖଣିଜ ଚୋରା ଚାଲାଣକାରୀଙ୍କୁ ସୁହାଉଛି। ଦୁର୍ଗମ ସ୍ଥାନରେ ଥିବା ଖାଦାନଗୁଡ଼ିକରେ ଚଢ଼ାଉ ବେଳେ ମାଫିଆମାନେ ସହଜରେ ଖସିଯିବାରେ ସକ୍ଷମ ହେଉଛନ୍ତି। ଅନେକ ସମୟରେ ସେମାନେ ଆକ୍ରୋଶମୂଳକ ଭାବେ ଆକ୍ରମଣ ମଧ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ଲୋକମାନେ ନିଜର ନେଟୱାର୍କ ବିସ୍ତାର କରିସାରିଲେଣି। ପୋଲିସ, ପ୍ରଶାସନର ଚଢ଼ାଉରୁ ବର୍ତ୍ତିବାକୁ ସେମାନେ ଇନଫର୍ମର ନିୟୋଜିତ କରୁଛନ୍ତି। ଚଢ଼ାଉ ସମ୍ପର୍କରେ ସୂଚନା ପାଇବା ମାତ୍ରକେ ଇନ୍‌ଫର୍ମରମାନେ ସେମାନଙ୍କୁ ଅବଗତ କରାଇ ଦେଉଛନ୍ତି। ତେଣୁ ଅଭିଯୁକ୍ତଙ୍କୁ ଗିରଫ କରିବା କଷ୍ଟକର ହୋଇପଡୁଛି। ଏହାକୁ ରୋକିବା ଲାଗି ଖୁବ୍‌ଶୀଘ୍ର ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ। ପ୍ରତି ତହସିଲ ଅଞ୍ଚଳରେ ଥିବା ଲଘୁଖଣିଜ ଉତ୍ସ ଚିହ୍ନଟ କରି ଏହା ଉପରେ କଡ଼ା ନଜର ରଖାଯିବା ସହ ନିୟମିତ ଚଢ଼ାଉ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

### ସାରା ଜିଲାରେ ଚଢ଼ାଉ ହେବ: ଏସ୍‌ପି

ଲଘୁଖଣିଜ ସମ୍ପଦରେ ଭରପୂର ଢେଙ୍କାନାଳ ଜିଲାରେ ବାଲି, କଳା ମୁଗୁନି ପଥର, ମାଙ୍କଡ଼ାପଥର ଖାଦାନ ଭଳି ଉତ୍ସରୁ ବିପୁଳ ରାଜସ୍ୱ ଆଦାୟର ସମ୍ଭାବନା ରହିଛି। ହେଲେ ଏଭଳି ଖଣିଜ ସାମଗ୍ରୀର ଅବାଧ ଚୋରା କାରବାରରେ ମାଫିଆ ଲାଭବାନ ହେଉଥିବାବେଳେ ରାଜସ୍ୱ କ୍ଷତି ସହୁଛନ୍ତି ସରକାର। ଏହାକୁ ରୋକିବା ଲାଗି ଜିଲାପାଳ ଏବଂ ଏସ୍‌ପିଙ୍କ ଦ୍ୱାରା ମିଳିତ ଟାସ୍କଫୋର୍ସ ଗଠନ କରାଯାଇଛି। ତହସିଲ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ମଧ ଚଢ଼ାଉ କରାଯାଉଛି, ଯାହାକୁ ନେଇ ବିଭିନ୍ନ ସମୟରେ ରକ୍ତମୁଖା ହୋଇଉଠୁଛନ୍ତି ଚୋରା ଚାଲାଣକାରୀ। ଜିଲା ଆଞ୍ଚଳିକ ପରିବହନ ବିଭାଗ, ବନ ବିଭାଗ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା ଅଧିକାରୀ ବିଭିନ୍ନ ସମୟରେ ସେମାନଙ୍କ ଆକ୍ରୋଶର ଶିକାର ହେବା ଏହାର ଚାକ୍ଷୁଷ ପ୍ରମାଣ। ତେବେ ପରଜଙ୍ଗ ତହସିଲଦାରଙ୍କୁ ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ ପରେ ଲଘୁ ଖଣିଜ ଚୋରା ଚାଲାଣକାରୀ ବର୍ବରତାର ସବୁ ସୀମା ଲଂଘିଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ଲଘୁ ଖଣିଜର ଚୋରାଚାଲାଣ ରୋକିବା ଲାଗି ସମସ୍ତ ଥାନାଧିକାରୀଙ୍କୁ ଅବଗତ କରାଯାଇଛି। ଏଣିକି ସାରା ଜିଲାରେ ଜୋର୍‌ଦାର ଚଢ଼ାଉ କରାଯିବ।

# କମଲ ୱାଚ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୭।୫



ଦେଶର ପ୍ରମୁଖ ତଥା ବିଳାସପୂର୍ଣ୍ଣ ଘଣ୍ଟା ପ୍ରତିଷ୍ଠାନ କମଲ ୱାଚ୍ କୋ.ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଜାଭିୟର ସ୍କୋୟାରସ୍ଥିତ ସାଣ୍ଡି ଟାୱାର ହୋଟେଲ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା ଲୋକ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କ ସମେତ କମଲ ୱାଚ୍ କୋ.ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କମଲ ୱାଚ୍ କନ୍‌ସେପ୍ଟର ନିର୍ଦ୍ଦେଶକ ନିଶାନ୍ତ ଟୋଟଲା କହିଛନ୍ତି, କମଲ ୱାଚ୍ କୋ ସହ ଜଡ଼ିତ ହେବା ଏକ ଗୌରବର ବିଷୟ, ଯାହାକି ଏକ ବ୍ରାଣ୍ଡ୍ ଚମତ୍କାରିତା ଏବଂ ଅତୁଳନୀୟ କାରିଗରିର ଉଦାହରଣ । ବିଶେଷକରି ଶୋ'ରୁମ୍ ଆରମ୍ଭ ହେବା ସହିତ ଗ୍ରାହକଙ୍କୁ ଆମେ ଏକ ଅପୂର୍ବ ଅଭିଜ୍ଞତା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ସୂଚନାଯୋଗ୍ୟ, ୧୯୬୯ରେ ହାଇଦ୍ରାବାଦର ଆବିଡସଠାରେ ପ୍ରତିଷ୍ଠାନର ପ୍ରଥମ ଷ୍ଟୋର ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ସମୟରେ ପ୍ରତିଷ୍ଠାନର ୫୦ ତମ ଷ୍ଟୋର ଭାରତ ବଜାରରେ ରହିଛି। ସେହିଭଳି ଓଡ଼ିଶା ବଜାରରେ ପ୍ରତିଷ୍ଠାନର ଏହା ୩ୟ ଷ୍ଟୋର ହୋଇଥିବା ବେଳେ ଏହା ପୂର୍ବରୁ ଭୁବନେଶ୍ୱରର ଏସ୍‌ପ୍ଲାନେଡ୍ ମଲ୍ ଓ ଜନପଥ ରୋଡ୍‌ରେ ୨ଟି ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଦୀର୍ଘଦିନରୁ କାରବାର କରୁଛି।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ଲାଣ୍ଟ ପରିଦର୍ଶନ କରାଇଲା ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୭।୫



ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜେଏସ୍‌ଡବ୍ଲ୍ୟୁର ଓଡ଼ିଶା ୟୁନିଟ୍ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ୩ ଦିନିଆ ପରିଭ୍ରମଣ ଓ ଆନ୍ଧ୍ରପ୍ରଦେଶର ବିଜୟନଗରସ୍ଥିତ ବିଦ୍ୟାନଗର ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାର କାର୍ଯ୍ୟରତ ଜାତୀୟ ଓ ରାଜ୍ୟସ୍ତରୀର ବିଭିନ୍ନ ଗଣମାଧ୍ୟମର ୩୦ଜଣ ପ୍ରତିନିଧି ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ସାମିଲଥିଲେ। ଅପରପକ୍ଷରେ ବିପିଏସ୍‌ଏଲ୍ ଓ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ଅଧ୍ୟକ୍ଷ ଅନୀଲ ସିଂଙ୍କ ସମେତ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ୩ ଦିନିଆ ସ୍ୱତନ୍ତ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଜେଏସ୍‌ଡବ୍ଲ୍ୟୁ ବିଜୟନଗର ୱାର୍କ୍ସର ସଭାପତି (ଅଧ୍ୟକ୍ଷ) ପି.କେ. ମୁରୁଗାନ, ସିଓଓ ଏଲ୍.ଆର୍. ସିଂ ଏବଂ ପ୍ରଶାସନିକ ଓ ସିଏସ୍‌ଆର୍ ମୁଖ୍ୟ ରାଲଫ ସୁନୀଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁର ବିଜୟନଗର ଷ୍ଟିଲ୍ ପ୍ଲାଣ୍ଟ ଭାରତ ବର୍ଷର ଏକକ ସର୍ବବୃହତ୍ ଷ୍ଟିଲ୍ ପ୍ଲାଣ୍ଟ ଭାବେ ପରିଗଣିତ ହେଉଛି। ଉକ୍ତ ଗସ୍ତ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ କାରଖାନାର କାର୍ଯ୍ୟ ପରିସର ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ।

# ନିମାଇଲର ନୂଆ ପ୍ରଚାର ଅଭିଯାନ

ଭୁବନେଶ୍ୱର,୨୭।୫

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି ଉତ୍ପାଦ ନିର୍ମାଣକାରୀ ସଂସ୍ଥା ଆଇଟିସିର ପ୍ରମୁଖ ଉତ୍ପାଦ ନିମାଇଲ ପକ୍ଷରୁ ଏକ ନୂତନ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି 'ନିମାଇଲ ଚଟାଣ ଖୁସିର ଚଟାଣ' ଚଳଚ୍ଚିତ୍ର ମାଧ୍ୟମରେ ଆଇଟିସି ନିମାଇଲ ସ୍ୱଚ୍ଛ ଗୃହାଙ୍ଗନରେ ସନ୍ତୋଷ ଓ ଖୁସି ପ୍ରଦାନ କରିଥାଏ, ଯାହା ଶିଶୁମାନଙ୍କ ପାଇଁ ଏକ ଆନନ୍ଦଦାୟୀ ନିରାପଦ ସ୍ଥାନର ସନ୍ଧାନ ଦେଇଥାଏ। ଆଇଟିସି ଲିମିଟେଡ୍‌ର ମୁଖ୍ୟ ସଞ୍ଚାଳକ (ପର୍ସନାଲ କେୟାର ପ୍ରଡକ୍ଟସ୍ ବିଜ୍‌ନେସ୍ ଡିଭିଜନ) ସମୀର ଶତପଥୀ କହିଛନ୍ତି, 'ଗୃହାଙ୍ଗନ ବହୁ ଲୋକ, ମୁଖ୍ୟତଃ ଶିଶୁମାନଙ୍କ ପାଇଁ ପ୍ରଶସ୍ତ କ୍ରୀଡ଼ାକ୍ଷେତ୍ର । ବିଶେଷକରି ଉତ୍ସାହ,ଉଦ୍ଦୀପନା, ସନ୍ତୋଷ ଓ ଶକ୍ତିବହୁଳ ଭାବେ ଗୃହର ଶୁଦ୍ଧ ପରିବେଶ ଗୃହାଙ୍ଗନରୁ ଉନ୍ମେଷ ହୋଇଥାଏ ।

# ମୃତ୍ତିକା ପରୀକ୍ଷଣକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର,୨୭।୫** ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଏକ କୃଷି ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ବାଲେଶ୍ୱରର ବାଲିଆପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ର (କେଭିକେ) ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍)ର ସହଯୋଗିତାରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ମୃତ୍ତିକା ପରୀକ୍ଷଣର ଗୁରୁତ୍ୱ ଉପରେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର କେଭିକେର ବିହନ ବିଜ୍ଞାନୀ ଡ. ନିରଜ କୁମାର ଜେନା ଏବଂ ଏସ୍‌ପିପିଏଲ୍‌ର ପ୍ରଶାସନିକ ମୁଖ୍ୟ ରାଜକୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆବଶ୍ୟକତା ବିଷୟରେ ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ସହ ମାଟି ପରୀକ୍ଷଣକୁ ଏକ ନିୟମିତ ପ୍ରଥା ଭାବେ ଗ୍ରହଣ କରିବା ଲାଗି ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।


GOVERNMENT OF ODISHA
DEPARTMENT OF WATER RESOURCES

No.A-178:

## OFFICE OF THE CHIEF CONSTRUCTION ENGINEER LOWER INDRA IRRIGATION PROJECT, KHARIAR

**e-Procurement Notice No. CCELIIP-01/2023-24, Dt. 22.05.2023**

**e-mail address:- celiipnuapada2016@gmail.com**

1. Type/Nature of work: Civil Work. 2. Total No. of works: 01 (One) No. 3. Approx. value of works: Rs.3.42 Crore (Excluding GST). 4. Period of completion: 18 (Eighteen) Calendar Months. 5. Classification of bidders: "A" Class of Contractor only. **Other details as follows:**

| Procurement Officer | e-Procurement Notice No. | Availability & Submission of bids in online | | Date & Time of Opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Chief Construction Engineer, Lower Indra Irrigation Project, Khariar, Dist- Nuapada, Odisha | CCELIIP-01/2023-24 Dt.20.05.2023 for 01 (One) No. of Work | 29.05.2023 At 10.00 AM | 17.06.2023 Upto 5.00 PM | 19.06.2023 At 11.30 AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd./- (Er.Jugal Kishore Khatua)
Chief Construction Engineer, Lower Indra Irrigation Project, Khariar, Dist-Nuapada

OIPR-32066/11/0002/2324



obcc

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)

Letter No.4638 Date:26.05.23
File No.: PCF-1078

**Invitation to suggest the innovative designs/ logos for Odia University**

**No.CAD-746:**The Sr. Chief General Manager-I, Odisha Bridge & Construction Corporation Limited, Vikash Bhavan, Odisha, Bhubaneswar is inviting suggestion from the public to design a logo for Odia University, Sakhigopal, Puri representing the unique identity of Odia University. The designed logo of the University shall be submitted within 15 days from the date of this notification by E-mail circle1@obcc.in/md@obcc.in. For any clarifications/ information required please contact through the same. Selected logo will be rewarded suitably.

Sd./- Sr. Chief General Manager-I
OB&CC Ltd.
OIPR-34161/11/0023/2324



## ପୌର ପରିଷଦ କାର୍ଯ୍ୟାଳୟ, ବ୍ରଜରାଜନଗର

ପତ୍ର ସଂଖ୍ୟା: ୨୧୩୪ **ବିଜ୍ଞାପନ** ତା୨୫।୦୫।୨୦୨୩ରିଖ

No. C-432: ଓଡ଼ିଶା ସରକାରଙ୍କର ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA, Bhubaneswar) ବିଭାଗ ପତ୍ର ସଂଖ୍ୟା ୫୦୧୪, ତା୨୮।୦୯।୨୦୨୧ରିଖ ଅନୁଯାୟୀ ବ୍ରଜରାଜନଗର ପୌରପରିଷଦ ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ୱାର୍ଡ଼ରେ ଜଳକର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ବ୍ରଜରାଜନଗର ପୌରପରିଷଦରେ ଆବେଦନ କରିପାରିବେ। ଦରଖାସ୍ତଟି ଆସନ୍ତା ତା୦୮।୦୬।୨୦୨୩ରିଖ ଦିବା ୧୨ ଘଟିକା ସୁଦ୍ଧା ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟର ଜଉମୁଦବାକ୍ସରେ ପକାଇ ପାରିବେ। କୌଣସି ଦରଖାସ୍ତ ସିଧା ହାତରେ ଗ୍ରହଣ କରାଯିବ ନାହିଁ।

**ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:**

୧. ଆବେଦନକାରୀଙ୍କ ବୟସ ୧୮ରୁ ୪୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସଦସ୍ୟ ହୋଇଥିବେ।
୩. ଆବେଦନକାରୀ ନ୍ୟୂନତମ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୪. ଆବେଦନକାରୀ ୨ ବର୍ଷ ଧରି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ।
୫. ଆବେଦନକାରୀଙ୍କ ପାଖରେ ବ୍ୟକ୍ତିଗତ ସ୍ମାର୍ଟଫୋନ ଥିବା ଆବଶ୍ୟକ।
୬. ଆବେଦନକାରୀ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିୟୋଜିତ ନ ଥିବେ।
୭. ଆବେଦନକାରୀଙ୍କ ନାମରେ କୌଣସି ଆପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନ ଥିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବ୍ରଜରାଜନଗର ପୌରପରିଷଦ
OIPR-13099/11/0002/2324



## ZILLA SWASTHYA SAMITI, JAGATSINGHPUR
DPMU, NHM, JAGATSINGHPUR

Date: 25.05.2023

**NOTICE**

No. E-148: A detail database of the candidates applied for the Post of Data Assistant cum Accountant under NUHM, Jagatsinghpur vide advertisement No. 5035/2022 has been prepared based on the documents attached (as per the requirement made in the recruitment process) with the appilcation forms and uploaded in the district website **www.Jagatsinghpur.nic.in** for general information. Candidates are required to send their objections if any (no fresh documents will be acceptable) through Speed Post/ Registered Post/Courier only to the Cheif District Medical & Public Health Officer, DHH, Jagatsinghpur, At/P.O.: Jagatsinghpur, PIN - 754103 on or before 09.06.2023 by 5.00 P.M. with superscribed with the envelope" Objection for the Post of DAA, NUHM, J.S. Pur. The objection format can be downloaded from the district website **www.jagatsinghpur.nic.in**. The objection received on or before the due date will be disposed of and the findings therof will be made available in the abvoe official website. No objection will be received after the due date & time.

Sd./- CDM & PHO-cum-DMD, Jagatsinghpur
OIPR-10043/11/0001/2324



## ପୌର ପରିଷଦ କାର୍ଯ୍ୟାଳୟ,ଝାରସୁଗୁଡା
## MUNICIPAL OFFICE: JHARSUGUDA

No.3416/JM Dt.26.05.2023
e-mail:jsgmunicipality@yahoo.com Fax:06645-273019
jharsugudam.hud@nic.in Ph:06645-273019

**ବିଜ୍ଞାପନ**

**No.C-429:**ଓଡ଼ିଶା ସରକାରଙ୍କର ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA, Bhubaneswar) ବିଭାଗ ପତ୍ର ସଂଖ୍ୟା ୫୦୧୪, ତା.୨୮.୦୯.୨୦୨୧ ରିଖ ଅନୁଯାୟୀ ଝାରସୁଗୁଡା ପୌରପରିଷଦ ଅଧୀନସ୍ଥ ସମସ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଣାଇ ଦିଆଯାଉଅଛି ଯେ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଯେକୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ନିଜ ୱାର୍ଡରେ ଜଳକର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏକ ନିର୍ଦ୍ଧାରିତ ଫର୍ମରେ ଝାରସୁଗୁଡା ପୌରପରିଷଦରେ ଆବେଦନ କରିପାରିବେ । ଦରଖାସ୍ତଟି ଆସନ୍ତା ତା.୦୫.୦୬.୨୦୨୩ ରିଖ ଦିବା ୧୨ ଘଟିକା ସୁଦ୍ଧା ଝାରସୁଗୁଡା ପୌରପରିଷଦ କାର୍ଯ୍ୟାଳୟର ଜଉମୁଦ ବାକ୍ସରେ ପକାଇପାରିବେ । କୌଣସି ଦରଖାସ୍ତ ସିଧା ହାତରେ ଗ୍ରହଣ କରାଯିବ ନାହିଁ ।

**ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା:**

୧. ଆବେଦନକାରୀଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଏକ ସଦସ୍ୟ ହୋଇଥିବେ ।
୩. ଆବେଦନକାରୀ ନ୍ୟୂନତମ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।
୪. ଆବେଦନକାରୀ ୨ ବର୍ଷ ଧରି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ସଦସ୍ୟା ହୋଇଥିବେ ।
୫. ଆବେଦନକାରୀଙ୍କ ପାଖରେ ବ୍ୟକ୍ତିଗତ ସ୍ମାର୍ଟଫୋନ ଥିବା ଆବଶ୍ୟକ ।
୬. ଆବେଦନକାରୀ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ନିୟୋଜିତ ନ ଥିବେ ।
୭. ଆବେଦନକାରୀଙ୍କ ନାମରେ କୌଣସି ଆପରାଧିକ ମାମଲା ବା ରାଜନୈତିକ ସଂପୃକ୍ତି ନ ଥିବ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ
OIPR-13165/11/0001/2324



## CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI (ZSS), KEONJHAR)

Advt. Letter No. 2345 Date: 26.05.2023

**REQUEST FOR PROPOSAL (RFP) FOR SELECTION OF AGENCY FOR SETTING UP & OPERATION OF DIGITAL DISPENSARIES IN KEONJHAR DISTRICT UNDER DMF**

No. E-150: A Request for Proposal (RFP) is invited from the reputed and experienced Agencies/Organizations/Firms for "Setting Up & Operation of Digital Dispensaries in Keonjhar district under DMF". The eligibility criteria and detailed requirements for said RFP and the formats for submission of proposal are set forth in the RFP document which can be downloaded from the district NIC website i.e. **www.kendujhar.nic.in**. Interested bidders fulfilling the eligibility criteria may submit their proposal & documents as set forth in ths RFP and submit to the undersigned in sealed envelope (s) clearly superscribing "RFP for Setting UP & Operation of Digital Dispensaries in Keonjhar district under DMF". Proposal(s) complete in all respect should reach the office of the CDM & PHO Keonjhar - 758001 by Speed Post/Regd. Post only on or before Dt.22.06.2023 till 5.00 P.M. The proposal(s) shall be opened on Dt.23.06.2023 at 11.00 A.M. in NHM Conference Hall, DHH, Keonjhar. Incomplete applications received in an open envelope/applications received after the due date will be summarily rejected.
The authority reserves the right cancel or reject the any or all RFP without assigning any reason thereof. No personal query shall be entertained. The decision of the committee will be treated as final.

Sd./- Chief District Medical & Public Health Officer, Keonjhar
OIPR-10033/11/0013/2324



## ZILLA SWASTHYA SAMITI, KORAPUT
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER (DPMU), NATIONAL HEALTH MISSION

E-mail:nhmkpt@gmail.com Phone:06852-250242
No.:1707/DPMU/NHM/23 Date:26.05.2023

**NOTICE FOR DIFFERENT POSTS UNDER NHM, KORAPUT**

**No.E-151:**Objection / suggestion (If any) are invited from the applicants vide this office Advt. No. 1009 dtd.05.04.2023 for the entries made in the database in writing with sufficient justification which must reach to the Chief District Medical & Public Health Officer, At/Po- Koraput (Jail Road), Dist-Koraput, PIN-764020 through Speed Post/Regd. Post/ Courier only and the last date of submission of application is on or before 02.06.2023 by 05.00 P.M. The.envelope containing the application should be superscribed clearly with the objection for the post of,..., otherwise the application will be invalid & rejected. No other means of communication will be considered. No new documents will be accepted for compliance of objection against non-submission of required documents along with the application form at the time of submission of application. Objection / suggestion will not be considered after due date and time. The candidates are requested to login into district website of Koraput (www.koraput.nic.in) for database. The undersigned reserves the right to cancel / reject any or all the applications without assigning any reason thereof.

Sd./- CDMO-cum-District Mission Director, Koraput.
OIPR-10077/11/0003/2324



**ବିଜ୍ଞପ୍ତି** No.g-37:



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏହି ଶିଶୁ କନ୍ୟାଟିକୁ ଗତ ତା.୦୧.୦୫.୨୦୨୩ ରିଖରେ ଚାରିଘରିଆ, ବାଙ୍କି ରାସ୍ତାକଡ ପୋଖରୀ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇ ଶିଶୁ ଭବନ, କଟକକୁ ଚିକିତ୍ସା ପାଇଁ ଆସିଥିଲା । ଏହି ପରିତ୍ୟକ୍ତ ଶିଶୁଟିର ବାପା, ମାଆ କିମ୍ବା ପରିବାର ବିଷୟରେ କିଛି ଜଣାନାହିଁ । ଶିଶୁ ଭବନ ସୁପରିଣ୍ଟେଣ୍ଡେଣ୍ଟ କଟକ ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କୁ ଏ ବିଷୟରେ ଜଣାଇଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ.-୧୪୦/୨୦୨୩ ଅନୁଯାୟୀ ଏହି ଶିଶୁକନ୍ୟା "ସୋହାନୀ" ଏବେ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରହୁଅଛି । ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,କୋଠରି ନଂ.-୫୪, କଲେକ୍ଟୋରିଏଟ୍ ବିଲ୍ଡିଙ୍ଗ୍, କଟକ, ଫୋନ ନଂ.-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0003/2324



## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/P.O./P.S.: Titilagarh, Dist.: Balangir - 767033
e-mail: titilagarhmunicipality@gmail.com, www.titilagarhmunicipality.in

Letter No. 1245 Date: 26.05.2023

**QUOTATION CALL NOTICE**

No. C-436: Sealed quotations are invited in "Two Cover Bid System" from registered/experience/reputed consultants/ architects having valid Income Tax & GST Registration Certificate having at least 12 years of Experience for preparation of detailed project report (DPR) to contain detailed Architectural, Structural, Internal/External Electrical/s PH drawings and designs including detailed estimates of all components, B.O.Q. and rate analysis including supervision & soil investigation/test work of different development works of Titilagarh Municipality under Titilagarh Municipality for engagement of consultant. The cover one shall contain technical bid & cover two shall contain the price bid. After evaluation of technical bid, the financial bid of qualified bidders will be opened. The bidder should be a qualified architect and registered member of council of Architecture. In case of proprietorship firm, the proprietor and incase of partnership firm, all the partners must have valid registration under council of Architecture. The consultants should have previous experience of completing at least one single reputed work of cost not less than Rs.4.00 crores (Four) in State/Central Govt. & having a financial turnover of Rs.50.00 lakt (fifty) and above if any one financial year in last 5 years from consultancy services. The bid documents be sent through Regd. Post/ Speed Post or by person so as to reach the undersigned latest by Dt.30.05.2023 at 11.00 A.M. The technical bid (cover one) will be opened on Dt.30.05.2023 at 1.00 P.M. in the presence of the bidders or their authorized representative who may wish to remain present at the time of opening bid. The financial bids those qualified bidders who qualify in their technical bids will be opened at a subsequent date, which shall be intimate to them at later stage. The undersigned reserves all rights to reject any or all quotation without assigning any reason thereof.

Sd./- Executive Officer
Titilagarh Municipality
OIPR-13095/11/0006/2324



## Bhubaneswar Smart City Limited
5th Floor, BMC, ICOMC Tower, Bhoi Nagar, Unit-IV, Bhubaneswar - 751007
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811

**2nd Corrigendum**

**Bid Identification No. 882/BSCL/Spl. Proj/02/2023 Dt.29.04.2023**

No. C-427: The following changes are made to the works invited vide Bid Identification No. 882/BSCL/Spl. Proj/02/2023 Dt.29.04.2023.

| Clause No. | As per the DTCN | To be read as |
|---|---|---|
| NIT | Last date for submission of bid (Online) - 17.00 hrs. of 30.05.2023<br>Submission of bid documents, EMD, paper cost in hard copy - 17.00 hrs. of 02.06.2023<br>Date of opening of Bid - 16.00 hrs. of 03.06.2023 | Last date for submission of bid (Online) - 17.00 hrs. of 07.06.2023<br>Submission of bid documents, EMD, paper cost in hard copy 17.00 hrs. of 09.06.2023<br>Date of opening of bid - 16.00 hrs. of 12.06.2023 |
| Detailed Tender Call Notice Clause - 111(g) | Similar nature of wokrs means project comprising of Construction of parks, landscaping, hardscape, pathways, sit out spaces and tree plantation and other allied works in all respect under one Agreement/ Contract. | Similar nature of works means project comprising of civil works or construction of parks, landscaping, hardscape, pathways, sit out spaces and tree plantation and other allied works in all respect under one Agreement/Contract. |

Any addendum/corrigendum/cancellation of tender can be seen in the website mentioned above.
All other terms and conditions remain unchanged.

Sd./- Chief Executive Officer
Bhubaneswar Smart City Limited
OIPR-13070/11/0007/2324



WATCO
## OFFICE OF THE GENERAL MANAGER WATCO DIVISION-I, VANIVIHAR SQUARE BHUBANESWAR,ODISHA,PIN-751022
PHONE/FAX: 0674-2542821/ e-mail:gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT

**Invitation for Bids (IFB)**
**GMWATCO-I/13/2023-24, Dt.25.05.2023**
**No.8654, Date:25.05.2023**

**No.C-425:**01. Name of the work : **1) Construction of GSR at GGP Colony & Prasanti Vihar, KIIT under WATCO Division -I, Bhubaneswar Implementation of 24X7 Water supply. 2) Construction of GSR at GA Niladrivihar & Lumbini Vihar and Sailashreevihar Phase-VII under WATCO Sub Division, Chandrasekharpur, Bhubaneswar Implementation of 24X7 Water supply. 3) Construction of GSR at GA Saileshree Vihar & Saileshree Vihar Phase-II, under WATCO Section, Sailashree vihar, Bhubaneswar Implementation of 24X7 Water supply. 4) Construction of GSR at Niladrivihar Basti & Niladrivihar Sector-5 under WATCO Section, Niladrivihar, Bhubaneswar Implementation of 24X7 Water supply. 5) Construction of GSR at Sikharchandi Cluster under WATCO Section, Sikharchandi, Bhubaneswar Implementation of 24X7 Water supply. 6) Construction of GSR at Sishu Vihar & Nandan Vihar, Kalarahanga under WATCO Section, Sikharchandi, Bhubaneswar Implementation of 24X7 Water supply. 7) Construction of GSR at MDRAFM, GAA under WATCO Section, Maitree vihar, Bhubaneswar Implementation of 24X7 Water supply.**
02. **Estimate cost :** 1) Rs. 82.78 lakh. 2) Rs.90.24 Lakh. 3) Rs.76.14 Lakh 4) Rs.76.14 Lakh. 5) Rs.76.14 Lakh. 6) Rs. 67.68 Lakh 7) Rs.81.25 Lakh.
03. Period of Completion: 4 Months
04. Date & Time of availability of bid document in the portal: From 11.00 AM of Dt.31.05.2023 to 5.00 PM of 16.06.2023.
05. Last date/time of receipt of bids in the portal: 5.00 PM of 16.06.2023.
06. Last date & time of seeking clarification: 5.00 PM of 07.06.2023.
07. Date & Time of opening of Bids: At 12.30 PM of 17.06.2023.
08. Name and address of the Officer Inviting Bid: General Manager, WATCO Division-I, BBSR.
**Name & Address of Officer Inviting Bid: The General Manager, WATCO Division-I, BBSR, Odisha.**
Further details can be seen from the e-Procurement portal https://www.tendersodisha.gov.in.

Sd./- General Manager
WATCO Division-I, BBSR
OIPR-13083/11/0006/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................

ଅଭିରୂପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୦ ପିଲାଙ୍କ କେଶ କାଟିଲେ ଶିକ୍ଷକ

**ଗୁଆହାଟୀ:** ଆସାମର ମାଜୁଲି ଜିଲାରେ ଅନୁଶାସନ ନାମରେ ଜଣେ ଶିକ୍ଷକ ୩୦ ଜଣ ପିଲାଙ୍କ କେଶ କାଟିଛନ୍ତି। ଜିଲାର ଡେପୁଟି କମିଶନର କାବେରୀ ବି ଶର୍ମା ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣରେ କହିଛନ୍ତି, ପିଲାମାନେ ସେମାନଙ୍କ କେଶକୁ ଲମ୍ବା ରଖିଛନ୍ତି, ଯାହା ବିଦ୍ୟାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ଜନୀୟ। ସେମାନଙ୍କୁ ଅନେକ ଥର ଚେତାବନୀ ଦିଆଯାଇଥିଲେ ମଧ୍ୟ ସେମାନେ ଏହାକୁ ମାନି ନ ଥିଲେ। ଫଳରେ ଏବେ ଏପରି କରାଯାଇଛି। ଡେପୁଟି କମିଶନର ଶର୍ମା ସମ୍ପୃକ୍ତ ଅଧିକାରୀଙ୍କୁ ଏହି ଘଟଣାର ଅନୁସନ୍ଧାନ କରି ତୁରନ୍ତ ରିପୋର୍ଟ ଦେବାକୁ କହିଛନ୍ତି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଶିକ୍ଷକ କେବଳ ଲମ୍ବା କେଶ କାଟି ଏହାକୁ ଛୋଟ କରିଛନ୍ତି, ସମ୍ପୂର୍ଣ୍ଣ ଭାବେ କାଟିନାହାନ୍ତି। ସମ୍ପୂର୍ଣ୍ଣ କେଶ କଟାଯାଇଥିବା କଥା ବୋଲି ଡେପୁଟି କମିଶନର ଶର୍ମା କହିଛନ୍ତି। ଜଣେ ଶିକ୍ଷକ କହିଛନ୍ତି, ସେ କେବଳ ସ୍କୁଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିଛନ୍ତି। ଏ ଘଟଣାରେ ପିଲାମାନେ ଅପମାନ ଅନୁଭବ କରୁଥିବାବେଳେ ସେମାନେ ସ୍କୁଲ ଯିବାକୁ ମନା କରୁଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE * SAME PRICE
For Booking Contact: 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୫୦୦ ବର୍ଷ ତଳର ଟଏଲେଟ୍

**ଜେରୁସେଲମ୍:** ଭାରତରେ କିଛି ବର୍ଷ ଆଗରୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ଫଳରେ ଲୋକେ ଘରେ ଟଏଲେଟ୍‌ର ବ୍ୟବହାର କରୁଛନ୍ତି। ହେଲେ ଅନେକ ଲୋକ ଟଏଲେଟ୍ ପାଇଁ ଏବେ ବି ବାହାରକୁ ଯାଉଛନ୍ତି। କିନ୍ତୁ ଇସ୍ରାଏଲ ଲୋକେ ଆମ ଭାରତୀୟଙ୍କଠାରୁ ବହୁ ଆଗରେ ଅଛନ୍ତି। ୨୫୦୦ ବର୍ଷ ପୂର୍ବେ ସେଠାରେ ଟଏଲେଟ୍‌ର ବ୍ୟବହାର କରାଯାଉଥିଲା। ନିକଟରେ ଇସ୍ରାଏଲର ଜେରୁସେଲମରେ ଚାଲିଥିବା ଗାତ ଖୋଳାରୁ ବୈଜ୍ଞାନିକଙ୍କୁ ଏପରି ଏକ ଟଏଲେଟ ମିଳିଛି, ଯାହା ବର୍ତ୍ତମାନ ସମୟରେ ବ୍ୟବହୃତ ହେଉଥିବା ଟଏଲେଟ୍ ସହ କିଛିଟା ମିଶୁଛି। ସେବେକାର ଧନୀ ଲୋକମାନେ ଏପରି ଟେଲେଟ୍ ବ୍ୟବହାର କରୁଥିବା ଜଣାପଡ଼ିଛି, ଯାହା ତାଙ୍କ ହବେଲି ପାଖରେ ଥିଲା। ତାହା ଏକ ଚୂନା ପଥରରେ ପ୍ରସ୍ତୁତ ହୋଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଏହି ରିସର୍ଚ୍ଚ କରାଯାଇଥିଲା। ସେଥିରେ ଟଏଲେଟ୍ ତଳକୁ ଖୋଳା ଯାଇଥିଲା।



ଏହି ଟଏଲେଟ୍‌ରୁ ସେବେକାର ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଭ୍ୟାସ ବାବଦରେ ଜଣାପଡ଼ିଛି। ଟଏଲେଟ୍‌ରୁ ଜିଆର୍ଡିଆ ଡୁଓଡେନେଲ୍ସ ନାମକ ରୋଗର ପ୍ରଥମ ପ୍ରମାଣ ମିଳିଥିବା ଜଣାପଡ଼ିଥିଲା, ଯାହା ପେଟ ରୋଗ, ଡାଇରିଆ, ପେଟ ଇନ୍‌ଫେକ୍ସନ କରାଇଥାଏ। ପ୍ରଦୂଷିତ ପାଣି, ଖାଦ୍ୟ ଫଳରେ ଏପରି ରୋଗ ହେଉଥିବା ଜଣେ ବୈଜ୍ଞାନିକ କହିଛନ୍ତି। ଯାହା ରିସର୍ଚ୍ଚ ସାଇନ୍ସ ମାଗାଜିନ୍ 'ପାରାସିଟୋଲୋଜି'ରେ ପ୍ରକାଶିତ ହୋଇଛି। କୁହାଯାଉଛି ଯେ ଏହାର ବ୍ୟବହାର ରାଜା ମାନଶେହଙ୍କ ସମୟରେ ହେଉଥିଲା। ଯିଏ ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀର ମଧ୍ୟଭାଗରେ ୫୦ ବର୍ଷ କାଳ ରାଜୁତି କରିଥିଲେ।

# କାନ୍ସରେ ଦର୍ଶକଙ୍କ ମନ ଜିଣିଲେ ଅନୁଷ୍କା



**ମୁମ୍ବାଇ:** ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ ୭୬ତମ କାନ୍ସର ରେଡ୍ କାର୍ପେଟରେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜ ଉପସ୍ଥିତି ଜାହିର କରିଛନ୍ତି। ସେଥିରେ ସେ ଗୋଲାପି ରଙ୍ଗର ଅଫ ସୋଲଡର ରିଚାର୍ଡ କ୍ୱିନ ଇଭୋରି ପିନ୍ଧିଥିବା ଶୁକ୍ରବାର ନଜର ଆସିଥିଲେ। ସେ ଉପରେ ଏକ ଗୋଲାପି ରଙ୍ଗର ଟପ୍ ଏବଂ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ଏପରି ଲୁକ୍ ପାଇଁ ସେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଲୋକେ ତାଙ୍କୁ ସୋସିଆଲ ମିଡିଆରେ ଅନେକ କମେଣ୍ଟ କରିଛନ୍ତି। କିଛି ଲୋକ ତାଙ୍କୁ ଲମ୍ବା ଲାଞ୍ଜ ଥିବା ପରୀ ସହ ତୁଳନା କରିଛନ୍ତି। ତାଙ୍କ ବ୍ୟତୀତ ବଲିଉଡ୍‌ରୁ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ମୃଣାଳ ଠାକୁର, ସନ୍ନି ଲିଓନି, ସାରା ଅଲି ଖାନ୍, ଅଦିତି ରାଓ, ଉର୍ବଶୀ ରଉତେଲା, ମୌନି ରାଏ ପ୍ରମୁଖ କାନ୍ସରେ ତାଙ୍କ ଜଲୱା ଦେଖାଇସାରିଲେଣି। ତେବେ ଅନୁଷ୍କାଙ୍କୁ ନିକଟରେ ଫିଲ୍ମ ଚକ୍‌ଦା ଏକ୍ସପ୍ରେସରେ ଦେଖିବାକୁ ମିଳିଛି। ଏଥିସହ ସେ ୱାବ ସିରିଜ୍ ଏବଂ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**

ଅଭିରୂପ ଦାସ
ରଙ୍ଗୋଲି ଗାର୍ଡେନ୍- ଜୟପୁର- ରାଜସ୍ଥାନ
ତୋର ପ୍ରତ୍ୟୁତ୍ପନ୍ନ ବାକ୍‌ସିଦ୍ଧି ନିଷ୍ଠୟ ବାଗ୍‌ଦେବୀଙ୍କ ବରଦାନ। ଦୀର୍ଘାୟୁ ଜୀବନରେ ପରିବାରର କୀର୍ତ୍ତିସ୍ତମ୍ଭ ହୁଅ। ଶଙ୍ଖ, ଚକ୍ର, ଗଦା, ପଦ୍ମର ଆଶୀର୍ବାଦ ନିର୍ଝର ତୋ ଚଲାପଥ ସୁଗମ୍ୟ କରିବା ପାଇଁ ଡାଡ଼ି, ବୋଉ, ଅଜା- ଆଈ, କେକେ-କେକେମା', ଭାଇ, ଭାଉଜ, ଭଉଣୀ, ମଉସା, ମାଉସୀମାନଙ୍କର ନୀଳାଚଳ-ନାଥଙ୍କଠାରେ ପ୍ରାର୍ଥନା।
ଧ-୦୪୪୫

**୧୧ତମ ବିବାହ ବାର୍ଷିକୀ**

ଅଜୟ ଓ ରାଲି
ଗୋହରାଣମୁଣ୍ଡ, ଖୁର୍ଦ୍ଧା
ଜଗତର ନାଥ ଜଗନ୍ନାଥ ତୁମ ଦାମ୍ପତ୍ୟ ଜୀବନରେ ସୁଖ ସମୃଦ୍ଧି ଭରି ଦିଅନ୍ତୁ। ଶୁଭେଚ୍ଛାରେ ବାପା, ବୋଉ, ବଡ଼ଭାଇ, ରବି, ବିଜୟ, ଭାଉଜ, ପିଲି, ମିଲି, ଭଉଣୀ କାନ୍ତି, ଭିଣୋଇ ପ୍ରଶାନ୍ତ, ସୋନୁ, ମୁନ୍ନି, ନିଲୁ, ଲିଙ୍କୁ, ମାମା, ଗବୁନ୍ତ, ଶୁଭ୍ରା
ଧ-୦୪୪୬

**୫୦ତମ ବିବାହ ବାର୍ଷିକ ଶୁଭେଚ୍ଛା**

ନୃସିଂହ ଚରଣ ତ୍ରିପାଠୀ
ଶଶୀରେଖା ତ୍ରିପାଠୀ
EB-19, Laxmi Sagar Brit Colony, Stage- I, 751006
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଶୁଭେଚ୍ଛା ସହ: ରଜନୀ, ପିଙ୍କୁ, ଶିବୁ, କଲ୍ଲୁ, ମୁନା, ମିଲ୍ଲୁ, ଟୁଟୁ, ସୁଇଟି, ଶୁଭମ୍, ପପୁଲୁ, ବାବାଇ, ଶାନ୍‌ଭୀ, ଆର୍ଭି, ଟିଆରା ଏବଂ ପରିବାରବର୍ଗ।
ଧ-୦୪୪୪


# ଜୁନ୍‌ରେ ବିବାହ କରିବେ କ୍ରିଷ୍ଣା ଭଟ୍ଟ



**ମୁମ୍ବାଇ:** ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କ ଝିଅ ତଥା ନିର୍ଦ୍ଦେଶିକା କ୍ରିଷ୍ଣା ଭଟ୍ଟ ତାଙ୍କ ବୟଫ୍ରେଣ୍ଡ ବେଦାନ୍ତ ସାରଦାଙ୍କୁ ବିବାହ କରିବାକୁ ଯାଉଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ଅନୁଯାୟୀ, କୃଷ୍ଣା ଚଳିତବର୍ଷ ଜୁନ୍ ୧୧ରେ ମୁମ୍ବାଇରେ ବେଦାନ୍ତଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବେ। ୨୭ ବର୍ଷୀୟା କୃଷ୍ଣାଙ୍କର ଗତ ବର୍ଷ ଡିସେମ୍ବର ୫ରେ ଏନ୍‌ଗେଜମେଣ୍ଟ ହୋଇଥିଲା। କୃଷ୍ଣା କହିଛନ୍ତି, 'ମୁଁ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ନେଇ ଉତ୍ସାହିତ ଅଛି, କିନ୍ତୁ ମୁଁ ଏ ବିଷୟରେ ଅଧିକ କିଛି କହିବାକୁ ଚାହେଁ ନାହିଁ।' କୃଷ୍ଣାଙ୍କ ବିବାହରେ ତାଙ୍କ ବନ୍ଧୁ ଏବଂ ପରିବାର ସଦସ୍ୟ ଉପସ୍ଥିତ ରହିବେ। ବିବାହ ଗୁଜୁରାଟୀ ଏବଂ ମାରୱାରୀ ରୀତିନୀତିରେ ହେବ। ଜୁନ୍ ୮ରୁ ତାଙ୍କ ବିବାହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ହଳ୍‌ଦି, ସଙ୍ଗୀତ ଏବଂ ମେହେନ୍ଦୀ ସମାରୋହ ଅନୁଷ୍ଠିତ ହେବ।


# Classified Everyday
0674-2580101, 2549949

MATRIMONIAL

BRIDE WANTED

ଶାକଦ୍ୱୀ ବ୍ରାହ୍ମଣ ଘରର ପୁଅପାଇଁ (ବୟସ-୩୯). ୩୦ବର୍ଷରୁ ଊର୍ଦ୍ଧ୍ୱ ସୁଯୋଗ୍ୟା କନ୍ୟାପାତ୍ରୀ ବିବାହ ନିମନ୍ତେ ତୁରନ୍ତ ଆବଶ୍ୟକ। କଟକ-7205762247. D-0447

GROOM WANTED

Beautiful Brahmin girl 1994 5'2" B.tech serving Engineer Infosys Bhubaneswar. Sunasansar-9937512659, 8249969649. D-74867

Beautiful Karan girl 1991, 5'8" B.tech only daughter settled Bhubaneswar-Sunasansar. 9937512659, 8249969649. D-74868

AUTOMOBILE

SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact-9827516256. 7504690838. D-74869

REAL ESTATE

SALE

Plot for Sale-5200sqft. Mouza-Basuaghai infront of Sai Temple. Contact-Rakesh Jena. Mob-9337203932. D-0446

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399.** D-0410

Duplex sale at Bhubaneswar @ 55 lakhs only. Contact: 9777433701. D-74864

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

Agricultural land converted to Homestead land which is very nearer to NH-55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.-9861033990. D-0456

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74689

ଭୁବନେଶ୍ୱର କଳାରାହାଙ୍ଗ ଠାରେ ୟେଲୋକୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: **9438620034.** D-0346

PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309

FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

On Janpath 2300 & 1450sqft. commercially approved space on 3rd floor with lift. 8598923231. D-71055

Healthcare

Newly open health benefits SPA special offer @ 799, Master Centeen. 9124527173. D-75109

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Newly open health benefits Spa special offer @799, Jaydev Vihar, 8018429809. D-75108

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Newly open SPA positively health benefits with expert therapist. 8114322659. D-75111

astrology

Astrology with Divine I Predict in a divine way if you have any problem then Contact- 9167370140. D-0443

AFFIDAVIT

Change of name:- I Geetanjali Jena, D/o D.D. Jena residence Gopalpur, Badheisahi, Cuttack, Change name to Geetanjali Pradhan vide Notary affidavit 19.02.2021 sworn before Rajalaxmi Pati, Notary, Cuttack. D-0452

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଅଙ୍କୁରବାଳା ପରିଡ଼ା
HIG-146, Lumbini Vihar, C.S. Pur Bhubaneswar
ଆବିର୍ଭାବ- ୦୭.୦୪.୧୯୭୦
ତିରୋଧାନ- ୦୮.୦୬.୨୦୨୨
ତୋ ଅଭୁଲା ସ୍ମୃତିକୁ ସମୟ କେବେ ବି ଲିଭେଇ ପାରିବ ନାହିଁ। ସମୟ ବଦଳେ ତୁ ଅଭିଳା ଗାର, ଅଭୁଲା ଅନୁଭବର ମନ୍ଦିର। ସମୟ ସ୍ରୋତରେ ସବୁକିଛି ଭାସିଯାଇ ପାରେ କିନ୍ତୁ ତୋର ଅଭୁଲା ଅନୁଭବ ନୁହେଁ। ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ୱାମୀ- ବିଜୟକେତନ ଭଟ୍ଟ,
ଝିଅ- ଶୀତଲ ଓ ଗୀତାଦେଇ,
ରଶ୍ମୀଦେଈ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୭୫୧୧୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



# ୨୭ ମିନିଟ୍‌ରେ ଖାଇଲେ ୪୫୦୦ କ୍ୟାଲୋରି ବିଶିଷ୍ଟ ଖାଦ୍ୟ




**ଲଣ୍ଡନ:** ବିଶ୍ୱରେ ଏପରି ଲୋକ ଅଛନ୍ତି, ଯେଉଁମାନେ ଖାଇବାକୁ ବେଶ୍ ପସନ୍ଦ କରନ୍ତି। କିଛି ଲୋକ ତାଙ୍କ ପସନ୍ଦର ଖାଦ୍ୟ ଖାଇବାକୁ ଅନେକ ଦୂରରେ ପହଞ୍ଚିଯାଆନ୍ତି। ବର୍ତ୍ତମାନ ସମୟରେ ସୋସିଆଲ ମିଡିଆରେ ବହୁତ ଫୁଡ୍ ବ୍ଲଗିଂର ଭିଡିଓ ଭାଇରାଲ ହେବାରେ ଲାଗିଛି। ତା' ମଧ୍ୟରେ ବହୁତ ଲୋକ ଫୁଡ୍ ଚ୍ୟାଲେଞ୍ଜରେ ମଧ୍ୟ ଭାଗ ନେଉଥିବା ଦେଖିବାକୁ ମିଳୁଛି। ଲଣ୍ଡନର ବାସିନ୍ଦା ମାକ୍ସ ଷ୍ଟାନଫୋର୍ଡ ଏପରି ଏକ ଫୁଡ୍ ଚ୍ୟାଲେଞ୍ଜ ନେଇଛନ୍ତି। ସେ ଏକ ଥାଳିରେ ଥିବା ୪୫୦୦ କ୍ୟାଲୋରିର ଖାଦ୍ୟକୁ ୨୭ ମିନିଟ୍ ୨୫ ସେକେଣ୍ଡରେ ଖାଇ ରେକର୍ଡ କରିଛନ୍ତି। ୩୫ ବର୍ଷୀୟ ମାକ୍ସ ଚ୍ୟାଲେଞ୍ଜ ପୂରା କରିବା ପରର ଅବସ୍ଥା ବିଷୟରେ ସୋସିଆଲ ମିଡିଆରେ ଜଣାଇଛନ୍ତି। ମାକ୍ସ କହିଛନ୍ତି, ସେ ଏତେ ସାରା ଖାଦ୍ୟ ଖାଇ ରେକର୍ଡ ତ କରିଦେଲେ। ହେଲେ ତା' ପରେ ତାଙ୍କ ଅବସ୍ଥା ବହୁତ ଖରାପ ହୋଇଗଲା। ସେ ଚ୍ୟାଲେଞ୍ଜ ପୂରା କରିବା ପରେ ଶୋଇବାକୁ ଚେଷ୍ଟା କଲେ। ହେଲେ ତାଙ୍କ ପେଟ ଏତେ ଜୋରରେ କାଟୁଥିଲା ଯେ ସେ ଶୋଇପାରି ନ ଥିଲେ। ଏହା ପୂର୍ବରୁ ସେ ଅନେକ ଫୁଡ୍ ଚ୍ୟାଲେଞ୍ଜ ପୂରା କରିଛନ୍ତି। ମଣିଷ ଦିନକୁ ୨ ହଜାରରୁ ୨୫୦୦ କ୍ୟାଲୋରି ଖାଦ୍ୟ ଖାଇବା ଉଚିତ, ହେଲେ ସେ ଏଥର ତା'ର ୨ ଗୁଣା କ୍ୟାଲୋରି ଖାଇବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କର ଏପରି ଅବସ୍ଥା ହୋଇଥିଲା।

# ଲାଇଭ୍ ଷ୍ଟ୍ରିମିଂରେ ପିଇଲେ ୭ ବୋତଲ ମଦ

**ବେଜିଂ:** ସୋସିଆଲ ମିଡିଆରେ ଫେମସ୍ ହେବାକୁ ଲୋକେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ନିକଟରେ ଜଣେ ବ୍ୟକ୍ତି ମଧ୍ୟ ଫେମସ ହେବାକୁ ଏପରି କିଛି ହୋଇଛି। ବ୍ୟକ୍ତି ଜଣକ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ପରେ ଗୋଟିଏ ୭ଟି ବୋତଲ ମଦ ପିଇଥିବା ଦେଖିବାକୁ ମିଳିଛି। ପରେ ତାଙ୍କର ମୃତ୍ୟୁ ହୋଇଛି। ହେଲେ ଜଣାପଡ଼ିଛି ଯେ, ବ୍ୟକ୍ତି ଜଣକ ନିଜ ଫଲୋଅର୍ସ ବଢାଇବାକୁ ଏପରି କରୁଥିଲେ। ଏହି ଘଟଣା ଚାଇନାର ବୋଲି ଜଣାପଡ଼ିଛି। ରିପୋର୍ଟ ମୁତାବକ ୩୪ ବର୍ଷୀୟ ୱାଙ୍ଗ ସୋସିଆଲ ମିଡିଆରେ ବହୁତ ଫେମସ୍। ସେ ଅନେକ ସମୟରେ ନିଶା ପାନୀୟ ପିଉଥିବା ଭିଡିଓ ପୋଷ୍ଟ କରନ୍ତି। ଏଥର ମଧ୍ୟ ସେ ସେପରି କରିଥିଲେ। ସେ ଲାଇଭ୍ ଷ୍ଟ୍ରିମିଂରେ ଚାଇନାର ବାଇଜୁ ନାମକ ମଦ୍ୟ ପିଇଥିଲେ। ସେଥିରେ ଆଲକୋହଲର ମାତ୍ରା ୩୫ରୁ ୬୦ ପ୍ରତିଶତ ଥାଏ। ପ୍ରକୃତରେ ୱାଙ୍ଗ ଭର୍ଚୁଆଲ କଣ୍ଟେଷ୍ଟରେ ଭାଗ ନିଅନ୍ତି।



ସେ ଅନ୍ୟମାନଙ୍କଠାରୁ ପ୍ରଭାବିତ ହୋଇ ୭ଟି ବୋତଲ ମଦ୍ୟପାନ କରିଥିଲେ। ଏହାର କିଛି ଘଣ୍ଟା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୱାଙ୍ଗ ବ୍ୟବହାର କରୁଥିବା ସୋସିଆଲ ମିଡିଆ ଆପ୍‌ରେ ମଦ୍ୟପାନ ବ୍ୟାନ ଥିଲା। ହେଲେ ଲୋକେ ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ସେହି ଆପ୍‌ରେ ୱାଙ୍ଗଙ୍କ ମଦ୍ୟପାନ ଭିଡିଓ ଯୋଗୁ ସେ ସେଥିରୁ ବ୍ୟାନ ହୋଇଥିଲେ। ହେଲେ ସେ ଅନ୍ୟ ଏକ ଆକାଉଣ୍ଟ ଜରିଆରେ ପୁଣି ଫେରିଥିଲେ ଏବଂ ତାଙ୍କ ଭିଡିଓ ଶେୟାର କରୁଥିଲେ।

# ଏସ୍ଏଚ୍‌ଜିଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ପାଣ୍ଠି

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

## ମିଶନ ଶକ୍ତି ବିଭାଗ ସମୀକ୍ଷା




- ମହିଳା ସଶକ୍ତୀକରଣ ଦିଗରେ ବିଭାଗ ବିରଳ ଗୌରବ ହାସଲ କରିଛି: ମନ୍ତ୍ରୀ
- ୧୧୦୩ ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ଏନ୍‌ପିଏ ମୁକ୍ତ
- ଏସ୍ଏଚ୍‌ଜିଙ୍କ ଦ୍ୱାରା ୧୧୪୭ ଗୋଟି ମିଲେଟ୍ ଉଦ୍ୟୋଗ ସ୍ଥାପନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନରେ ମିଶନ ଶକ୍ତି ବିଭାଗର ବିଗତ ୪ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି। ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏବଂ ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ସମୀକ୍ଷା ପରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହେମ୍ବ୍ରମ୍ କହିଛନ୍ତି, ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ବିଭାଗ ସମଗ୍ର ଦେଶରେ ବିରଳ ଗୌରବ ହାସଲ କରିବା ସହ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ଯୋଗାଣ ରାଶି ୧୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଋଣ ପରିମାଣ ୨୦୧୬-୧୭ରେ ୧.୦୬ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୩.୦୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏସ୍ଏଚ୍‌ଜି ମହିଳାଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ପାଣ୍ଠି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଢାଞ୍ଚାରେ ଗଠନ ହେବ ଏହି ପାଣ୍ଠି। କୌଣସି ମହିଳା ରୋଗଗ୍ରସ୍ତ, ଦୁର୍ଘଟଣାର ଶିକାର ହେଲେ କିମ୍ବା ମୃତ୍ୟୁମୁଖରେ ପଡ଼ିଲେ, ଏହି ପାଣ୍ଠିରୁ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ୩-୪ ମାସ ମଧ୍ୟରେ ଏହି ଫଣ୍ଡ କାର୍ଯ୍ୟକାରୀ ହେବ। ଏଥିଲାଗି ରାଜ୍ୟ ବଜେଟରୁ ଅର୍ଥ ବ୍ୟୟବରାଦ କରାଯିବ। ମିଶନ ଶକ୍ତି ବିଭାଗର ସମୀକ୍ଷା ପରେ ଗଣମାଧ୍ୟମକୁ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ୍ ଏହି ସୂଚନା ଦେଇଛନ୍ତି। ସେହିଭଳି ଏସ୍ଏଚ୍‌ଜି ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ରାଜ୍ୟସ୍ତରୀୟ ଏସ୍ଏଚ୍‌ଜି ଫେଡେରେଶନ ଗଠନ ହେବ। ରାଜ୍ୟସ୍ତରରେ ବିଭିନ୍ନ ଯୋଜନାରେ କିଭଳି ଅଧିକ କାମ କରିହେବ, ସେନେଇ ଫେଡେରେଶନ କାମ କରିବ। ୮ ବର୍ଷରେ ଏସ୍ଏଚ୍‌ଜିଙ୍କୁ ଋଣ ସହାୟତା ୧୯ ଗୁଣା ବୃଦ୍ଧି ହୋଇଛି ବୋଲି ସେ କହିଛନ୍ତି। ଏସ୍ଏଚ୍‌ଜି ଋଣ ସହାୟତା ୫୦୦ କୋଟି ଟଙ୍କାରୁ ବଢ଼ି ୨୦୨୨-୨୩ରେ ଏହା ୧୧ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ୮୬.୫% ମହିଳାଙ୍କ ପାଖରେ ବ୍ୟାଙ୍କ ଖାତା ରହିଛି, ଯାହାକି ଜାତୀୟ ହାର ୭୮.୬%ଠାରୁ ଢେର ଅଧିକ। ସେହିପରି ମିଶନ ଶକ୍ତି ବିଭାଗର ଆର୍ଥିକ ପରିଚାଳନା ୮ ବର୍ଷରେ ୧୯ ଗୁଣା ବୃଦ୍ଧି ପାଇଛି। ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଉଛି। ମହିଳା ସଙ୍ଗଠନଗୁଡ଼ିକୁ ସଶକ୍ତ କରାଯାଉଛି। ଭିତ୍ତିଭୂମି ଯୋଗାଇ ଦିଆଯାଉଛି, ପ୍ରତି ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି ବୋଲି ସେ କହିଛନ୍ତି। ରାଜ୍ୟର ୧୧୦୩ ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ଏନ୍‌ପିଏ ମୁକ୍ତ। ଓଡ଼ିଶାରେ ୮୬.୫% ମହିଳାଙ୍କ ପାଖରେ ନିଜର ବ୍ୟାଙ୍କ ଜମାଖାତା ଅଛି। ବ୍ୟାଙ୍କିଂ ସେବାର ସ୍ୱଳ୍ପ ଉପଲବ୍ଧି ଗ୍ରାମ ପଞ୍ଚାୟତମାନଙ୍କରେ ସବୁପ୍ରକାର ସୁବିଧା ପହଞ୍ଚାଇ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ତାଙ୍କ ମହାସଂଘର ସଦସ୍ୟାମାନଙ୍କୁ ବିସିଏ (ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ ଏଜେଣ୍ଟ) ଦାୟିତ୍ୱ ଦିଆଯାଇଛି। ସମ୍ପ୍ରତି ୨୩୧୮ ସଦସ୍ୟା ଓଡ଼ିଶାରେ ବିସିଏ ଭାବରେ ନିୟୋଜିତ ହୋଇ ୧୧୫୯ କୋଟି ଟଙ୍କାର ବ୍ୟବସାୟ କରିବା ସହ ୩.୬୮ କୋଟି ଟଙ୍କାର କମିଶନ ପ୍ରାପ୍ତ କରିଛନ୍ତି। ପାଞ୍ଚ ବର୍ଷରେ ୫୦୦୦ କୋଟି ଟଙ୍କାର ଦ୍ରବ୍ୟ ଓ ସେବା ଯୋଗାଣ ସମ୍ବନ୍ଧୀୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ୨୦ଟି ସରକାରୀ ବିଭାଗର ସହଭାଗିତାରେ ୪୯୪୯.୧୪ କୋଟି ଟଙ୍କା ସରକାରୀ ବ୍ୟବସାୟ ଗୋଷ୍ଠୀମାନଙ୍କୁ ଯୋଗାଇ ଦିଆଯାଇଛି। ୨୫ଟି ଜିଲାରେ ୧୦୨ଟି କାଫେରେ ପ୍ରତିଦିନ ହାରାହାରି ୫୦-୧୦୦ ଲୋକ ଖାଇବା ପାଇଁ ଆସୁଛନ୍ତି। ପ୍ରତି କାଫେ ମାସିକ ହାରାହାରି ୫୦,୦୦୦ ଟଙ୍କାର ବ୍ୟବସାୟ କରୁଛନ୍ତି। ୩୦ଟି ଜିଲାସ୍ତରୀୟ ମହାସଂଘ ପାଇଁ ୧ କୋଟି ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି, ୩୩୮ ବ୍ଲକ୍ ସ୍ତରୀୟ ମହାସଂଘ ପାଇଁ ୫୦ଲକ୍ଷ ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି, ସମସ୍ତ ୬,୧୭୮ ଗ୍ରାମପଞ୍ଚାୟତସ୍ତରୀୟ ସଂଘ ପାଇଁ ୧୬୯୭ କୋଟି ଟଙ୍କାର କମ୍ୟୁନିଟି ପାଣ୍ଠି, ମହାସଂଘର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟାମାନଙ୍କ ପାଇଁ ମିଟିଂ ଏବଂ ଗସ୍ତ ଖର୍ଚ୍ଚ ବାବଦକୁ ୨୧୭ କୋଟି ଟଙ୍କା, ୭୦ ହଜାର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କ ପାଇଁ ୟୁନିଫର୍ମ ଏବଂ ସ୍ମାର୍ଟଫୋନ ଭତ୍ତା ଏବଂ ୨୦୦୦ ବ୍ୟାଙ୍କ ମିତ୍ରଙ୍କ ପାଇଁ ଲାପ୍‌ଟପ୍ ବ୍ୟବସ୍ଥା କରାଯାଇଛି। ୨୨ଟି ଜିଲାରେ ୧୧୯ଟି ମିଶନ ଶକ୍ତି ଆଉଟଲେଟ ନିର୍ମାଣ କରାଯାଇଛି। ୪ଟି ଜିଲାସ୍ତରୀୟ ମିଶନ ଶକ୍ତି ବଜାର ନିର୍ମାଣାଧୀନ ଅଛି। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏସ୍ଏଚ୍‌ଜିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ପୁରସ୍କାର ଏବଂ ସମ୍ବର୍ଦ୍ଧନା ପାଇଛନ୍ତି ବୋଲି ସଚିବ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍. ଥିରୁମାଲା ନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର କସ୍ତୁରୀ ରାୟ ତାଙ୍କ ଲିଖିତ ପୁସ୍ତକ 'ଦ୍ରୌପଦୀ ମୁର୍ମୁ - ଫ୍ରମ୍ ଟ୍ରାଇବାଲ୍ ହିଣ୍ଟରଲ୍ୟାଣ୍ଡସ ଟୁ ରାଇସିନା ହିଲ୍'କୁ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରଦାନ କରୁଛନ୍ତି।

# ଦନ୍ତା ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

**ରଣପୁର/ନିରାକାରପୁର, ୨୭।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ବନାଞ୍ଚଳ ନିକଟସ୍ଥ ମୟୂରଝାଲିଆ କାଜୁ ଜଙ୍ଗଲରେ ଶନିବାର ସକାଳେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନରସିଂହପୁରପଞ୍ଚାୟତ ନାଟିମି ଗ୍ରାମର ସତ୍ୟନାରାୟଣ ବେହେରା (୫୬)। ଗୁରୁତର ହୋଇଥିବା ବୀର ଜେନା ଓ ସଉରିଆ ଜେନାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ରଣପୁର ବ୍ଲକ ନରସିଂହପୁର ଗ୍ରାମପଞ୍ଚାୟତ ନାଟିମୀ ଗ୍ରାମର ସତ୍ୟ , ବୀର ଓ ସଉରିଆ ଶନିବାର ସକାଳୁ ସାଇକେଲରେ କମାଗୁରୁ ଗ୍ରାମକୁ କୂଅ ଖୋଳିବାକୁ ଯାଉଥିଲେ। ଏହି ସମୟରେ ମୟୂରଝଲିଆ ଗାଁ ନିକଟ କାଜୁ ଜଙ୍ଗଲରୁ ହଠାତ୍ ଏକ ଦନ୍ତା କାଜୁ ଜଙ୍ଗଲରୁ ବାହାରି ଆସିଥିଲା। ଦନ୍ତାକୁ ଦେଖି ବୀର ଓ ସଉରିଆ ସାଇକେଲ ଛାଡି ଦୌଡ଼ି ପଳାଇଥିଲେ। ହେଲେ ଭୟଭୀତ ହୋଇ ଦୁହେଁ ଏକାଧିକ ଗଛରେ ପିଟି ହୋଇ ଆହତ ହୋଇଥିଲେ। ତେବେ ସତ୍ୟ ଦୌଡ଼ି ନ ପାରିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି ତଳେ ପକାଇ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ସତ୍ୟଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ସେଠାରେ ପଡ଼ି ରହିଛି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ନ ଥିବା ଗ୍ରାମବାସୀ କହିଛନ୍ତି। ରଣପୁର ଅତିରିକ୍ତ ତହସିଲଦାର ଅବିନାଶ ମାହାର ଓ ଆର୍‌ଆଇ ଅନିଲ କୁମାର ବେହେରା ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ପରିବାର ସଦସ୍ୟଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଗତ ୧ମାସ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଉପରୋକ୍ତ ଘଟଣାକୁ ମିଶାଇ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏକାଧିକ ଆହତ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

## ଘରେ ପଶି ନାବାଳିକାଙ୍କୁ ଦଳିଦେଲା ହାତୀ

**ସୋର, ୨୭।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଚିତ୍ରାଶୁଳ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ କୁଲଡିହା ଜଙ୍ଗଲରୁ ଗାଁକୁ ପଶିଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ହାତୀ ନିଶିକାନ୍ତ ଦେହୁରୀଙ୍କ ଘରେ ପଶି ଶୋଇଥିବା ନାବାଳିକାଙ୍କୁ ଦଳିଦେଇଥିଲା। ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡାଇବା ସହ ନାବାଳିକାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରାତିରେ ୫ରୁ ୬ଟି ହାତୀ ଗାଁରେ ପଶି ନିଶିକାନ୍ତଙ୍କ ବାଡ଼ି ଭିତରେ ପଶି ନଡ଼ିଆ ଗଛ ଖାଇଥିଲେ। ହାତୀ ଶବ୍ଦ ଶୁଣି ପରିବାର ଲୋକେ ଉଠି ଘଉଡ଼ାଇବା ଲାଗି ଯାଇଥିଲେ। ସେଥିରୁ ଗୋଟିଏ ହାତୀ ଘର ଭିତରେ ପଶି ନିଶିକାନ୍ତଙ୍କର ୯ ବର୍ଷର ଝିଅ ପରୀ ଉପରେ ଚଢିଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଚିଲିକା ସ୍ଥିତି ଦେଖିଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ବ୍ରହ୍ମଗିରି,୨୭।୫(ଡି.ଏନ୍.ଏ.)**

ମହାନଦୀ ଉପରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ଦିଗରେ କିଛିଦିନ ହେବ ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ଚିଲିକାର ବିଭିନ୍ନ ସ୍ଥାନକୁ ଗସ୍ତ କରି ଏହାର ସ୍ଥିତି ପରଖିଛନ୍ତି। ଏହି ଅନୁଧ୍ୟାନ ଟିମରେ ମହାନଦୀ ଜଳ ବିବାଦ ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍.ଖାନୱିଲକର, ସଞ୍ଜୟ ଖାନୱିଲକର, ଜଷ୍ଟିସ୍ ରବି ରଞ୍ଜନଙ୍କ ସମେତ ଛତିଶଗଡ଼ରୁ ଆସିଥିବା ୨୪ଜଣ ସଦସ୍ୟ ଏଥିରେ ଯୋଗଦେଇଥିଲେ। ଏହି ଟିମ୍ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସାତପଡ଼ାରେ ପହଞ୍ଚି ଥିଲେ। ସାତପଡ଼ାଠାରୁ ରାଜରାସ୍ତାରେ ବାହାରି ମିର୍ଜାପୁର ଜେଟିଠାରେ ପହଞ୍ଚି ଜିଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ ଥିବା ବୋଟ ମାଧ୍ୟମରେ ଚିଲିକା ଓ ଅରଖକୁଦା ମୁହାଣ ବୁଲି ଦେଖିଛନ୍ତି। ଚିଲିକାରେ ପ୍ରାୟ ୩ ଘଣ୍ଟା ଜଳଯାତ୍ରା କରି ପୁନର୍ବାର ସାତପଡ଼ା ଫେରିଥିଲେ। ମହାନଦୀର ୫୨ ଶାଖା ନଦୀ କେନାଲ ଚିଲିକାରେ ମିଶିଛି। ଚିଲିକାରେ ବିଭିନ୍ନ ସ୍ଥାନରେ ଜଳର ସ୍ଥିତି କିପରି ରହିଛି, ବର୍ଷା ଋତୁରେ ଚିଲିକାରେ ଜଳର ପରିମାଣ କେତେ ଥାଏ ଓ ଏବେ ଜଳର ପରିମାଣ କେତେ ରହିଛି, ମହାନଦୀର ଜଳ କେଉଁ କେଉଁ ଅଞ୍ଚଳରେ କେତେ ପରିମାଣରେ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଛି । ଏହି ଜଳ ବିବାଦ ଯୋଗୁ ଏସିଆ ମହାଦେଶର ସର୍ବବୃହତ୍ତ କ୍ଷାରୀୟ ହ୍ରଦ ଚିଲିକା କେତେ ପ୍ରଭାବିତ ହେଉଛି ତାହା ଅନୁଧ୍ୟାନ କରି ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ଙ୍କ ସହ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଜିଲା ନ୍ୟାୟାଧିକରଣର କର୍ମକର୍ତ୍ତା, ଜିଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟମାନେ ବୋଟ୍‌ରେ ଚିଲିକା ବୁଲୁଛନ୍ତି।

## ବଜ୍ରପାତରେ ୨ ମୃତ

**ଆସିକା/ସୋରଡ଼ା, ୨୭।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ସହ ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଆସିକା ବ୍ଲକ କୋଟିନଡା ଥାନା ଅନ୍ତର୍ଗତ କେ.ନୂଆପଲ୍ଲୀ ଗ୍ରାମର ଆଲୋକ ବେହେରା (୩୦) ଓ ସୋରଡ଼ା ବ୍ଲକ ସରାବାଡି ଗ୍ରାମର ପୀତବାସ ଗଉଡ଼(୩୨)। ଗୁରୁତର ହେଲେ ସୋରଡ଼ା ପାଲକାଟ ପଞ୍ଚାୟତ ଖପରାଗଣ୍ଡା ଗ୍ରାମର ନାରାୟଣ ପ୍ରଧାନ (୪୦)। ପ୍ରକାଶ ଯେ, ଆଲୋକ କୌଣସି କାର୍ଯ୍ୟରେ ନିକଟସ୍ଥ ମାଗୁରା ଗ୍ରାମକୁ ଯାଇ ଫେରୁଥିଲା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋଟିନଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଥିଲା ବେଳେ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିବା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରକାଶ କରିଛନ୍ତି। ପୀତବାସ ବଡ଼ଗଡ଼ ରାସ୍ତା ସୁରେଖାଦେଇପୁର ଗ୍ରାମ ଛକରେ ମୋବାଇଲ ଦୋକାନ କରିଛନ୍ତି। ପ୍ରତିଦିନ ପରି ଶନିବାର ଦୋକାନ ବନ୍ଦ କରି ଅପରାହ୍ନରେ ଖାଇବାକୁ ଘରକୁ ଯାଉଥିଲେ। ରାସ୍ତାରେ ହଠାତ୍ ବଜ୍ରପାତ ହେବାରୁ ସେ ଟଳିପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ସୋରଡ଼ା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନାରାୟଣ ଆମ୍ବ ତୋଳିବାକୁ ଗଛରେ ଚଢ଼ିଥିଲେ। ବର୍ଷା ପବନ ହେବାରୁ ସେ ଗଛରୁ ଓହ୍ଲାଉଥିବା ବେଳେ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ନାରାୟଣଙ୍କୁ ଗ୍ରାମବାସୀ ସୋରଡ଼ା ମେଡିକାଲ ଆଣିଥିଲେ ମଧ ସେଠାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀଙ୍କୁ ୭ବର୍ଷ ଜେଲ

**ଚମ୍ପୁଆ,୨୭।୫(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଏକ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ରାୟ୍ ଶୁଣାଇଛନ୍ତି। ଜଜ୍ ସରୋଜ କୁମାର ଦାସ ଅଭିଯୁକ୍ତ ସ୍ୱାମୀକୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟେ ୬ ମାସ ଅଧିକ ଦଣ୍ଡ ଭୋଗିବାକୁ ରାୟ୍ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଚମ୍ପୁଆ ଥାନା ଅଧୀନ ବ୍ରହ୍ମପୁର କରଞ୍ଜିଆ ଗ୍ରାମର ଶାନ୍ତନୁ ଗିରି ଚମ୍ପୁଆ ବ୍ଲକ୍ ଅଧୀନ ଚନ୍ଦ୍ରଶେଖରପୁର ଗ୍ରାମର କ୍ଷେତ୍ରବାସୀ ପ୍ରଧାନଙ୍କ ଝିଅ ତିଲୋତ୍ତମାଙ୍କୁ ବିବାହ କରିଥିଲେ। ବିବାହର ୫ ବର୍ଷ ପରେ ବି ଯୌତୁକ ଦାବିକରି ନିର୍ଯାତନା ଦେଇ ଆସୁଥିଲେ। ଯୌତୁକ ଦାବି କରି ତିଲୋତ୍ତମାକୁ ବିଷଦେଇ ସ୍ୱାମୀ ହତ୍ୟା କରିବା ବାପଘର ଲୋକେ ୨୧ ଜାନୁୟାରୀ ୨୦୧୭ରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି (ନଂ. ୧୦/୨୦୧୭) ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ୧୪ ଜଣ ସାକ୍ଷୀଙ୍କ ବୟାନ, ମେଡିକାଲ ରିପୋର୍ଟ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ମଧୁସୂଦନ ପତି ଓ ତପନ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ମାଓବାଦୀ ପୁନେମ ହୁରାଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭।୫(ଡି.ଏନ୍.ଏ.)**



ଆତ୍ମସମର୍ପଣ କରିଥିବା ପୁନେମ ହୁରା।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଶନିବାର ଜଣେ ମିଲିସିଆ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ପୁନେମ ହୁରା। ସରକାରଙ୍କ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ଚିନ୍ତାଗୁଫା ଥାନା ଅଞ୍ଚଳ ମାଓବାଦୀ ସଙ୍ଗଠନ ସକ୍ରିୟ ମିଲିସିଆ ସଦସ୍ୟ ପୁନେମ ପୋଲିସ ସବ୍‌ଡିଭିଜନାଲ ଅଧିକାରୀ ପରମେଶ୍ୱର ତିଲକୱାରଙ୍କ ନିକଟରେ ଆତ୍ମ ସମର୍ପଣକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସିଆର୍‌ପିଏଫ୍ ୧୩୧ ବାହିନୀର ପ୍ରୟାସ ଫଳରେ ମାଓବାଦୀ ସଂଗଠନର ସକ୍ରିୟ ମିଲିସିଆ ସଦସ୍ୟ ଆତ୍ମସମର୍ପଣ କରିଥିବା ସୁକ୍‌ମା ପୋଲିସ କହିଛି। ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ପୁନେମଙ୍କୁ ସମସ୍ତ ସରକାରୀ ସୁବିଧା ଦିଆଯିବ ବୋଲି ସୁକ୍‌ମା ପୋଲିସ ପ୍ରତିଶ୍ରୁତି ଦେଇଛି।

# ୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଆସିକା, ୨୭।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମରେ ଗତ ୨୦୧୩ରେ ଘଟିଥିବା ଭଗବାନ ସାମଲ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶନିବାର ପ୍ରକାଶ ପାଇଛି। ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଭଗବାନ ଖଟେଇ, କାଳିଆ ପ୍ରଧାନ ଓ ହେମନ୍ତ ସ୍ୱାଇଁ। ଅନ୍ୟ ଅଭିଯୁକ୍ତ ପ୍ରତାପ ଖଟେଇଙ୍କ ମାମଲାର ବିଚାର ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ୨୦୧୩ ଡିସେମ୍ବର ୧୧ ସନ୍ଧ୍ୟାରେ ଜାହାଡ଼ା ଗ୍ରାମର ଭଗବାନ ସାମଲ ନିଜ ବାରଣ୍ଡାରେ ବସିଥିଲା ବେଳେ ଅଭିଯୁକ୍ତମାନେ ଖଣ୍ଡା, କାତି ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତ ଭଗବାନଙ୍କ ସ୍ତ୍ରୀ ପ୍ରବାସିନୀ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ଧରାକୋଟ ପୋଲିସ ନଂ.୧୨୭/୧୩ରେ ମାମଲା ରୁଜୁ କରିବା ସହିତ ତଦନ୍ତ କରି ୪ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରି ଅଦାଲତରେ ଦାଖଲ କରିଥିଲା। ଏହି ମାମଲାରେ ସମୁଦାୟ ୧୧ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

## ୨ ଯବାନ ଆହତ, ଆହତ ମହିଳା ମାଓବାଦୀ ଗିରଫ

**ମାଲକାନଗିରି,୨୭।୫(ଡି.ଏନ୍.ଏ.)**



ଆହତ ମାଓବାଦୀ ଫାଗୁଣୀ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲା ମାଓବାଦୀ ପ୍ରଭାବିତ ବାରଗାଁଓ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଶନିବାର ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ଜଣ ବିଏସ୍ଏଫ୍ ଯବାନ ଆହତ ହୋଇଥିବା ବେଳେ ଜଣେ ମହିଳା ମାଓବାଦୀ ଆହତ ଅବସ୍ଥାରେ ଗିରଫ ହୋଇଛନ୍ତି। ଆହତ ମହିଳା ମାଓବାଦୀ ଜଣଙ୍କ ଏଲ୍‌ଓଏସ୍ କମାଣ୍ଡର ଫାଗୁଣୀ ବୋଲି ଜଣାପଡ଼ିଛି। ତାଙ୍କୁ ଯବାନମାନେ ଚିକିତ୍ସା ପାଇଁ ଜିଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଆହତ ୨ ଯବାନଙ୍କୁ ରାୟପୁରକୁ ଚିକିତ୍ସା ପାଇଁ ପଠାଯାଇଛି।

ସୂଚନା ଅନୁଯାୟୀ, ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଥିବା ବେଳେ ବିଏସ୍ଏଫ୍ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପ୍ରାୟ ୨ ଘଣ୍ଟା ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ପରେ ମାଓବାଦୀମାନେ ଘଟଣାସ୍ଥଳ ଛାଡ଼ି ପଳାଇଯାଇଥିଲେ। ଏହି ଗୁଳି ବିନିମୟରେ ୨ ଜଣ ଯବାନ ଆହତ ହୋଇଥିବା ବେଳେ ବିଏସ୍ଏଫ୍ ଟିମ୍ ଘଟଣାସ୍ଥଳରେ ତଲାସି କରିଥିଲେ।

# ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକଙ୍କ ଉନ୍ମତ୍ତକାଣ୍ଡ

## ପ୍ରେମିକାଙ୍କ ପରିବାର ଲୋକଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଉଦ୍ୟମ

**ଖପ୍ରାଖୋଲ/ଲାଠୋର, ୨୭।୫(ଡି.ଏନ୍.ଏ.)**

- ନିଆଁରେ ପୋଡ଼ି ଯୁବତୀ, ତାଙ୍କ ମା', ଭାଇ ଗୁରୁତର
- ନିଆଁ ଲଗାଇଥିବା ଯୁବକ ବି ଗୁରୁତର

ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିର ପଡାରେ ଶନିବାର ସକାଳେ ଘଟିଛି ଏକ ଅଭାବନୀୟ ଘଟଣା। ବିବାହ ପାଇଁ ରାଜି ନ ହେବାରୁ ଜଣେ ଯୁବକ ତାଙ୍କ ପ୍ରେମିକାଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ପ୍ରେମିକା(୨୫), ତାଙ୍କ ମା'(୪୭) ଓ ଭାଇ(୨୦) ଗୁରୁତର ହୋଇଛନ୍ତି। ଅପରପକ୍ଷରେ ଅଗ୍ନିକାଣ୍ଡରେ ସମ୍ପୃକ୍ତ ପ୍ରେମିକ ଢେଙ୍କାନାଳ ଅଞ୍ଚଳର ସ୍ୱସ୍ତିକ ଦାସ (୩୫)ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଖପ୍ରାଖୋଲ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଗୁରୁତର ଯୁବତୀ, ତାଙ୍କ ମା' ଓ ଭାଇଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ବର୍ନ୍‌ୟୁନିଟ୍‌ରେ ଭର୍ତ୍ତିକରାଯାଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୬୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, କିଛିବର୍ଷ ତଳେ ବଲାଙ୍ଗୀର ସହରର ସମ୍ପୃକ୍ତ ଯୁବତୀ ଜଣକଙ୍କ ସହ ସ୍ୱସ୍ତିକ୍ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ଯୁବତୀ ଲାଠୋର ଥାନା ଅଧୀନ ମାଲପଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଚାକିରି ପାଇଥିଲେ। ଏହାପରଠାରୁ ସେ ଲାଠୋରରେ ଏକ ଭଡ଼ାଘରେ ରହୁଥିଲେ। ବିଭିନ୍ନ ସମୟରେ ସ୍ୱସ୍ତିକ୍ ଲାଠୋର ଆସୁଥିଲେ। ହେଲେ ଅଧିକାଂଶ ସମୟ ମଦ ପିଇବା ଓ ଟଙ୍କା ମାଗିବାକୁ ଯୁବତୀ ଜଣକ ବିରୋଧ କରୁଥିଲେ। ଏଥିପାଇଁ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେଉଥିଲା। ଶନିବାର ସ୍ୱସ୍ତିକ୍ ମାଲପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଆସି ସମ୍ପୃକ୍ତ ଯୁବତୀଙ୍କଠାରୁ ୪୦ ହଜାର ଟଙ୍କା ନେଇଥିଲେ। ପରେ ମଧ୍ୟାହ୍ନରେ ପ୍ରେମିକାଙ୍କ ଲାଠୋରସ୍ଥିତ ଭଡ଼ାଘରକୁ ଆସିଥିଲେ। ଏହି ସମୟରେ ମଧ୍ୟାହ୍ନଭୋଜନ ପାଇଁ ଯୁବତୀ ଜଣଙ୍କ ଘରକୁ ଆସିଥିଲେ। କବାଟ ବନ୍ଦ ଥିବା ଦେଖି ଫାଙ୍କରେ ଘର ଭିତରକୁ ପେଟ୍ରୋଲ ଢାଳି ଦେଇଥିଲେ। ପେଟ୍ରୋଲ ଗନ୍ଧ ଶୁଣି ପରିବାର ଲୋକେ କବାଟ ଖୋଲିବା କ୍ଷଣି ସ୍ୱସ୍ତିକ ଦିଆସିଲ ମାରି ଭିତରକୁ ପକାଇ ଦେଇଥିଲେ। ଚାହୁଁ ଚାହୁଁ ନିଆଁ ବ୍ୟାପିଯିବାରେ ଯୁବତୀଙ୍କ ସହ ତାଙ୍କ ମା' ଓ ଭାଇ ନିଆଁରେ ପୋଡ଼ି ହୋଇଯାଇଥିଲେ। ନିଆଁଦାଉରେ ସ୍ୱସ୍ତିକ ମଧ ଗୁରୁତର ହୋଇଥିଲେ। ଖବର ପାଇ ଲାଠୋର ପୋଲିସ ସମସ୍ତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ପଠାଇଥିଲା। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଝସକେତନ ଭୋଇ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ମେ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ରାଜୀବ ଗାନ୍ଧୀ ରୁରାଲ ଅଲିମ୍ପିକ୍ ଗେମ୍ସ ........... ରାଜ୍ୟରେ ଆରମ୍ଭ ହୋଇଯାଇଛି ?
୨– ନାଗାଲାଣ୍ଡ ରାଜ୍ୟରେ........ ବର୍ଷ ପରେ ଦ୍ୱିତୀୟ ରେଲୱେ ଷ୍ଟେଶନ୍ ନିର୍ମାଣ କରାଗଲା ?
୩– .............. ଗ୍ୟାସ୍ ଥିବାରୁ ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବା ମାତ୍ରେ ବାସ୍ନାରୁ ଆମେ ସହଜରେ ଜାଣିପାରୁ ?
୪– ଶେଷ ମୋଗଲ ଶାସକଙ୍କ ନାମ ................. ?
୫– 'ଅଟଳଜୀ ନେ କାହା' ପୁସ୍ତକର ଲେଖକ ............... ?

## ଗତ ଥରର ଉତ୍ତର

୧ ଚାଇନା
୨ ଉତ୍ତରପ୍ରଦେଶ
୩ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା
୪ ଟେସ୍‌ଲା
୫ ମୌନା ଲୋଆ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶିବ ପ୍ରସାଦ ସାହୁ
ନୟାଗଡ଼


ସତ୍ୟଭାମା ବେହେରା
ଭୁବନେଶ୍ୱର


ସୌମ୍ୟ ରଞ୍ଜନ ମିଶ୍ର
ଝାରସୁଗୁଡ଼ା

## ଟପ୍ ୧୦

### ପୃଥିବୀର ଥିବା ସବୁଠୁ ଭୟଙ୍କର ଜୀବ

(୧) ........................................ମଣିଷ
(୨) ........................................ମଶା
(୩) ........................................ସେସେ ଫ୍ଲାଏ (ସେସେ ମାଛି)
(୪) ........................................ସଲ୍ଟୱାଟର୍ କ୍ରୋକୋଡାଇଲ୍
(୫) ........................................ଷ୍ଟୋନ୍ ଫିଶ୍
(୬) ........................................ସିଡ୍‌ନୀ ଫନେଲ୍ ୱେବ୍ ସ୍ପାଇଡର୍
(୭) ........................................ବ୍ଲାକ୍ ମାମ୍ବା
(୮) ........................................ପଫର୍‌ଫିସ୍
(୯) ........................................ଇଣ୍ଡିଆନ୍ ସ–ସ୍କେଲ୍‌ଡ ଭାଇପର୍
(୧୦) ........................................ବକ୍ସ ଜେଲିଫିସ୍

# ଷ୍ଟାଇଲିଶ୍ ଲାଗିବ ଫୋନ୍...

**ବର୍ତ୍ତମାନ କେବଳ ନିଜ ଫୋନକୁ ସୁରକ୍ଷିତ ରଖିବା ଲାଗି ନୁହେଁ ବରଂ ଏହାକୁ ଆଇକ୍ୟାଚି ତଥା ଷ୍ଟାଇଲିଶ୍ ଲୁକ୍ ଦେବା ପାଇଁ ଯୁବପିଢ଼ି ବ୍ୟବହାର କରୁଛନ୍ତି ବିଭିନ୍ନ ପ୍ରକାରର କଭର...**

**ଫଟୋ ପ୍ରିଣ୍ଟ କଭର:** ଫଟୋ ପ୍ରିଣ୍ଟ କଭରର ଡିମାଣ୍ଡ ବର୍ତ୍ତମାନ ସବୁଠୁ ଅଧିକ। ଏଥିରେ ଆପଣ ସେଲ୍ଫ ଫଟୋ କିମ୍ବା ଫ୍ୟାମିଲି ଅବା ନିଜ ପ୍ରିୟଜନଙ୍କ ଫଟୋ ପ୍ରିଣ୍ଟ କରି ନିଜ ଫୋନ୍‌କୁ ୟୁନିକ୍ ଲୁକ୍ ଦେଇପାରିବେ।

**ଫ୍ଲିପ୍ ଓପନ୍ ଫଲିଓ ବା ୱାଲେଟ୍ କେସ୍:** ଏହି କଭର ମୋବାଇଲ୍‌ର ବ୍ୟାକ୍ ଏବଂ ଫ୍ରଣ୍ଟ ଉଭୟକୁ ପ୍ରୋଟେକ୍ସନ ଦେଇଥାଏ। ମାର୍କେଟ୍‌ରେ ଏହାର ବିଭିନ୍ନ କଲରର ପ୍ଲାଷ୍ଟିକ୍, ରବର, ଲେଦର ଡିଜାଇନ୍ ଉପଲବ୍ଧ, ଯାହାକି ଷ୍ଟାଇଲିଶ୍ ଲୁକ୍ ଦେବା ସହ ପକେଟ୍ ଫ୍ରେଣ୍ଡ୍‌ଲି ମଧ୍ୟ।

**ଫଙ୍କି କଭର:** ବର୍ତ୍ତମାନ ମାର୍କେଟ୍‌ରେ ପ୍ରାୟ ସବୁ କମ୍ପାନି ଓ ମଡେଲ୍‌ର ଫୋନ୍ ପାଇଁ ଭଳିକି ଭଳି କାର୍ଟୁନ୍, ଆନିମଲ୍, ଭଗବାନ୍, ଫ୍ଲାୱାର୍, ଘୋଷ୍ଟ ପ୍ରିଣ୍ଟ ଥିବା କଭର ମିଳୁଛି ଏବଂ ମଧ୍ୟ ଆପଣଙ୍କ ଫୋନ୍‌କୁ ଡିଫରେଣ୍ଟ ଲୁକ୍ ଦେବାରେ ସାହାଯ୍ୟ କରିବ। ତା'ଛଡା ସ୍ପେଶାଲ୍ ଝିଅମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ପ୍ରକାରର ଷ୍ଟୋନ୍, ବିଡ୍ସ ୱାର୍କ ଥିବା ଷ୍ଟାଇଲିଶ୍ କଭର ମଧ୍ୟ ଏବେ ଖୁବ୍ ଡିମାଣ୍ଡରେ ଅଛି।

**ସ୍ଲିମ୍ କଭର:** ଯଦି ଆପଣଙ୍କୁ ଅଧିକ ଡିଜାଇନର କିମ୍ବା ମୋଟା କଭର ପକାଇବା ଲାଗି ଭଲ ଲାଗୁନାହିଁ, ତେବେ ଆପଣ ସ୍ଲିମ୍ କେସ୍ ବ୍ୟବହାର କରନ୍ତୁ। ଏହାର ଭଳିକି ଭଳି କଲର ଏବଂ ପ୍ରିଣ୍ଟ ମାର୍କେଟ୍‌ରେ ଉପଲବ୍ଧ। ଏହାର ଦାମ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥିବାରୁ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚ୍ କରି କଭର ବଦଳାଇପାରିବେ। ତା'ଛଡା ଏହା ସାମାନ୍ୟ ନରମ କଭର ହୋଇଥିବାରୁ ମୋବାଇଲରେ ଫିଟ୍ ହେବା ସହଜ ହୁଏ ଏବଂ ମୋବାଇଲ୍‌କୁ ସ୍କ୍ରାଚ୍‌ପ୍ରୁଫ୍ ମଧ୍ୟ ରଖେ।

**ରଗ୍‌ଡ କେସ୍ :** ଯଦି ଆପଣଙ୍କୁ ଦୈନନ୍ଦିନ ବାରମ୍ବାର ଏପଟ ସେପଟ ହେବାକୁ ପଡୁଛି କିମ୍ବା ସ୍ପୋର୍ଟ୍ସ, ଟ୍ରାଭେଲ ଆଦି ପସନ୍ଦ; ତେବେ ରଗ୍‌ଡ କେସ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ଦେଖିବାକୁ ଦମ୍‌ଦାର ଏବଂ ଏହାର କଡ଼ ମୋଟା ଓ ଚାରିପାଖରୁ ମଜଭୁତ କରି ଧରି ରଖୁଥିବାରୁ ମୋବାଇଲ୍ ପଡ଼ିଲେ ସହଜରେ ଭାଙ୍ଗି ନ ଥାଏ।

**ଟଫ୍ କେସ୍:** ଏହାର ଉପର ଲେୟାର ପଲିକାର୍ବୋନେଟ୍‌ରେ ପ୍ରସ୍ତୁତ, ଯାହାକି ଶକ୍ତ ଏବଂ ଭିତର ଲେୟାର ସିଲିକନ୍‌ରେ ପ୍ରସ୍ତୁତ; ଯାହାକି ନରମ ହୋଇଥିବାରୁ ଫୋନ୍‌କୁ ସୁରକ୍ଷା ଦେଇଥାଏ। ଇନ୍‌କିପିଓ, ଅରବାନ୍ ଆର୍ମର ଗିଅର, ସ୍ପେକ୍, ବଡି ଗ୍ଲୋଭ୍ ଆଦି ଟଫ୍ କେସ୍ ମଧ୍ୟରୁ କୌଣସି କଭର ପକାଇ ଫୋନ୍‌କୁ ସୁରକ୍ଷିତ ରଖିବା ସହ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।









# ସୁସ୍ଥ ରଖେ ସ୍ୱଚ୍ଛତା...

**ନାରୀ ଜୀବନର ଏକ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା ହେଉଛି ପିରିୟଡ୍‌ସ। ହେଲେ ଏହାକୁ ନେଇ ଏବେବି ସମାଜରେ ଅନେକ କୁସଂସ୍କାର ଭରି ରହିଛି। ଫଳରେ ଲଜ୍ଜାବଶତଃ ହେଉ ଅବା ସ୍ୱଚ୍ଛତା ଅଭାବରୁ ଅନେକ ଝିଅ ଏଥିପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ତେଣୁ ମନରୁ ସଂକୋଚ ଛାଡ଼ି ଏ ସମୟରେ କିପରି ପରିଚ୍ଛନ୍ନତା ରକ୍ଷାକରିବେ ସେ ନେଇ ସଭିଙ୍କୁ ସଚେତନ କରିବାର ସମୟ ଆସିଛି...**

ଉପସ୍ଥାପନା: ପୌର୍ଣ୍ଣମାସୀ

## ଆଜି ମେନ୍‌ଷ୍ଟ୍ରୁଆଲ୍ ହାଇଜିନ ଡେ'...

ମାସିକ ରତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନ ରହି କିପରି ସ୍ୱଚ୍ଛତା ରକ୍ଷା କରିବାକୁ ପଡ଼ିବ ଏବଂ ଗାଁ ଗହଳର ଅଳ୍ପ ବୟସର ଝିଅମାନଙ୍କୁ ମାସିକ ରତୁସ୍ରାବ ବିଷୟରେ ସଚେତନତା ସୃଷ୍ଟି କରିହେବ, ଏଥିପାଇଁ ସାରା ବିଶ୍ୱରେ ମେ' ମାସର ୨୮ ତାରିଖକୁ 'ମେନ୍‌ଷ୍ଟ୍ରୁଆଲ୍ ହାଇଜିନ ଡେ' ଭାବେ ପାଳନ କରାଯାଉଛି। ମାସିକ ରତୁସ୍ରାବ ଯେ' ଗୋଟିଏ ସାଧାରଣ ବାୟୋଲୋଜିକାଲ ପ୍ରୋସେସ୍ ଏଥିରେ ଦୁଃଖ, ଲଜ୍ଜା ବା' ଅଛୁଆଁ ଆଦି କୌଣସି କୁସଂସ୍କାରର ସ୍ଥାନ ନାହିଁ ଏକଥା ସବୁ ଝିଅମାନେ ଜାଣିବା ଉଚିତ୍। ମେନ୍‌ଷ୍ଟ୍ରୁଆଲ ହାଇଜିନ୍ ଡେ'ର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସମସ୍ତେ ମାସିକ ରତୁସ୍ରାବକୁ ନାରୀ ଜୀବନର ଏକ ସାଧାରଣ ପ୍ରକ୍ରିୟା ହିସାବରେ ଗ୍ରହଣ କରିବେ, ସବୁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂରେଇ ଦେବେ ଏବଂ ନିଜେ ନିଜର ସ୍ୱଚ୍ଛତା ପାଇଁ ଦୃଷ୍ଟି ରଖି ସାନିଟାରି ପ୍ୟାଡ୍ ପରିଧାନ କରିବେ।

## ରତୁସ୍ରାବ ସମୟରେ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ


ଡା. ସରୋଜିନୀ ଷଡ଼ଙ୍ଗୀ

କିଶୋରୀମାନଙ୍କ ପାଇଁ ମାସିକ ରତୁସ୍ରାବ ଏକ ପ୍ରାକୃତିକ ଓ ସ୍ୱାଭାବିକ ପ୍ରକ୍ରିୟା– ଯାହା ମାସକୁ ମାସ ହୋଇଥାଏ। ଏହା ସ୍ତ୍ରୀ ହର୍‌ମୋନ୍ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍‌ର ସମ୍ପୂର୍ଣ୍ଣ ସନ୍ତୁଳନରେ ହୋଇଥାଏ। ଇଷ୍ଟ୍ରୋଜେନ୍‌ର ପରିମାଣ କମିଗଲେ ଜରାୟୁର ଶୈଷ୍ମିକ ଝିଲ୍ଲୀରୁ ରକ୍ତ କ୍ଷରଣ ହୋଇଥାଏ। ଏହା ସେମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ।

ଭାରତରେ ୫୦ ପ୍ରତିଶତ ଅଳ୍ପ ବୟସର ବାଳିକା, ମାସିକ ରତୁସ୍ରାବ (ମେନାର୍କି) ଆରମ୍ଭ ହେବା ଆଗରୁ ଏହା କ'ଣ ଏବଂ ଏହା କାହିଁକି ହୁଏ ଜାଣି ନ ଥା'ନ୍ତି। ହେଲେ କିଶୋରୀ ବା ଆଦ୍ୟ ଯୌବନପ୍ରାପ୍ତ ବାଳିକାମାନେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷାର ନିୟମ ନ ମାନିଲେ ବିଭିନ୍ନ ପ୍ରକାର ପ୍ରଜନନଜନିତ ସଂକ୍ରମଣର ଶିକାର ହୋଇଥା'ନ୍ତି। ବେଳେବେଳେ ଏହା ଏତେ ଗୁରୁତର ହୋଇଥାଏ ଯେ, ସେମାନଙ୍କୁ ଗର୍ଭାଶୟ ହରାଇବାକୁ ପଡ଼ିଥାଏ। ଏହାଛଡ଼ା ଭାରତରେ ପ୍ରାୟ ଝିଅମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ହିସାବରେ ବହୁ ଅବହେଳାର ଶିକାର ହୋଇଥା'ନ୍ତି। ଏବେବି ଆମ ଦେଶରେ ମାସିକ ରତୁସ୍ରାବକୁ ନେଇ ଅନେକଗୁଡ଼ିଏ କୁସଂସ୍କାର ବା ବିଧିନିଷେଧ କାର୍ଯ୍ୟ ରହିଛି, ଯଥା ଏହି ସମୟକୁ 'ଅପରିଷ୍କାର' ସମୟ କହି ଝିଅମାନଙ୍କୁ ଏକ ଅଲଗା, ଅନ୍ଧାରୁଆ କୋଠରିରେ ଏକା ରହିବାକୁ ଦିଆଯାଇଥାଏ। ସେମାନେ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଗୋଟିଏ ମସିଣା ଉପରେ ବସନ୍ତି। ସେମାନଙ୍କୁ ମନ୍ଦିର ଓ ପବିତ୍ର ସ୍ଥାନ ଭ୍ରମଣ ତ ଦୂରର କଥା ଖେଳାଖେଳି କରିବା ତଥା ସ୍କୁଲ ଯିବା ପାଇଁ ବାରଣ କରାଯାଇଥାଏ। ଏମିତିକି ସାଧାରଣ ଖାଇବା ଜିନିଷ ମଧ୍ୟ ବାରଣ ହୋଇଯାଏ । ହେଲେ ଧୀରେ ଧୀରେ ଏ ଭ୍ରାନ୍ତ ଧାରଣାକୁ ଦୂରେଇ ମାସିକ ରତୁସ୍ରାବ ସମୟରେ କେମିତି ନିଜକୁ ସଂକ୍ରମଣରୁ ରକ୍ଷା କରି ଝିଅଟିଏ ସୁସ୍ଥ ରହିବ ଏବଂ ମେନ୍‌ଷ୍ଟ୍ରୁଆଲ୍ ହାଇଜିନ୍ ରକ୍ଷା କରିବ ସେଥିପାଇଁ ପରାମର୍ଶ ଦେବା ଆବଶ୍ୟକ। ଝିଅମାନେ ମାସିକ ଧର୍ମ ସମୟରେ ସ୍ୱଚ୍ଛତା ରକ୍ଷା ନ କଲେ ଗର୍ଭାଶୟ ଭିତରକୁ ଜୀବାଣୁ ସଂକ୍ରମଣ ହୋଇଥାଏ । ପୁରୁଣା କପଡ଼ା ବ୍ୟବହାର ନ କରି ଏହି ସମୟରେ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ସହ ୪ ରୁ ୬ ଘଣ୍ଟା ବ୍ୟବଧାନରେ ବଦଳାଇବା ସହ ନିଜେ ମଧ୍ୟ ଭଲ ଭାବେ ସାବୁନ ଲଗାଇ ଧୋଇ ହେବା ଦରକାର।

ଆଗକାଳରେ ସାନିଟାରି ନ୍ୟାପ୍‌କିନ୍‌ର ବ୍ୟବହାର ମହିଳାମାନେ ଜାଣି ନ ଥିଲେ। ତେଣୁ ସାଧାରଣ କପଡ଼ାକୁ ବ୍ୟବହାର କରୁଥିଲେ। ତାକୁ ଧୋଇ, ଶୁଖାଇ ପୁଣି ଥରେ ପରବର୍ତ୍ତୀ ମାସରେ ବ୍ୟବହାର କରୁଥିଲେ, ଯାହା ହାଇଜିନ୍‌ର ବିରୁଦ୍ଧ ଥିଲା। ଏଥିରେ ଅନ୍ୟ ସାଧାରଣ ସଂକ୍ରମଣ ସହ ଫଙ୍ଗସ୍ ସଂକ୍ରମଣ ମଧ୍ୟ ହେଉଥିଲା। ବେଳେବେଳେ ସେମାନଙ୍କୁ 'ଟକ୍ସିକ୍ ସକ୍ ସିଣ୍ଡ୍ରୋମ୍' ଭଳି ଅତି ଗୁରୁତର ସଂକ୍ରମଣ ହେଉଥିଲା । ଏଥିରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ସମସ୍ତେ ହାଇଜିନିକାଲି ପ୍ରସ୍ତୁତ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଆବଶ୍ୟକ। ମାସିକ ଧର୍ମ ସମୟରେ ପୋଖରୀ ବା ନଈରେ ଗାଧୋଇବା ଉଚିତ ନୁହେଁ, କାରଣ ଏଥିରେ ଗର୍ଭାଶୟରେ ସଂକ୍ରମଣ ହୋଇଥାଏ ।

ତେଣୁ ଗାଁ ଗହଳିଠାରୁ ଆରମ୍ଭ କରି ସହରାଞ୍ଚଳରେ ସମସ୍ତେ ଏହି ସମୟରେ ସତର୍କତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ଜରୁରୀ। ଝିଅମାନେ ଅଯଥା ଭୟଭୀତ ନ ହୋଇ ଏ ସମୟରେ କ'ଣ କରିବେ ଏବଂ କେମିତି ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିବେ ସେକଥା ମା' ମାଉସୀ, ବଡ଼ ଭଉଣୀ ବା ଘରର ଅନ୍ୟ ମହିଳାମାନଙ୍କଠାରୁ ଜାଣି ରଖିବା ଆବଶ୍ୟକ। ବିଦ୍ୟାଳୟରେ ମଧ୍ୟ ଫିଜିଓଲୋଜି ହାଇଜିନ୍ ଓ ଡୋମେଷ୍ଟିକ୍ ସାଇନ୍ସ କ୍ଲାସରେ ଏହା ଶିକ୍ଷା ଦେବା ଜରୁରୀ । ଏ ବିଷୟରେ ସବୁ ପ୍ଲାଟଫର୍ମରେ ଖୋଲାଖୋଲି କଥାବାର୍ତ୍ତା ହେବା ଜରୁରୀ। ଯେମିତି ଝିଅଟି ମାସିକ ରତୁସ୍ରାବ ସମୟକୁ ନେଇ ଘରେ କିମ୍ବା ବାହାରେ ନିଜକୁ ନ୍ୟୁନ ବା ହୀନ ବୋଲି ମନେକରିବ ନାହିଁ। ମାସିକ ରତୁସ୍ରାବ ତା'ର ଜନ୍ମଗତ ଅଧିକାର ଏବଂ ଏହି ସମୟରେ ସ୍ୱଚ୍ଛତା ରକ୍ଷା କରିବା ମଧ୍ୟ ତା'ର ଏକ ବଳିଷ୍ଠ ଅଧିକାର ଏକଥା ସମସ୍ତେ ଜାଣିବା ଉଚିତ୍।

*–ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କରୋଡ଼, କଟକ–୧୨*

## ଲଜ୍ଜାର ନୁହେଁ, ନାରୀ ମର୍ଯ୍ୟାଦାର ବିଷୟ



**ଅଙ୍କିତା ସାହୁ** (ପ୍ୟାଡ୍ ଓମ୍ୟାନ୍, ଢେଙ୍କାନାଳ)– ଜଣେ ସାମ୍ବାଦିକା ଭାବେ ଅନେକ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଅଧିକାଂଶ ସମୟରେ ଲେଖାଲେଖି କରେ। ସେନେଇ ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ କରେ। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ଜାଗାକୁ ଯାଇ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ। ନିଜ କାମ ଭିତରେ ଜାଣିବାକୁ ପାଇଲି, ଏବେବି ରତୁସ୍ରାବକୁ ନେଇ ବିଭିନ୍ନ ମହଲରେ ଭୟ ଏବଂ ଲଜ୍ଜା ଭରିରହିଛି। ତା'ଛଡ଼ା କେତେକଙ୍କ ଆର୍ଥିକ ପରିସ୍ଥିତି ଯୋଗୁ ସାନିଟାରି ନ୍ୟାପ୍‌କିନ କିଣିବା ସହଜ ନୁହେଁ। ଅନେକ ସ୍ଥାନରେ ମହିଳାମାନେ ସ୍ୱଚ୍ଛତା ଉପରେ ଅବଗତ ନ ଥିବାରୁ ଅନେକ ରୋଗର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ୟକ୍ତିଗତ ଭାବେ ତାଙ୍କର ଏହି ଭୟ ଏବଂ ଲଜ୍ଜାକୁ ଦୂର କରିବା ଲାଗି ପ୍ରୟାସ ଆରମ୍ଭ କଲି। ପିରିୟଡ୍ କୌଣସି ଲଜ୍ଜାର ବିଷୟ ନୁହଁ ଏହା ନାରୀ ମର୍ଯ୍ୟାଦାର ବିଷୟ, ତେଣୁ ଏ ସମୟରେ କିପରି ସ୍ୱଚ୍ଛତା ରକ୍ଷା କରିବେ, ସେ ସମ୍ପର୍କରେ ସଭିଙ୍କୁ ଅବଗତ କରାଇଲି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଓ ୧୦୦ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବା ବେଳେ ଅନ୍ୟୁନ ୧ ଲକ୍ଷ ହିତାଧିକାରୀ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏପରିକି ମାଗଣାରେ ୬୦ହଜାର ନ୍ୟାପ୍‌କିନ୍ ବଣ୍ଟନ ମଧ୍ୟ କରିସାରିଛି।


ଗ୍ରାମାଞ୍ଚଳ ମହିଳାଙ୍କୁ ସାନିଟାରି ନ୍ୟାପ୍‌କିନ୍ ବଣ୍ଟନ କରୁଛନ୍ତି ଅଙ୍କିତା

## ଏମାନେ କ'ଣ କୁହନ୍ତି



**ଭଗବାନ ଦାସ(ବ୍ରହ୍ମପୁର)**– ନାରୀଙ୍କ ପାଇଁ ରତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା। ତେଣୁ ଏ ସମୟରେ ସେମାନଙ୍କୁ ନିଚା ଦେଖେଇବା କିମ୍ବା ଲଜ୍ୟା ଦେବା ଅନୁଚିତ୍। ଏ ସମୟରେ ଅନେକଙ୍କୁ କଷ୍ଟ ଅନୁଭବ ହୋଇଥାଏ ହେଲେ ଲାଜରେ ସେମାନେ ପ୍ରକାଶ କରିପାରନ୍ତି ନାହିଁ। ଏମିତିକି କେହି କେହି ଅନ୍ୟ ସମସ୍ୟାର ବି ଶିକାର ହୁଅନ୍ତି। ତେଣୁ ଆଜିର ଶିକ୍ଷିତ ସମାଜରେ ନାରୀ ଜାତିକୁ ଆଗକୁ ନେବାକୁ ହେଲେ ଏସବୁ ଭାବନା ଦୂର କରିବା ଦରକାର। ନିଜେ ମଧ୍ୟ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସମୟରେ ଅନେକ ଝିଅଙ୍କୁ ସହଯୋଗ କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ମାନସିକତାରେ ପରିବର୍ତ୍ତନ ଆଣି ଝିଅଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଛି।



**ଉଷଶ୍ରୀ ସାହୁ**(ଛାତ୍ରୀ, ଗଞ୍ଜାମ)– ପିରିୟଡ୍‌ସ୍ ନାରୀକୁ ଯୌବନପ୍ରାପ୍ତି କରାଏ ଏବଂ ମା' ହେବାର କ୍ଷମତା ଦିଏ। ଏହା ଠିକ୍ ଭାବେ ନ ହେଲେ କିମ୍ବା ଏ ସମୟରେ ପରିଚ୍ଛନ୍ନତା ଅଭାବ ହେଲେ ବିଭିନ୍ନ ରୋଗ ବି ଦେଖାଦିଏ। ହେଲେ ଏହାକୁ ନେଇ ସମାଜରେ ଏମିତିକି କିଛି କୁସଂସ୍କାର ଏବେବି ପ୍ରଚଳିତ ଅଛି ଯେଉଁଥିପାଇଁ ଏବିଷୟରେ କହିବାକୁ ସଂକୋଚ ଲାଗେ। ଏ ସମୟରେ କଷ୍ଟ ହେଉଥିଲେ ବି ଲାଜରେ କହିହୁଏ ନାହିଁ। ବାହାରକୁ ଗଲେ କାଳେ କିଏ ଜାଣିଦେବ ସେଥିପାଇଁ ଡର ଲାଗେ। ଏସବୁ ମାନସିକତାରେ ପରିବର୍ତ୍ତନ ଆସିଲେ ମୋ ଭଳି ପ୍ରତ୍ୟେକ ନାରୀ ବିନା ସଂକୋଚରେ ରହିପାରିବେ ସେଥିରେ ସନ୍ଦେହ ନାହିଁ।

## ଜାଣନ୍ତୁ ଦୁନିଆ

# କ୍ରିକେଟ୍

**ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶଙ୍କୁ କ୍ରିକେଟ୍ ଖେଳ ପସନ୍ଦ। ନିଜେ ଖେଳିବା ବ୍ୟତୀତ କିଏ ଷ୍ଟାଡିଅମ୍‌ରେ ତ କିଏ ଟିଭି ପରଦାରେ ଏହାକୁ ଦେଖିବାର ଆନନ୍ଦ ନିଅନ୍ତି। ତେବେ ଜାଣିବା ଏହି ଖେଳ ସମ୍ପର୍କରେ କିଛି ତଥ୍ୟ...**



- ୧୬ଶ ଶତାବ୍ଦୀରେ ଇଂଲଣ୍ଡରେ ପ୍ରଥମେ ଆରମ୍ଭ ହୋଇଥିଲା ଏହି ଖେଳ । ବର୍ତ୍ତମାନ ପ୍ରାୟ ୧୦୫ଟି ଦେଶରେ ଏହା ଖେଳାଯାଉଥିବା ବେଳେ ୧୨ଟି ଦେଶକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଛି।
- ସର୍ବପ୍ରଥମ କ୍ରିକେଟ ମ୍ୟାଚ୍ ୧୮୭୬ରେ ମେଲବୋର୍ନଠାରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା।
- ସର୍ବପ୍ରଥମ ଦିନିକିଆ କ୍ରିକେଟ୍ ମ୍ୟାଚ୍ ୧୯୭୧ ମସିହା ଜାନୁୟାରୀ ୫ ତାରିଖରେ ଅନୁଷ୍ଠିତ ହୋଇଥିଲା।
- ୧୯୭୫ ମସିହାରେ ସର୍ବପ୍ରଥମ ୱାର୍ଲ୍ଡ କପ୍ ମ୍ୟାଚ୍ ଖେଳାଯାଇଥିଲା, ଯେଉଁଥିରେ ୱେଷ୍ଟଇଣ୍ଡିଜ୍ ବିଜୟୀ ହୋଇଥିଲା।
- ବର୍ତ୍ତମାନ ସୁଦ୍ଧା ଖେଳାଯାଇଥିବା ୱାର୍ଲ୍ଡ କପ୍ ମ୍ୟାଚ୍ ଭିତରୁ ସର୍ବାଧିକ ଅର୍ଥାତ୍ ୫ଟି ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଛି। ସେହିପରି ସର୍ବାଧିକ ଏସିଆ କପ୍ ଟୁର୍ନାମେଣ୍ଟ ଜିତିବାର ରେକର୍ଡ ଭାରତ ନାଁରେ ରହିଛି।
- ଭାରତ ପ୍ରଥମ ଥର ପାଇଁ ୧୯୮୩ରେ କପିଲ ଦେବଙ୍କ ଏବଂ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ୟାପ୍ଟେନଶିପ୍‌ରେ ୱାର୍ଲ୍ଡ କପ୍ ଜିତିଥିଲା। ସେହିପରି ପ୍ରଥମ ଟି–୨୦ ୱାର୍ଲ୍ଡ କପ୍ ମଧ୍ୟ ଭାରତ ଜିତିଥିଲା।
- ଭାରତର ଦିନିକିଆ କ୍ରିକେଟ୍ ମ୍ୟାଚ୍‌ର ପ୍ରଥମ କ୍ୟାପ୍‌ଟେନ୍ ଥିଲେ ଅଜିତ୍ ୱାଡେକର୍।
- ଦିନିକିଆ କ୍ରିକେଟ୍ ମ୍ୟାଚ୍ ଏବଂ ଟେଷ୍ଟ କ୍ରିକେଟ୍‌ରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ରନ୍ କରିଥିବା କ୍ରିକେଟର ହେଉଛନ୍ତି ସଚିନ ତେନ୍ଦୁଲକର। ସେହିପରି ୧୦୦ଟି ଶତକ ଏବଂ ଦିନିକିଆ ମ୍ୟାଚ୍‌ରେ ପ୍ରଥମ ଦୁଇଶତକ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି।

# ସୁପର କିଙ୍ଗ୍ସ-ଟାଇଟନ୍ସ ଟାଇଟଲ ଲଢ଼େଇ

ଅହମଦାବାଦ, ୨୭।୫(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ରବିବାର ପରସ୍ପରକୁ ଭେଟିବେ ଚେନ୍ନାଇ ସୁପର କିଙ୍ଗ୍ସ ଓ ଗୁଜରାଟ ଟାଇଟନ୍ସ। ଚେନ୍ନାଇ ନିଜର ପଞ୍ଚମ ଟାଇଟଲ ଲକ୍ଷ୍ୟରେ ରହିଥିବା ବେଳେ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିବ ଗୁଜରାଟ। ଆଇପିଏଲର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କର ଏହା ଶେଷ ଆଇପିଏଲ ବୋଲି ବିବେଚନା କରାଯାଉଥିବା ବେଳେ ଟାଇଟଲ ବିଜୟ ସହିତ ଫେୟାରୱେଲ ନେବାକୁ ସେ ପ୍ରୟାସ କରିବେ। ତେବେ ଧୋନୀଙ୍କ ଏହି ବିଦାୟକାଳୀନ ପାର୍ଟିକୁ ଖରାପ କରିପାରନ୍ତି ଶୁବମନ ଗିଲ୍। ଚଳିତ ସିଜନରେ ଗିଲ୍ ୮୫୧ ରନ୍ କରି ଅରେଞ୍ଜ କ୍ୟାପ୍ ବିଜୟୀ ହୋଇଥିବା ବେଳେ ବିଗତ ୪ ମ୍ୟାଚ୍‌ରୁ ୩ଟି ଶତକ ହାସଲ କରିଛନ୍ତି। ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଧୋନୀ ଶେଷ ଥର ପାଇଁ ହଳଦିଆ ଜର୍ସିରେ ନଜର ଆସିପାରନ୍ତି। ଏହାକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରୟାସ କରିବ ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଏକ ହାଇ ଭୋଲଟେଜ୍ ମ୍ୟାଚ୍ ଅପେକ୍ଷାରେ ରହିଛନ୍ତି ଦର୍ଶକ। ୧୯ ବର୍ଷ ତଳେ ଧୋନୀ ଭାରତ ପାଇଁ ପଦାର୍ପଣ କରୁଥିବା ବେଳେ ୪ ବର୍ଷର ଶୁବମନ୍ ଗିଲ୍ ପଞ୍ଜାବର ଫଜିଲକାରେ କ୍ରିକେଟ ଖେଳୁଥିଲେ କି ନାହିଁ ସନ୍ଦେହ। ତେବେ ଚଳିତ ବର୍ଷ ଫାଇନାଲରେ ସେ ହିଁ ଧୋନୀଙ୍କ ପାର୍ଟି ଖରାପ କରିବାର ଆଶଙ୍କା ରହିଛି। ତେବେ ସମସ୍ତ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଧୋନୀ ଗିଲ୍‌ଙ୍କୁ ରୋକିବା ପାଇଁ କ'ଣ ଯୋଜନା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଚେପକ୍‌ରେ ସ୍ଲୋ ଟ୍ରାକ୍‌ରେ ଖେଳା ଯାଇଥିବା କ୍ୱାଲିଫାୟର-୧ରେ ଦୀପକ ଚହରଙ୍କ ସ୍ଲୋ ବାଉନ୍ସରରେ ଗିଲ୍ ଆଉଟ ହୋଇଥିଲେ । ତେବେ ମୋଟେରାର ଟ୍ରାକ୍ ସମ୍ପୂର୍ଣ୍ଣ ଭାବରେ ବ୍ୟାଟିଂ ସହାୟକ। ଏଭଳି ପିଚ୍‌ରେ ଗିଲ୍‌ଙ୍କୁ ରୋକିବା ପାଇଁ ଧୋନୀ କ'ଣ ଯୋଜନା କରୁଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ।

ଉଭୟ ଦଳର ପ୍ରଦର୍ଶନ ଚଳିତ ସିଜନରେ ବେଶ୍ ସନ୍ତୁଳିତ ରହିଛି। କୌଣସି ବି ଦଳକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଇପାରିବ ନାହିଁ। ଗୁଜରାଟ ଦଳରେ ଏକାଧିକ ସୁପରଷ୍ଟାର ଖେଳାଳି ରହିଥିବା ବେଳେ ଚେନ୍ନାଇ ନିକଟରେ ଧୋନୀଙ୍କ ପରି ମାଷ୍ଟର ମାଇଣ୍ଡ ରହିଛନ୍ତି। ଅଜିଙ୍କ୍ୟ ରାହାଣେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେଙ୍କ ପରି ଖେଳାଳିଙ୍କୁ ନେଇ ଧୋନୀ ଯେଉଁ ରେଜଲ୍ଟ ଦେଖାଇଛନ୍ତି ତାହା ହିଁ ତାଙ୍କ ଶ୍ରେଷ୍ଠତ୍ୱର ପ୍ରମାଣ। ଶିବମ୍ ଦୁବେ ଏକ ଛକା ମାରୁଥିବା ମେଶିନ ପରି କାର୍ଯ୍ୟ କରୁଥିବା ବେଳେ ରବୀନ୍ଦ୍ର ଜାଡେଜା ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରୁଛନ୍ତି। ମହୀଷ ଥିକ୍ସାନା ଓ ମଥିଷା ପଥିରାନା ବୋଲିଂରେ ନିଜ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିଛନ୍ତି। ଚେନ୍ନାଇର କୌଣସି ବ୍ୟାଟର ଅଥବା ବୋଲର ଅରେଞ୍ଜ ଓ ପର୍ପଲ କ୍ୟାପ୍ ଦୌଡରେ ନାହାନ୍ତି କିନ୍ତୁ ଦଳଗତ ପ୍ରଦର୍ଶନ ଆଧାରରେ ଟାଇଟଲ ଦୌଡରେ ପହଞ୍ଚିଛି ଚେନ୍ନାଇ। ସମାନ ଭାବରେ ଗୁଜରାଟ ବ୍ୟାଟିଂ ଲାଇନ୍ ଅପ୍‌ରେ ଗିଲ୍ ସର୍ବାଧିକ ୮୫୧ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୩୨୫ ଓ ବିଜୟ ଶଙ୍କର ୩୦୧ ରନ୍ କରିଛନ୍ତି। ବ୍ୟାଟର ଆପଣଙ୍କୁ ମ୍ୟାଚ୍ ଜିତାଇ ପାରିବେ, ମାତ୍ର ଟୁର୍ନାମେଣ୍ଟ ଜିତିବା ପାଇଁ ବୋଲର ଆବଶ୍ୟକ। ଏହାକୁ ଠିକ୍ ପ୍ରମାଣିତ କରିଛି ଗୁଜରାଟ ଟାଇଟନ୍ସ। ମହମ୍ମଦ ଶାମି ୨୮ ଉଇକେଟ ସହିତ ପର୍ପଲ କ୍ୟାପ୍ ଦୌଡରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ୨୭ ଉଇକେଟ ସହିତ ରଶିଦ୍ ଖାନ୍ ଦ୍ୱିତୀୟ ଓ ୨୪ ଉଇକେଟ ସହିତ ମୋହିତ ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି। ଚେନ୍ନାଇ ପକ୍ଷରୁ ଡେଭନ୍ କନ୍‌ୱେ ୬୨୫ ରନ୍ ସହ ଟପ୍ ସ୍କୋରର ରହିଛନ୍ତି। ଋତୁରାଜ ଗାଏକ୍ୱାଡ ୫୬୪ ରନ୍ କରିଥିବା ବେଳେ ଉଭୟ ଖେଳାଳି ଦଳକୁ ଏକ ଦୃଢ ଆରମ୍ଭ ପ୍ରଦାନ କରିଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିବମ ଦୁବେ ୩୮୬ ରନ୍ କରିଥିବା ବେଳେ ଅଜିଙ୍କ୍ୟ ରାହାନେ ମଧ୍ୟ ୨୯୯ ରନ୍ କରିଛନ୍ତି। ଅନ୍‌କ୍ୟାପଡ ତୁଷାର ଦେଶପାଣ୍ଡେ ଚେନ୍ନାଇ ପାଇଁ ୨୧ ଉଇକେଟ ନେଇଥିବା ବେଳେ ମଥିଷା ପଥିରାନା ୧୭ ଉଇକେଟ ନେଇଛନ୍ତି। ଉଭୟ ଦଳ ବେଶ୍ ସନ୍ତୁଳିତ ରହିଥିବାରୁ କାହାକୁ ବି ଫେଭରିଟ୍ ମନେକରିବା ସହଜ ନୁହେଁ।



ଆଇପିଏଲ୍ ଟ୍ରଫି ସହ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

## ରୋଡ୍ ଟୁ ଫାଇନାଲ

### ଗୁଜରାଟ ଟାଇଟନ୍ସ

ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ୫ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ନିକଟରୁ ୩ ଉଇକେଟରେ ପରାସ୍ତ।
ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
ରାଜସ୍ଥାନ ବିପକ୍ଷରେ ୩ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୭ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୫୫ ରନ୍‌ରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୭ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫ ରନରେ ପରାସ୍ତ।
ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୯ ଉଇକେଟରେ ବିଜୟୀ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୫୬ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୭ ରନ୍‌ରେ ପରାସ୍ତ।
ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୩୪ ରନ୍‌ରେ ବିଜୟୀ।
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୬ ଉଇକେଟରେ ବିଜୟୀ।
କ୍ୱାଲିଫାୟର୍-୧: ଚେନ୍ନାଇ ସୁପରକିଙ୍ଗ୍ସ ନିକଟରୁ ୧୫ ରନ୍‌ରେ ପରାସ୍ତ।
କ୍ୱାଲିଫାୟର-୨ : ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୬୨ ରନ୍‌ରେ ବିଜୟୀ।


### ଚେନ୍ନାଇ ସୁପର କିଙ୍ଗ୍ସ

ଗୁଜରାଟ ଟାଇଟନ୍ସ ନିକଟରୁ ୫ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୧୨ ରନ୍‌ରେ ବିଜୟୀ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୭ ଉଇକେଟରେ ବିଜୟୀ।
ରାଜସ୍ଥାନ ରୟାଲ୍ସ ନିକଟରୁ ୩ ରନ୍‌ରେ ପରାସ୍ତ।
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୮ ରନ୍‌ରେ ବିଜୟୀ।
ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ୭ ଉଇକେଟରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୪୯ ରନ୍‌ରେ ବିଜୟୀ।
ରାଜସ୍ଥାନ ରୟାଲ୍ସ ନିକଟରୁ ୩୨ ରନ୍‌ରେ ପରାସ୍ତ।
ପଞ୍ଜାବ କିଙ୍ଗ୍ସ ନିକଟରୁ ୪ ଉଇକେଟରେ ପରାସ୍ତ।
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ବର୍ଷା ପାଇଁ ବାତିଲ।
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୬ ଉଇକେଟରେ ବିଜୟୀ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୭ ରନରେ ବିଜୟୀ।
କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୬ ଉଇକେଟରେ ପରାସ୍ତ।
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୭୭ ରନରେ ବିଜୟୀ।
କ୍ୱାଲିଫାୟର୍-୧: ଗୁଜରାଟ ଟାଇଟନ୍ସ ବିପକ୍ଷରେ ୧୫ ରନରେ ବିଜୟୀ।

## 'ସିଏସ୍‌କେ ପାଇଁ ସହଜ ହୋଇ ନ ପାରେ'

ନୂଆଦିଲ୍ଲୀ, ୨୭।୫ (ପି.ଟି.)

ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର। ଏହି ଖେଳାଳିଙ୍କ ଶାନ୍ତ ସ୍ୱଭାବ ତାଙ୍କୁ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ କଥା ମନେପକାଇ ଦିଏ। ପାଣ୍ଡ୍ୟାଙ୍କ ସଫଳ ନେତୃତ୍ୱରେ ଟାଇଟନ୍ସ କ୍ରମାଗତ ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର-୨ରେ ଗୁଜରାଟ ୬୨ ରନରେ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦେଇଛି। ରବିବାର ଫାଇନାଲରେ ଏହି ଦଳ ୪ଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ଭେଟିବ। ଧୋନୀଙ୍କ ପ୍ରତି ହାର୍ଦ୍ଦିକଙ୍କ ସମ୍ମାନ ଓ ଭଲ ପାଇବା ରହିଛି। ଉଇକେଟକିପର ବ୍ୟାଟରଙ୍କୁ ସେ ଅନୁସରଣ ମଧ୍ୟ କରନ୍ତି। ରବିବାର ଫାଇନାଲ ପୂର୍ବରୁ ଉଭୟଙ୍କ ମଧ୍ୟରେ ଟସ୍ ସ୍ମିତହାସ୍ୟ ଯୁକ୍ତ ବନ୍ଧୁତ୍ୱପୂର୍ଣ୍ଣ ରହିବ। ପଡିଆରେ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ଦେଖିବାକୁ ମିଳିବ। ସେ କେତେ ଶୀଘ୍ର ଧୋନୀଙ୍କଠାରୁ ସବୁକିଛି ଶିଖି ଯାଇଛନ୍ତି ତାହାକୁ କାର୍ଯ୍ୟରେ ଦେଖାଇବା ଲାଗି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତି ଏହା ଏକ ବଡ଼ ସୁଯୋଗ। ଗୁଜରାଟ ଟାଇଟନ୍ସର ଉଦ୍‌ଘାଟନୀ ସିଜନରେ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଦଳ ପ୍ରଥମ ଆଇପିଏଲ୍ ଟାଇଟଲ ଜିତିଥିଲା। ଗୁଜରାଟ ଦଳର ସଫଳତା ପଛରେ କୋଚ୍ ଆଶିଷ ନେହେରାଙ୍କ ଭୂମିକାକୁ ଏଡାଇ ହେବନାହିଁ। ଚେଞ୍ଜ୍ ରୁମ୍ ହେଉ ଅବା କମେଣ୍ଟ୍ରି ବକ୍ସ ସେ ହାସ୍ୟରୋଳ ସୃଷ୍ଟି କରିଥାନ୍ତି। ସେ ସହଜ ସରଳ ମନେ ହୋଇଥାନ୍ତି, ମାତ୍ର ତାଙ୍କର ତୀକ୍ଷ୍ଣ କ୍ରିକେଟ ମସ୍ତିଷ୍କ ରହିଛି। ଗୁଜରାଟ କ୍ୱାଲିଫାୟର-୧ରେ ସିଏସ୍‌କେଠାରୁ ପରାସ୍ତ ହୋଇଛି। ଏହି ଦଳ ରବିବାର ଫାଇନାଲରେ ପୁଣି ଥରେ ଧୋନୀ ବାହିନୀକୁ ଭେଟିବ। ଗାଭାସ୍କର କହିଛନ୍ତି, ସିଏସ୍‌କେ ପାଇଁ ଏହି ମୁକାବିଲା କଠିନ ହେବ।


ସୁନୀଲ ଗାଭାସ୍କର

## କୋହଲିଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍



ଅହମଦାବାଦ, ୨୭।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ କରିବାର ରେକର୍ଡ ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲିଙ୍କ ନାମରେ ରହିଛି। ୨୦୧୬ ସଂସ୍କରଣରେ କୋହଲି ୪ ଶତକ ସହିତ ୯୭୩ ରନ୍ ସ୍କୋର କରିଥିଲେ। ଅଦ୍ୟାବଧି ଶୁବମନ୍ ଗିଲ୍ ଚଳିତ ସଂସ୍କରଣରେ ୧୬ଟି ମ୍ୟାଚରୁ ୬୦.୭୯ ଆଭରେଜ ସହିତ ୮୫୧ ରନ୍ ସ୍କୋର କରିଛନ୍ତି। ଅନ୍ୟ ପକ୍ଷରେ ବିରାଟ ୨୦୧୬ ସିଜନରେ ସମାନ ୧୬ ମ୍ୟାଚ୍ ଖେଳି ୪ ଶତକ ଓ ୭ ଅର୍ଦ୍ଧଶତକ ସହିତ ୯୭୩ ରନ୍ ସ୍କୋର କରିଛନ୍ତି। ୨୦୧୬ ସଂସ୍କରଣ ପରଠାରୁ କୌଣସି ବି ଖେଳାଳି କୋହଲିଙ୍କ ରେକର୍ଡ ଭାଙ୍ଗି ପାରି ନାହାନ୍ତି। ଏପରିକି କୌଣସି ଖେଳାଳି ୯୦୦ ରନ୍ ମାଇଲଖୁଣ୍ଟ ଛୁଇଁବାରେ ମଧ୍ୟ ସଫଳ ହୋଇନାହାନ୍ତି। ଚେନ୍ନାଇ ବିପକ୍ଷ ଫାଇନାଲରେ ଯଦି ଗିଲ୍ ୧୨୩ ରନ୍ କରନ୍ତି ତେବେ ସେ କୋହଲିଙ୍କ ରେକର୍ଡ ଭାଙ୍ଗି ପାରିବେ। ୨୦୨୨ ସିଜନରେ ଜୋଶ ବଟଲର ୧୭ ମ୍ୟାଚ୍ ଖେଳି ୮୬୩ ରନ୍ ସ୍କୋର କରିଥିଲେ। ସେ ୪ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ମାରିଥିବା ବେଳେ ତାଙ୍କର ଆଭରେଜ୍ ୫୭.୫୩ ରହିଥିଲା। ୨୦୧୬ରେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ୧୭ ମ୍ୟାଚ୍‌ରୁ ୯ ଅର୍ଦ୍ଧଶତକ ସହିତ ୮୪୮ ରନ୍ ସ୍କୋର କରିଛନ୍ତି। ତାଙ୍କର ଆଭରେଜ୍ ୬୦.୫୭ ରହିଥିଲା। ଏହି ତାଲିକାର ପଞ୍ଚମ ସ୍ଥାନରେ ଅଛନ୍ତି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ୍। ୨୦୧୮ ସଂସ୍କରଣରେ ସେ ୧୭ ମ୍ୟାଚ୍ ଖେଳି ୭୩୫ ରନ୍ ସ୍କୋର କରିଥିଲେ। ଏହା ମଧ୍ୟରେ ୮ ଅର୍ଦ୍ଧଶତକ ସାମିଲ ଥିବା ବେଳେ ତାଙ୍କର ଆଭରେଜ୍ ୫୨.୫୦ ରହିଥିଲା। ଅଦ୍ୟାବଧି ସେ ୱାର୍ନରଙ୍କୁ ଅତିକ୍ରମ କରି ସାରିଥିବା ବେଳେ ରବିବାର ମ୍ୟାଚ୍‌ରେ ୧୩ ରନ୍ କଲେ ବଟଲରଙ୍କୁ ମଧ୍ୟ ଅତିକ୍ରମ କରିବେ।

## ୨୫୦ ତମ ମ୍ୟାଚ୍ ଖେଳିବେ ଧୋନୀ

ଅହମଦାବାଦ, ୨୭।୫: ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)ରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ନିଜ ନାମରେ କରିବାକୁ ଯାଉଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ରବିବାର ଫାଇନାଲ ମ୍ୟାଚ୍ ଖେଳିଲେ ଧୋନୀ ପ୍ରଥମ ଖେଳାଳି ଭାବରେ ଆଇପିଏଲରେ ନିଜର ୨୫୦ ତମ ମ୍ୟାଚ୍ ଖେଳିବେ। ୨୦୦୮ ମସିହାରେ ପ୍ରଥମ ଥର ଆଇପିଏଲ ଖେଳିଥିବା ଧୋନୀ ୨୦୧୫ ଯାଏ ଚେନ୍ନାଇ ପାଇଁ ଖେଳିଥିଲେ। ୨ ବର୍ଷ ପାଇଁ ଚେନ୍ନାଇ ବ୍ୟାନ୍ ହେବା କାରଣରୁ ରାଇଜିଂ ପୁନେ ସୁପର ଜାଏଣ୍ଟ୍ସ ପାଇଁ ୨ଟି ସିଜନ ଖେଳିଥିଲେ। ଅଧିନାୟକ ଭାବରେ ସର୍ବାଧିକ ଥର ପ୍ଲେ ଅଫ୍ ଓ ଫାଇନାଲରେ ପ୍ରବେଶ କରିବାର ରେକର୍ଡ ଧୋନୀଙ୍କ ନାମରେ ରହିଛି। ପ୍ରଥମ ଖେଳାଳି ଭାବରେ ଧୋନି ୨୫୦ ତମ ମ୍ୟାଚ ଖେଳୁଥିବା ବେଳେ ୨୪୩ ମ୍ୟାଚ୍ ସହିତ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୀନେଶ କାର୍ତ୍ତିକ(୨୪୨), ବିରାଟ କୋହଲି(୨୩୭) ଓ ରବୀନ୍ଦ୍ର ଜାଡେଜା(୨୨୫) ଯଥାକ୍ରମେ ଏହି ତାଲିକାର ତୃତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

## ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

ଲଣ୍ଡନ, ୨୭।୫ (ପି.ଟି.)

ୟୁରୋପ ପର୍ଯ୍ୟାୟ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ-ଲିଗ୍‌ରେ ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ ହୋଇଛି। ଦଳ ୨-୪ ଗୋଲ୍‌ରେ ଗ୍ରେଟ୍ ବ୍ରିଟେନଠାରୁ ହାରିଯାଇଛି। ଖେଳର ୬ଷ୍ଠ ମିନିଟରେ ଗ୍ରେଟ୍ ବ୍ରିଟେନର ଟିମୋଥି ନର୍ସ ଏକ ଫିଲ୍ଡ ଗୋଲ୍ ଦେଇଥିଲେ। ହାମନପ୍ରୀତ ୧୩ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ସୋର୍ସବି ଥୋମାସ ଓ ଲି ମୋର୍ଟନ ଯଥାକ୍ରମେ ୩୧ତମ ଓ ୩୩ତମ ମିନିଟ୍‌ରେ ଗୋଲ ସ୍କୋର କରି ବ୍ରିଟେନର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିଲେ। ପରେ ୪୨ତମ ମିନିଟ୍‌ରେ ହରମନପ୍ରୀତ ଏକ ପେନାଲ୍ଟି କର୍ନର ଜରିଆରେ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଏହାଦ୍ୱାରା ୩୫ ଗୋଲ୍ ସହ ସେ ପ୍ରୋ-ଲିଗ୍‌ର ଅଲ୍ ଟାଇମ୍ ଟପ୍ ସ୍କୋରର ହୋଇପାରିଛନ୍ତି। ଲି ଭ୍ୟାଲି ହକି ସେଣ୍ଟରଠାରେ ଅନୁଷ୍ଠିତ ମ୍ୟାଚରେ ଗ୍ରେଟ୍ ବ୍ରିଟେନ ତରଫରୁ ଚତୁର୍ଥ ଗୋଲ ବ୍ୟାଣ୍ଡରକ୍ ନିକୋଲାସ ସ୍କୋର କରିଥିଲେ।

## ପାରୁଲ ଚୌଧାରୀଙ୍କୁ ବ୍ରୋଞ୍ଜ ପଦକ

ଲସଏଞ୍ଜେଲ୍ସ, ୨୭।୫

ଭାରତୀୟ ମଧ୍ୟମ ଦୂରଗାମୀ ଧାବିକା ପାରୁଲ ଚୌଧାରୀଙ୍କୁ ଆଉ ଏକ ସଫଳତା। ପାରୁଲ୍ ଶୁକ୍ରବାର ଅନୁଷ୍ଠିତ ୟୁଏସ୍‌ଏଟିଏଫ୍ ଲସଏଞ୍ଜେଲ୍ସ ଗ୍ରାଁ ପ୍ରିରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ପାରୁଲ ୯.୨୯.୫୧ ମିନିଟର ସମୟ ନେଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ମ୍ୟାଡି ବୋରମ୍ୟାନ୍ ୯.୨୨.୯୯ ମିନିଟର ସମୟ ନେଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପୋଲାଣ୍ଡର ଆଲିସା କୋନିଜେକ୍ ୯.୨୫.୫୧ ମିନିଟର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ମହିଳା ୮୦୦ ମିଟର ରେସ୍‌ରେ ଭାରତର ଲିଲି ଦାସ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ଲିଲି ୨.୦୫.୨୭ ମିନିଟର ସମୟ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ଟେସ୍ କିର୍ସୋପ୍ କୋଲ୍ ୨.୦୩.୯୬ ମିନିଟର ସମୟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୧୫୦୦ ମିଟର ଦୌଡରେ ନିରାଶ କରିଛନ୍ତି ଜିନସନ୍ ଜନସନ୍ ଓ ରାହୁଲ। ଉଭୟ ଯଥାକ୍ରମେ ୧୧ ଓ ୧୨ ତମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।




## କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଡି' ବିଜୟୀ

କଳାହାଣ୍ଡି କପ୍ କ୍ରିକେଟ

ଭୁବନେଶ୍ୱର, ୨୭।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ସିପର ଲିଗ୍ କଳାହାଣ୍ଡି କପ୍‌ରେ ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ କଟକ 'ଏ' ଓ ଅବଶିଷ୍ଟ ଓଡ଼ିଶା 'ଡି' ବିଜୟ ଲାଭ କରିଛନ୍ତି। କଟକର ସନ୍ ସାଇନ ଗ୍ରାଉଣ୍ଡରେ ଦୁଇ ଦିନିଆ ଫର୍ମାଟରେ ଖେଳାଯାଇଥିବା ଏକ ମ୍ୟାଚରେ କଟକ 'ଏ' ୧୬ ରନରେ ଅବଶିଷ୍ଟ ଓଡ଼ିଶା 'ସି'କୁ ପରାସ୍ତ କରିଛି।

ଏହି ମ୍ୟାଚରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ୭୩.୩ ଓଭରରେ ୨୩୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାମ ସି. ବେହେରା ୬୦, ସନ୍ଦୀପ ୫୨ ଏବଂ ସୌଭାଗ୍ୟ ମିଶ୍ର ୪୧ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ସି' ଦଳର ପପୁ ରୟ ଓ ନିରଞ୍ଜନ ଗୌଡ଼ ୩ଟି ଲେଖାଏଁ ଗୋଲ୍ ସ୍କୋର କରଇଥିଲେ। ୨୩୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅବଶିଷ୍ଟ 'ସି' ଓଡ଼ିଶା ଦଳ ୬୧.୩ ଓଭରରେ ୨୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରେ ଅଶ୍ୱିନ ଖଟେଇ ୫୮, ଆଦିତ୍ୟ ରାଉତ ୫୭ ଓ ଆକାଶ ମହାପାତ୍ର ୪୪ରନ କରିଥିଲେ। କଟକ 'ଏ' ଦଳର ରମେଶ ବେହେରା ଓ ତାପସ ଦାସ ୩ଟି ଲେଖାଏଁ ଏବଂ ରାମ ସି. ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଅବଶିଷ୍ଟ ଓଡ଼ିଶା 'ଡି' ୧୬୮ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

ଏଥିରେ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ୯୦ ଓଭରରେ ୬ଉଇକେଟ ବିନିମୟରେ ୩୭୯ ରନ କରିଥିଲେ। ବିନାୟକ ସାହୁ ୧୬୨ ରନ କରିଥିବା ବେଳେ କିଷାନ ରଥ ୯୧, ଅମିତ କେ. ସାହୁ ୫୦ ରନ କରଇଥିଲେ। ବିପକ୍ଷ ଦଳର ରାଜ କେ. ପଟେଲ ୩ ଏବଂ ପୁଷ୍କର ରାଜ ୨ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଝାରସୁଗୁଡ଼ା ୬୮.୪ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଧନଞ୍ଜୟ ଯାଦବ ୬୯ ଓ ମହମ୍ମଦ ଏସ୍. ଅର୍ମାନ ୬୪ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା 'ଡି'ର ଦେବେନ୍ଦ୍ର କନୱାର ଓ ଅଙ୍କିତକର ଜୈସ୍ୱାଲ ୩ଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ପ୍ରଥମ ମ୍ୟାଚରେ ରାମ ସି. ବେହେରା (୬୦ରନ ଓ ୨ ଉଇକେଟ) ଏବଂ ଦ୍ୱିତୀୟ ମ୍ୟାଚରେ ବିନାୟକ ସାହୁ (୧୬୮ ବଲ୍‌ରୁ ୧୬୨ରନ) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବିନାୟକ ସାହୁ


ରାମ ବେହେରା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ମେ ୨୮/୨୦୨୩ Bhubaneswar, Sunday, May 28/ 2023

# ଭାରତୀୟ ମହିଳା ହକି ଦଳର ବିଜୟ

**ଆଡିଲେଡ୍, ୨୭।୫ (ପି.ଟି.)**

ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଭାରତୀୟ ମହିଳା ହକି ଦଳ ଏହାର ୫ମ ତଥା ଅନ୍ତିମ ଗେମ୍‌ରେ ଉନ୍ନତ ପ୍ରଦର୍ଶନ କରିଛି। ଶନିବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଭାରତ ୨-୧ ଗୋଲ୍‌ରେ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ନବନୀତ କୌର (୧୦ମ ମିନିଟ୍) ଓ ଦୀପ୍ ଗ୍ରେସ୍ ଏକ୍କା (୨୫ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ଅଷ୍ଟ୍ରେଲିଆ 'ଏ' ତରଫରୁ ଆବିଗେଲ୍ ୱିଲସନ (୨୨ତମ) ଏକମାତ୍ର ଗୋଲେ ସ୍କୋର କରିଥିଲେ। ଗତ ମ୍ୟାଚରେ ୩-୨ରେ ବିଜୟ ଲାଭ କରିଥିବା ଅଷ୍ଟ୍ରେଲିଆ 'ଏ' ଦୃଢ଼ ଆତ୍ମବିଶ୍ୱାସର ଖେଳ ଆରମ୍ଭ କରିଥିଲା ଏବଂ ବଲକୁ ନିଜ ଅକ୍ତିଆରରେ ରଖିଥିଲା। କିନ୍ତୁ ଗୁରଜିତ କୌର ସତର୍କ ରହିଥିଲେ। ସେ ବିପକ୍ଷ ଦଳର ଖେଳାଳିଙ୍କୁ ସର୍କଲ ମଧ୍ୟରେ ପ୍ରବେଶ କରିବା ଲାଗି କୌଣସି ସୁଯୋଗ ଦେଇ ନ ଥିଲେ। ମାତ୍ର ଭାରତ ଶୀଘ୍ର ୩ଟି ପେନାଲ୍ଟି କର୍ନର ସୁଯୋଗ ପାଇ ଅଷ୍ଟ୍ରେଲିଆ ଏ' ରକ୍ଷଣଭାଗ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ଏହାର ସୁଯୋଗରେ ନଭନୀତ କୌର ଏକ ରିଭର୍ସ ହିଟ୍ ଜରିଆରେ ଭାରତ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତର ଆରମ୍ଭ ଜୋରଦାର ଥିଲା। ମାତ୍ର ଅଷ୍ଟ୍ରେଲିଆ ଶୀଘ୍ର ଏକ ପ୍ରତିଆକ୍ରମଣ କରି ଗୋଲ୍ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଅଧିନାୟକ ସବିତା ଚମତ୍କାର ଗୋଲ୍ ରକ୍ଷଣ କରି ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ 'ଏ' ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ଆବିଗେଲ୍ ଏକ ଡ୍ରାଗ୍ ଫ୍ଲିକ୍ ଜରିଆରେ ମ୍ୟାଚକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଥିଲେ। ତେବେ ଏହାର କିଛି ମିନିଟ ପରେ ଦୀପ୍‌ଗ୍ରେସ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଖେଳର ଶେଷ ମୁହୂର୍ତ୍ତରେ ଭାରତ ନିଜ ଅକ୍ତିଆରରେ ବଲ୍‌କୁ ରଖି ଆୟୋଜକ ଦଳକୁ କୌଣସି ସୁଯୋଗ ସୃଷ୍ଟି କରିବାକୁ ଦେଇ ନ ଥିଲେ।

## ଦାରୁବାଲାଙ୍କୁ ଦ୍ୱିତୀୟ ସ୍ଥାନ

**ମୋନାକୋ, ୨୭।୫ (ପି.ଟି.):** ଭାରତର ଜେହାନ ଦାରୁବାଲା ଏଠାରେ ଶନିବାର ଅନୁଷ୍ଠିତ ଫର୍ମୁଲା ୨ ଚାମ୍ପିୟନଶିପ୍ ସ୍ପ୍ରିଣ୍ଟ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଡଚ୍ ଟିମ୍ ଏମ୍‌ପି ମୋଟରସ୍ପୋର୍ଟ୍ସ ତରଫରୁ ରେସ୍‌ରେ ଭାଗ ନେଇଥିବା ଏହି ୨୪ ବର୍ଷୀୟ ଭାରତୀୟ ଜାପାନର ଆୟୁମୁ ଇୱାସାଙ୍କ ପଛରେ ରହିଥିଲେ।




# ଜାତୀୟ ସବ୍‌ଜୁନିୟର ଭଲିବଲ ପାଇଁ ଓଡ଼ିଶା ଦଳ



ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ବାଳିକା ଓ ବାଳକ ଦଳ।

**ଭୁବନେଶ୍ୱର, ୨୭।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୪୫ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ (ବାଳକ ଓ ବାଳିକା) ପଶ୍ଚିମବଙ୍ଗର ହୁଗୁଳି ଅନ୍ତର୍ଗତ ଚାନ୍ଦେରନାଗୋରଠାରେ ଅନୁଷ୍ଠିତ ହେଉଛି। ଏଥିରେ ଯୋଗ ଦେବାଲାଗି ଓଡ଼ିଶା ଦଳ ଶନିବାର ହୁଗ୍‌ଲି ଯାତ୍ରା କରିଛି।

**ବାଳକ ଦଳ:** ଶିମନ ବେହେରା (ଅଧିନାୟକ), ସୁବା ଧର୍ମୁ ରାଜୀବ ଲୋଚନ ଜେନା, ମହମ୍ମଦ ଅଫସର, ମୁକେଶ କୁମାର ପ୍ରଧାନ, ଦେବାଶିଷ ଜେନା, ଶୁଭମ ଜେନା, ପୀୟୂଷ ପ୍ରତୀକ ପ୍ରଧାନ, ଶଶିକାନ୍ତ ବେହେରା, ପବୀତ୍ର ମୋହନ ଗିରି, ରୋହିତ ମହାନ୍ତି, ଚନ୍ଦନ ରାଉତ। ଟିମ୍ ମ୍ୟାନେଜର: ସତ୍ୟ ରଞ୍ଜନ ସ୍ୱାଇଁ, ମୁଖ୍ୟ କୋଚ୍: ସୁଶାନ୍ତ କୁମାର ପଣ୍ଡା।

**ବାଳିକା ଦଳ:** ଲିମା ସାହୁ (ଅଧିନାୟିକା), ନିରୁପମା ସେଠୀ, ବର୍ଷା ପ୍ରିୟଦର୍ଶିନୀ ପାଲ୍, ଇତିଶ୍ରୀ ରାଉତ, ପୁନିତା ମୁଣ୍ଡା, କବିତା ମାଝି, କବିତା ସିଂ, ପୂର୍ଣ୍ଣିମା ସିଂ, ଲିପିକା ଖେସ୍, ବର୍ଷାରାଣୀ ନାୟକ, ନିକିତା ପିଙ୍ଗ୍ ଓ ପ୍ରମିଳା ମାଝି। କୋଚିଂ କ୍ୟାମ୍ପ ଓ ସିଲେକ୍ସନ ଟ୍ରାଏଲ୍ ପାଇଁ କିଟ୍ ୟୁନିଭର୍ସିଟି କ୍ୟାମ୍ପସ ଯୋଗାଇ ଦେଇଥିବାରୁ ଓଡ଼ିଶା ଭଲିବଲ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଣୟ ଫାଇନାଲରେ

**କୁଆଲାଲମ୍ପୁର, ୨୭।୫ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ପ୍ରଣୟ ୧୯-୧୭ରେ ଅଗ୍ରଣୀ ରହିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଇଣ୍ଡୋନେସିଆର ଖ୍ରିଷ୍ଟିଆନ ଅଦିନାତା ଆଣ୍ଠୁରେ ଆଘାତପ୍ରାପ୍ତ ହୋଇ ଓହରିଯାଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ